

୯ ବର୍ଷ ପରେ ଇସ୍ରାଏଲ ଯିବେ ମୋଦି!
ପୃଷ୍ଠା ୪

# ସଂଚାର

THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




Vol. 33 | ISSUE 325 ଭାଗ ୩୩ | ସଂଖ୍ୟା ୩୨୫
Tuesday 17 February 2026 | Page 8 Rs. 5.00
ଭୁବନେଶ୍ୱର ମଙ୍ଗଳବାର ୧୭ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ଏସ୍‌ଓପି ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

# ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ଗଣତିମଣତି



**୧୯୭୮ ତାଲିକା ସହ ମେଳକ କରାଯିବ**

**ଅଳଙ୍କାରାଦିର ଫଟୋ ସହ ଡିଜିଟାଲ୍ କାଟାଲଗ୍ କରାଯିବ**

ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଖୁବ୍‌ଶୀଘ୍ର ଗଣତି-ମଣତି ଆରମ୍ଭ ହେବ। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ସ୍ପଷ୍ଟ କରାଯାଇଛି। ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିକଟରେ ଏ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଛନ୍ତି। ଗଣତି-ମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତି ମଧ୍ୟରେ ସରିଛି। ସମଗ୍ର ପ୍ରକ୍ରିୟା ୯୫ ଦିନରେ ଓ ୩୩୩ ଘଣ୍ଟାର କାମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ କରାଯାଇଛି। ବର୍ତ୍ତମାନ ଗଣତି ମଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ।

ବୈଠକରେ ହୋଇଥିବା ଆଲୋଚନା ଅନୁସାରେ, ଗଣତି ମଣତି ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏସ୍‌ଓପି ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଅନୁମୋଦନ ପରେ ଏହା ଆରମ୍ଭ କରାଯିବ। କଡ଼ା ସୁରକ୍ଷା ମଧ୍ୟରେ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ପୃଷ୍ଠା-୬

### ଆଜିଠୁ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା

# ୨୪ ଘଣ୍ଟା ପୂର୍ବରୁ ଆସିଲା ମାର୍ଗଦର୍ଶିକା



**୧୦ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ନ ପହଞ୍ଚିଲେ ଗେଟ୍ ବନ୍ଦ**

**ପରୀକ୍ଷା କେନ୍ଦ୍ରକୁ ବୈଦ୍ୟୁତିକ ଉପକରଣ ମନା**

**ଦ୍ୱାଦଶ ବୋର୍ଡ ପରୀକ୍ଷାର୍ଥୀଙ୍କ ପାଇଁ ନୂଆ ନିୟମ**

**ସ୍କୋର ବଢ଼ାଇବାକୁ ଗୋଟିଏ ବିଷୟରେ ସପ୍ଲିମେଣ୍ଟାରୀ**

ନୂଆଦିଲ୍ଲୀ,୧୬।୨(ସଂଚାର ବ୍ୟୁରୋ): ମଙ୍ଗଳବାରରୁ ଆରମ୍ଭ ହେଉଛି ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା। ଉଭୟ ଶ୍ରେଣୀର ମୋଟ ୪୬ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷାର ୨୪ ଘଣ୍ଟା ପୂର୍ବରୁ ଛାତ୍ରଛାତ୍ରୀଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛି ସିବିଏସଇ। ସିବିଏସଇ ବୋର୍ଡ ପରୀକ୍ଷା ସକାଳ ୧୦ଟା ୩୦ ମିନିଟରୁ ଆରମ୍ଭ ହେବ। ବୋର୍ଡ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରକୁ ୧୦ ସୁଦ୍ଧା ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା କେନ୍ଦ୍ରରେ ସକାଳ ୧୦ଟା ଯାଏ ହିଁ ପ୍ରବେଶ କରିବାକୁ ଅନୁମତି ମିଳିବ। ଏହା ପରେ ଗେଟ ବନ୍ଦ କରିଦିଆଯିବ। ତେଣୁ ପରୀକ୍ଷାର୍ଥୀମାନଙ୍କୁ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ସିବିଏସଇ ସଚେତନ କରିଛି।

ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ପ୍ରବେଶପତ୍ର ସହ ପରୀକ୍ଷା କେନ୍ଦ୍ରକୁ ଆସିବା ବାଧ୍ୟତାମୂଳକ। ବିନା ଆଡମିଟ୍ କାର୍ଡରେ ପରୀକ୍ଷା ହଲରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ଏହି କ୍ଷେତ୍ରରେ ସଂପୃକ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେବାରୁ ଅଯୋଗ୍ୟ ଘୋଷିତ ହୋଇପାରନ୍ତି। ରେଗୁଲାର୍ ମୋଡ୍ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ସ୍କୁଲ ୟୁନିଫର୍ମ ପିନ୍ଧି ଯିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟ ମୋଡ୍ ଛାତ୍ରଛାତ୍ରୀମାନେ ସାଦା ସାର୍ଟ, ଟି-ସାର୍ଟ ଏବଂ ସାଦା ପ୍ୟାଣ୍ଟ କିମ୍ବା ଟ୍ରାଉଜର ପିନ୍ଧିପାରିବେ। ଛାତ୍ରୀମାନଙ୍କୁ ଭାରୀ ପୋଷାକ, ଏମ୍ବ୍ରୋଡେରୀ କିମ୍ବା ଲେୟର ଥିବା ପୋଷାକ, କାନଫୁଲ, ନାକପିନ୍, ଆଙ୍କଲେଟ୍, ବ୍ରେସଲେଟ୍, ମୁଦି ଓ ଅନ୍ୟ ଅଳଙ୍କାର ନ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି।

ପରୀକ୍ଷା କେନ୍ଦ୍ରକୁ ସ୍ମାର୍ଟୱାଚ୍, କାଲକୁଲେଟର, ମୋବାଇଲ୍ ଫୋନ୍, ବ୍ଲୁଟୁଥ୍ କିମ୍ବା ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ ଭଳି ସାମଗ୍ରୀକୁ ପୃଷ୍ଠା-୬

### 'ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା'କୁ ଉଦ୍‌ଘାଟନ କଲେ କେନ୍ଦ୍ର ମନ୍ତ୍ରୀ

# ବିଶ୍ୱ ଦରବାରରେ ପହଞ୍ଚିବ ସମ୍ବଲପୁରର ବୌଦ୍ଧିକ ଓ ଶ୍ରମ ଶକ୍ତି

**ସୁଭଦ୍ରା ଶକ୍ତି ଓ କୃଷି ଯନ୍ତ୍ରପାତି ମେଳା ବୁଲିଲେ କେନ୍ଦ୍ରମନ୍ତ୍ରୀ**

**ଜିଲ୍ଲାରେ ୩୧ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ କିଣାସରିଛି**



ସମ୍ବଲପୁର,୧୬।୨(ସଂଚାର ବ୍ୟୁରୋ): ଗରିବ ଓ ସାଧାରଣ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଆମ ସରକାରଙ୍କ ପ୍ରାଥମିକତା। ଏହି ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାର ୩ ଲକ୍ଷ ପରିବାର ତଥା ୧୫ ଲକ୍ଷ ଜନସାଧାରଣଙ୍କୁ ମୌଳିକ ସୁବିଧା ଦେବା ସହ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ତଥା ଜୀବନଜୀବିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସୋମବାର ସ୍ଥାନୀୟ ଅଇଁଠାପାଲିରେ ଆୟୋଜିତ ସୁଭଦ୍ରା ଶକ୍ତି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ପୃଷ୍ଠା-୬

# ଆଜିଠୁ ବିଧାନସଭା ବଜେଟ୍ ଅଧିବେଶନ



**ଶୃଙ୍ଖଳିତ ଗୃହକାର୍ଯ୍ୟ ପାଇଁ ବାଚସ୍ପତି ଲୋଡ଼ିଲେ ସହଯୋଗ**

**ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ଅଧିବେଶନ**

**୨୦ରେ ଉପସ୍ଥାପିତ ହେବ ୨୦୨୬-୨୭ ବଜେଟ୍**

**ଧାନ, ମହାନଦୀ, ପିୟୁସିସି ପ୍ରସଙ୍ଗରେ କମ୍ପିବ ବିଧାନସଭା**

**ବିରୋଧୀଙ୍କ ପାଇଁ ଅଧିକ ସମୟ ଦାବି କଲେ କାଡାମ**

ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ବିଧାନସଭାର ବଜେଟ ଅଧିବେଶନ। ଅଧିବେଶନ ପୂର୍ବରୁ ଆଜି ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ସୁରୁଖୁରୁରେ ଗୃହ କାର୍ଯ୍ୟ ପରିଚାଳନା ନେଇ ଆଲୋଚନା କରିଛନ୍ତି। ମଙ୍ଗଳବାରଠାରୁ ବଜେଟ ଅଧିବେଶନ ଆରମ୍ଭ ହୋଇ ୨୯ ଦିନ ଧରି ଚାଲିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୦ ତାରିଖରେ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ସେପଟେ ସରକାରଙ୍କୁ ଘେରିବାକୁ ବିରୋଧୀ ଦଳମାନେ ପ୍ରସଙ୍ଗ ଧରି ପ୍ରସ୍ତୁତ ହୋଇ ରହିଛନ୍ତି।

ଏଥର ବଜେଟ୍ ଅଧିବେଶନରେ ବହିବ ଧାନ ମଣ୍ଡି ଝଡ଼। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଏ ନେଇ ମାଳମାଳ ଅଭିଯୋଗ ଆସୁଛି। ଅନେକ ସ୍ଥାନରେ ଚାଷୀ ଆନ୍ଦୋଳନ ଚାଲିଛି। ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ରାଜରାସ୍ତାରେ ଗର୍ଜନ କରୁଛନ୍ତି। ସରକାର ବି ଜଣେ ଚାଷୀଙ୍କଠାରୁ ୧୫୦ କ୍ୱିଣ୍ଟାଲ୍‌ରୁ ଅଧିକ ଧାନ ନ କିଣିବାକୁ ନିୟମ କରିଥିବାରୁ ପଶ୍ଚିମ ଓଡ଼ିଶାର ବିଧାୟକମାନେ ଖପ୍ପା ପୃଷ୍ଠା-୬

# ପୂର୍ବତନ ବିଧାୟିକା ରାସେଶ୍ୱରୀଙ୍କ ପରଲୋକ

**୨୦୧୪ରେ ବିଜେଡି ଟିକେଟ୍‌ରୁ ନିର୍ବାଚିତ ହୋଇଥିଲେ**

**ଚିକିତ୍ସା କ୍ଷେତ୍ରରେ ବେଶ୍ ପ୍ରତିଷ୍ଠିତ ଥିଲେ**

**ମୁଖ୍ୟମନ୍ତ୍ରୀ, ଧର୍ମେନ୍ଦ୍ର ଓ ନବୀନଙ୍କ ଶୋକ**



ସମ୍ବଲପୁର,୧୬।୨(ସଂଚାର ବ୍ୟୁରୋ): ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ବିଶିଷ୍ଟ ସମାଜସେବୀ ଏବଂ ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଚିକିତ୍ସକ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କର ଆଜି ୭୯ ବର୍ଷ ବୟସରେ ପରଲୋକ ହୋଇଛି। ଆଜି ସକାଳେ ଡାକ୍ତର ପାଣିଗ୍ରାହୀ ଠିକ୍ ଭାବେ ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଅନୁଭବ କରିବାରୁ ତାଙ୍କ ଶାନ୍ତିନଗରସ୍ଥିତ ବାସଭବନରେ ଡାକ୍ତର ପହଞ୍ଚି ଯାଞ୍ଚ କରିଥିଲେ। ତାଙ୍କୁ ଅକ୍ସିଜେନ୍ ସପୋର୍ଟରେ ରଖାଯାଇଥିବା ବେଳେ ଫୁସଫୁସ ସଂକ୍ରମଣ ଯୋଗୁଁ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରେ ରାତି ପ୍ରାୟ ୮ଟା ୫୦ ମିନିଟ୍ ସମୟରେ ସେ ପ୍ରାଣତ୍ୟାଗ କରିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ପାଖାପାଖି ବର୍ଷେ ତଳେ ଡା. ପାଣିଗ୍ରାହୀ ସ୍ନାୟୁଜନିତ ସମସ୍ୟାରେ ପୀଡିତ ଥିବାରୁ ବିଶେଷ ଚଲାବୁଲା କରିପାରୁନଥିଲେ। ତେଣୁ ସେ ତାଙ୍କ ଘରେ ଏନେଇ ଚିକିତ୍ସିତ ହୋଇଆସୁଥିଲେ। ତେବେ ଗତକାଲି ସନ୍ଧ୍ୟାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ କ୍ରମଶଃ ଅବନତି ଘଟିଥିଲା। ଡା. ପାଣିଗ୍ରାହୀ ଗତ ୨୦୧୪ ନିର୍ବାଚନରେ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ୍‌ରେ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ରୋଗୀମାନଙ୍କୁ ସେବା କରିବା ପରେ ଡା. ପାଣିଗ୍ରାହୀ ସମାଜସେବା ଉଦ୍ଦେଶ୍ୟରେ ସେ ଜଣେ ଉତ୍ତମ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଭାବେ ସମ୍ବଲପୁର ବ୍ୟତୀତ ସମଗ୍ର ରାଜ୍ୟରେ ପୃଷ୍ଠା-୬

### ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଉଦ୍‌ଘାଟିତ

# ରାଷ୍ଟ୍ର ମୁଖ୍ୟ, ମନ୍ତ୍ରୀ ଓ ଗ୍ଲୋବାଲ ଏଆଇ ନେତୃବର୍ଗଙ୍କ ମହାମିଳନ

ନୂଆଦିଲ୍ଲୀ,୧୬।୨(ସଂଚାର ବ୍ୟୁରୋ): ସ୍ଥାନୀୟ ଭାରତ ମଣ୍ଡପମ୍‌ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆଜିଠାରୁ ଆରମ୍ଭ ହୋଇଛି। ପ୍ରଥମ ଥର ପାଇଁ ଗ୍ଲୋବାଲ ସାଉଥରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଏପରି ଏକ ବ୍ୟାପକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ ରାଷ୍ଟ୍ର ଓ

**ବିଶ୍ୱସ୍ତରୀୟ ଏଆଇ ସମ୍ମିଳନୀର ନେତୃତ୍ୱ ନେଇଛି ଭାରତ**

ସରକାରଙ୍କ ମୁଖ୍ୟ, ମନ୍ତ୍ରୀ, ବିଶ୍ୱ ପ୍ରଯୁକ୍ତି ନେତୃବର୍ଗ, ବିଶିଷ୍ଟ ଗବେଷକ, ବହୁମୁଖୀ ପ୍ରତିଷ୍ଠାନ ଓ ଶିଳ୍ପ ଅଂଶୀଦାରମାନେ ଭାଗ ନେଇଛନ୍ତି। ସମାବେଶୀ ବିକାଶକୁ ଆଗେଇନେବା, ସାର୍ବଜନୀନ ପ୍ରଣାଳୀକୁ ସୁଦୃଢ଼ କରିବା ଓ ଦୀର୍ଘସ୍ଥାୟୀ ବିକାଶକୁ ସକ୍ଷମ କରିବା ଲାଗି ଏଆଇର ଭୂମିକାକୁ ନେଇ ସମ୍ମିଳନୀରେ ବିଚାର ବିମର୍ଶ କରାଯାଉଛି।

ଆସନ୍ତା ୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନୀ ଅଭିଭାଷଣ ଦେବେ। ଏହି ଅବସରରେ ସେ ସମାବେଶୀ ଓ ଉତ୍ତରଦାୟୀ ଏଆଇ ପୃଷ୍ଠା-୬

# ୮ରେ 'ସୁଭଦ୍ରା'ର ଚତୁର୍ଥ କିସ୍ତି




ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଫ୍ଲାଗ୍‌ଶିପ୍ ଯୋଜନା 'ସୁଭଦ୍ରା'ର ହିତାଧିକାରୀମାନଙ୍କୁ ଆସନ୍ତା ମାର୍ଚ୍ଚ ୮ ତାରିଖରେ ମିଳିବ ପରବର୍ତ୍ତୀ କିସ୍ତି। ଏ ବାବଦରେ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟ୍‌କୁ ସିଧାସଳଖ ୫ ହଜାର ଟଙ୍କା ପଠାଯିବ। ଆନ୍ତର୍ଜାତିକ ମହିଳା ଦିବସରେ ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସକାଶେ ଉଦ୍ଦିଷ୍ଟ ଏହି ଟଙ୍କା ମହିଳାମାନେ ପାଇବେ। ଯୋଜନାରେ ପୂର୍ବରୁ ତିନିଟି କିସ୍ତିରେ ୧୫ ହଜାର ଟଙ୍କା ପାଇଥିବା ହିତାଧିକାରୀମାନେ ଏହି ଚତୁର୍ଥ କିସ୍ତି ବି ପାଇବା ସକାଶେ ଯୋଗ୍ୟ ହେବେ। ଉକ୍ତ ଦିନ ରାଜ୍ୟର ପାଖାପାଖି ୧ କୋଟି ମହିଳାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ଟଙ୍କା ପଠାଯିବ ବୋଲି ଆଜି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ସେ କହିଛନ୍ତି ଯେ ଗତ ୨୦୨୪ରେ ବିଜେପି କ୍ଷମତାକୁ ଆସିବା ପରେ ସରକାର ତୁରନ୍ତ ସୁଭଦ୍ରା ଯୋଜନା ପୃଷ୍ଠା-୬




# ଡବ୍ଲୁଓଡିସି, କେବିକେ, ଯୋଜନା ବୋର୍ଡ ଠପ୍

**ଖର୍ଚ୍ଚ ହୋଇପାରୁନି ଯୋଜନା ଅର୍ଥ**

**ଅମଲାଙ୍କ ପାଇଁ ସରକାର ହଲାପଟା**




ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ): ବଜେଟରେ ବିଭିନ୍ନ ବିଭାଗ ପାଇଁ ହେଉଥିବା ବ୍ୟୟବରାଦ ଖର୍ଚ୍ଚ ହୋଇ ନ ପାରିବା ଓ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀ ପୂରଣ କରି ନ ପାରିବା ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଦୁଇ ବର୍ଷର ସରକାର ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାକୁ ଯେତେ ଚେଷ୍ଟା କରୁଛନ୍ତି, ପ୍ରଶାସନିକ ବିଫଳତା ପାଇଁ ସେତିକି ନିନ୍ଦିତ ହେଉଛନ୍ତି। ବିକଶିତ ଓଡ଼ିଶାର ଲକ୍ଷ୍ୟ ନେଇ ଆଗକୁ ବଢୁଥିବା ସରକାରଙ୍କୁ ଅଫିସରଙ୍କ ବିଫଳତା ସବୁ କ୍ଷେତ୍ରରେ ବ୍ରେକ ଦେଉଥିବା ଭଳି ମନେ ହେଉଛି। ଆଉ ସରକାରୀ ସ୍ତରରେ ଏହି ବିଫଳତା ବିରୋଧୀଙ୍କୁ ସମାଲୋଚନା ପାଇଁ ଖୋରାକ ଯୋଗାଉଛି।

ଅନ୍ୟାନ୍ୟ ପ୍ରସଙ୍ଗ ଭିତରେ ବିରୋଧୀ ଦଳ ଏହାକୁ ମଧ୍ୟ ଏକ ପ୍ରମୁଖ ପ୍ରସଙ୍ଗ କରିବେ ବୋଲି ସୂଚନା ମିଳିଛି। ଅର୍ଥ ବ୍ୟୟ ପ୍ରସଙ୍ଗରେ ଅମଲାଙ୍କ ଯୋଗୁଁ ସରକାର ହଲାପଟା ହେବେ ବୋଲି କୁହାଯାଉଛି। ରାଜ୍ୟର ବିଜେପି ସରକାର ବଜେଟରେ ରେକର୍ଡ ପରିମାଣ ବୃଦ୍ଧି କରି ତାହାକୁ ୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ସହ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରି ଲୋକଙ୍କ ହୃଦୟ ଜିତିବାକୁ ଯୋଜନା କରିଥିଲେ। ସ୍ଥିତିକୁ ଦେଖି ଅତିରିକ୍ତ ବଜେଟ୍ ଆଣିବା ସହ ଅଧିକ ଅର୍ଥ ବ୍ୟବସ୍ଥା ବି ହୋଇଥିଲା। ତେବେ ବଜେଟ୍ ଖର୍ଚ୍ଚର ହିସାବ ସରକାରଙ୍କୁ ଏକ ପ୍ରକାର ଚିନ୍ତାରେ ପକାଇ ଦେଇଛି। ଆର୍ଥିକ ବର୍ଷ ସରିବାକୁ ୩ ମାସ ଥିବା ବେଳେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ବରାଦ ଅର୍ଥର ୫୦ ପ୍ରତିଶତ ବି ଖର୍ଚ୍ଚ ହୋଇପାରିନାହିଁ। କେତେକ ବିଭାଗ ତ ଅର୍ଥ ଖର୍ଚ୍ଚ କ୍ଷେତ୍ରରେ ବହୁ ପଛରେ ପଡ଼ିଛନ୍ତି।

ତେବେ ଅର୍ଥ ଖର୍ଚ୍ଚର ଦାୟିତ୍ୱ ସରକାରୀ ବାବୁମାନଙ୍କ ହାତରେ ଥିବା ବେଳେ ସେମାନଙ୍କ ପାଇଁ ସରକାର ଏବେ ହଲାପଟା ହେବାକୁ ଯାଉଛନ୍ତି। ବିରୋଧୀ ପୃଷ୍ଠା-୬

## ଆଳିରେ କୃଷି ବିଭାଗର ମୁଗ ବିହନ ବଣ୍ଟନରେ ବାଟମାରଣା

# ଚଞ୍ଚକତା କରି ହାତଉଛନ୍ତି ଅଣଚାଷୀ



**ଆଳି,୧୬।୨(ସଂଚାର ବ୍ୟୁରୋ):** ସରକାର ଚାଷୀଙ୍କୁ ସୁବିଧାରେ କୃଷି ବିଭାଗ ଜରିଆରେ ମୁଗ ବିହନ ଚାଷୀଙ୍କୁ ଯୋଗାଇ ଦେଉଛନ୍ତି। କିନ୍ତୁ ଆଳି ବ୍ଲକ ଅରେହିଁକଣା ପଞ୍ଚାୟତ କୁମାରଟଙ୍କା ଗ୍ରାମରେ ମୁଗ ବିହନ ବାଟ ମାରଣ ହେବା ସହ ଅଣ ଚାଷୀ ହାତେଛନ୍ତି ମୁଗ ବିହନ।

ପ୍ରକୃତ ଚାଷୀଙ୍କୁ ଅଣ ଦେଖା କରି ମୁଗ ବିହନ ବଣ୍ଟା ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାଇ ଏହି ଗ୍ରାମର କୃଷକ ସାଥୀ ବସନ୍ତ କୁମାର ପାତ୍ର ପ୍ରକୃତ ଚାଷୀଙ୍କୁ ଅଣ ଦେଖା କରିବା ସହ ଅଣ ଚାଷୀଙ୍କୁ ବିହନ ବାଣ୍ଟିବା ସହ କିଛି ନିଜ ଲୋକଙ୍କୁ ବିହନ ବାଣ୍ଟି ଥିବା ସହ ମନମାନି କରି ଆକ୍ରୋଶ ମୂଳକ ଭାବେ ଚାଷୀଙ୍କୁ ହଇରାଣ କରିବା ଅଭିଯୋଗ ହୋଉଛି।ଅନ୍ୟ ପଟେ ମୁଗ ବୁଣା ସରି ଗଛ ପାଞ୍ଚ ପତ୍ର ହେଲାଣି ଅଥଚ ଏବେ ମୁଗ ବିହନ ବାଣ୍ଟିବା କୃଷି ବିଭାଗର ଉପରେ ପ୍ରଶ୍ନବାଚୀ ହୋଇପଡ଼ିଛି। ଚାଷୀ ମାନେ ବାହାର ବଜାରରୁ ମୁଗ ବିହନ କିଣି ବୁଣୁଥିବା ବେଳେ ସରକାରୀ ଯୋଜନା ଚାଷୀଙ୍କୁ ଉପହାସ ବୋଲି ଚାଷୀ କହିଛନ୍ତି।

ସେପଟେ ଯଥା ଶୀଘ୍ର ଚାଷୀଙ୍କୁ ବିହନ ଯୋଗାଇ ଦେବା ସହ କୃଷକ ସାଥୀଙ୍କ ଉପରେ ଦୃଢ଼ କାର୍ଯ୍ୟ ଅନୁଷ୍ଠାନ ନେବାକୁ କାର୍ତ୍ତିକ ପାତ୍ର, ଅଭୟ ସୁତାର, ସୁଧାକର ଦାଶ, ସୁଦର୍ଶନ ସିଂହ, ଅଚ୍ଛୁତି ମଲ୍ଲିକ ପ୍ରମୁଖ ଚାଷୀ ଦାବି କରିଛନ୍ତି।ଅନ୍ୟ ପଟେ ଚାଷୀ ନ୍ୟାୟ ନ ମିଳିଲେ ଜିଲ୍ଲପାଳ ଙ୍କ ଦ୍ୱାରସ୍ତ ହେବାକୁ ଚେତାବନୀ ଦେଇଛନ୍ତି।

## ପାଟକୁରା ବିଧାୟକଙ୍କ ସପକ୍ଷରେ ବାହାରିଲେ ହଜାର ହଜାର ମହିଳା

# ଅରବିନ୍ଦ ଯୁଆଡେ ଆମେ ସମସ୍ତେ ସିଆଡେ

**କେନ୍ଦ୍ରାପଡା,୧୬।୨(ସଂଚାର ବ୍ୟୁରୋ):** ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ନେଇ ରାଜ୍ୟ ରାଜନୀତିରେ ଝଡ଼ ବଢ଼ିବାରେ ଲାଗିଛି ହେଲେ ଥମିବାର ନାମ ଧରୁନି। ସାଧାରଣରେ ଲୋକଙ୍କ ମନରେ ଏବେବି ଅରବିନ୍ଦଙ୍କୁ ନେଇ ରାଜ୍ୟର କୋଣ ଅନୁକୋଣରେ ଏହି ଗୋଟିଏ କଥା ଚର୍ଚ୍ଚା ଜୋର ଧରିଛି।କଥା ଉଠୁଛି ଯେତେବେଳେ ବିଧାନ ସଭାରେ ଶାସକ ଦଳ ବିଜେଡିକୁ କଟାକ୍ଷ କରିବା ଶହ ୨୪ବର୍ଷର ହିସାବ ମାଗି କାଠ ଗଡ଼ାରେ ଛିଡା କରୁଥିଲେ ସେସମୟରେ ବିଜେଡ଼ିର କୌଣସି ନେତା ଉତ୍ତର ସ୍ପଷ୍ଟ ଭାବେ ରଖି ପାରୁ ନଥିବାବେଳେ ମାତ୍ର ସ୍ୱଳ୍ପ ସମୟ ଭିତରେ ବିଜେଡିର ଜଣିଏ ବିଧାୟକ ଯିଏକି ଏଭଳି ଉତ୍ତର ରଖୁଥିଲେ ସଭିଙ୍କର ପାଟି ଚୁପ କରୁଥିଲେ। ଯିଏ ନବୀନ ଓ ବିଜେଡ଼ି ଉପରେ ପ୍ରଶ୍ନ କରୁଥିଲେ ସେତେବେଳେ ଅରବିନ୍ଦ ମହାପାତ୍ର ଏକ ଦକ୍ଷ ରାଜନେତା ହିସାବରେ ଶାଣିତ ଢଙ୍ଗରେ ଉତ୍ତର ରଖି ଗୃହରେ ସଭିଙ୍କୁ ଚୁପ କରେଇବାର ଦକ୍ଷତା ରଖିଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ନବୀନ ବାବୁ କାହିଁକି ଆମ ସୁନାମୁଣ୍ଡା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କଲେ। ଯିଏ ଓଡ଼ିଶାରେ ବିଜେଡ଼ି ସହିତ ନବୀନ ବାବୁଙ୍କ ସମ୍ମାନ ରକ୍ଷା କଲେ ତାଙ୍କୁ କିଛି କୁଚକ୍ରୀ ଗିଷ୍ଠୀ ହାରୁ ନେତାଙ୍କ କଥାରେ ପରିଚାଳିତ ହୋଇ ଦଳରୁ ନିଲମ୍ବନ କାହିଁକି କଲେ ବୋଲି ସମୂହ ଭାବେ ହଜାର ହଜାର ମହିଳା ମାନେ ଅରବିନ୍ଦଙ୍କ ସମର୍ଥନରେ ଏକ ବିରାଟ ମହିଳା ସମାବେଶ କରି ବିଜେଡି ଦଳର ସୁପ୍ରିମୋ ନବୀନ ବାବୁଙ୍କୁ ପ୍ରଶ୍ନ କରିଛନ୍ତି।




ଗରଦପୁର ବ୍ଲକ ସମସ୍ତ ପଞ୍ଚାୟତର ମହିଳା ସରପଞ୍ଚ, ମହିଳା ସମିତି ସଭ୍ୟ, ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ଏବଂ ଅନେକ ୱାର୍ଡ ମେମ୍ବର ମାନଙ୍କ ଠାରୁ ଆରମ୍ଭ କରି ବିଜେଡିର ଅନେକ ନାରୀ ନେତ୍ରୀ ମାନେ ସମୂହ ଭାବେ ଏକଜୁଟ ହୋଇ ଅରବିନ୍ଦଙ୍କ ସମର୍ଥନରେ କୋରୁଆ ବସଷ୍ଟାଣ୍ଡ ପାଖରୁ ଏକ ବିଶାଳ ପଦଯାତ୍ରା କରି କଳାବୁଦା ବାରେଣୀ ଶନିଶ୍ଚରଙ୍କ ମନ୍ଦିର ପ୍ରାଙ୍ଗଣରେ ବିଜୁ ଜନତା ଦଳର ମହିଳା ସମସ୍ତ ସଭ୍ୟ ଓ ନାରୀ ନେତ୍ରୀ ମାନେ ହଜାର ହଜାର ସଂଖ୍ୟାରେ ଯୋଗଦେଇ ବିରାଟ ସଭା ଆୟୋଜନ କରି ଏକ ରକମ ଭାବେ ନବୀନ ବାବୁଙ୍କୁ ଚେତାବନୀ ଦେଇଛନ୍ତି ଯେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରତି ହୋଇଥିବା ନିଲମ୍ବନକୁ ପ୍ରତ୍ୟାହାର କରାନଯାଏ ତାହାଲେ ଏହି ହଜାର ହଜାର ସଂଖ୍ୟାରେ ବିଜେଡି ମହିଳା ମାନେ ବିଧାୟକ ଅରବିନ୍ଦ ମହାପତ୍ର ଯୁଆଡେ ଯିବେ ସମସ୍ତେ ସେଇଆଡ଼େ ଯିବୁ, ଅରବିନ୍ଦଙ୍କ ଶହ ଥିଲୁ ରହିଛୁ ଆଗକୁବି ମଧ ରହିବୁ କାରଣ ଆମ ବିଧାୟକ ଅରବିନ୍ଦ ମହାପତ୍ର ହେଉଛନ୍ତି ସଚ୍ଚୋଟ, ନିର୍ମଳ, ପରୋ ଉପକାରି ଏବଂ ଜଣେ ଯୋଗ୍ୟ ବାପର ଯୋଗ୍ୟ ସନ୍ତାନ ନିର୍ଭିକ, ସୁନାମୁଣ୍ଡା ବିଧାୟକ ଯାହା ଆମ ମାନଙ୍କର ଓ ଆମ ପାଟକୁରା ମାଟିର ସ୍ୱାଭିମାନର ନେତା ବୋଲି ହଜାର ହଜାର ସଂଖ୍ୟାରେ ଯୋଗଦେଇଥିବା ମହିଳା ମାନେ ଏହି ବିଜେଡି ମହିଳା ସମାବେଶରେ ସିଧା ସିଧା ମତ ରଖିଥିଲେ।

## ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରା




**ଡେରାବିଶ,୧୬।୨(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଗତକାଲି ସନ୍ଧ୍ୟାରେ ପୁଲୱାମା ସହୀଦଙ୍କ ଉଦ୍ଦେଶ୍ୟରେ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଯୁବକସଂଘ କର୍ମକର୍ତ୍ତା ଦେବଦତ କରଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଯାତ୍ରାରେ ଦେବୀ ପ୍ରସାଦ ଦାଶ, ହିମାଂଶୁ ପଣ୍ଡା, ବିଶ୍ୱଜିତ ନାୟକ, ହିମାଂଶୁ ସାହୁ, ଭାଗ୍ୟଧର ଦାଶ, ନରେଶ କାଣ୍ଡିଙ୍କ ସମେତ ସଂଘର ସଦସ୍ୟ ଓ ଗ୍ରାମର ଲୋକମାନେ ଦେଶର ଅମର ଯବାନଙ୍କ ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରିଥିଲେ। ପରେ ଗ୍ରାମର ମା' ଭଗବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅମର ସହୀଦଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରିଥିଲେ।

## ଘରୋଇ ରାସ୍ତାକୁ ବାଡ଼ ପୋତି ଅବରୋଧ

● ଘରୁ ବାହାରି ପାରୁନାହାଁନ୍ତି ପରିବାର, ଥାନାରେ ଅଭିଯୋଗ

**ଡେରାବିଶ,୧୬।୨(ସଂଚାର ବ୍ୟୁରୋ):** ଡେରାବିଶ ଥାନା ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଆମ୍ବୁରା ଗ୍ରାମର ଶାବିତ୍ରୀ ସେଠୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ପଡ଼ୋଶୀ ତାଙ୍କର ଘରୋଇ ଇଜିମାଲି ରାସ୍ତାରେ ବାଡ଼ପୋତି ଅବରୋଧ କରିବାରୁ ଶାବିତ୍ରୀଙ୍କ ପରିବାର ଘରୁ ବାହାରି ପାରୁନାହାଁନ୍ତି। ରାସ୍ତାରୁ ବାଡ଼ ଉଠାଇବା ସମ୍ପର୍କରେ ପଡ଼ୋଶୀଙ୍କୁ କହିବାରୁ ପଡ଼ୋଶୀ ବାଡ଼ ଉଠାଇବା ପରିବର୍ତ୍ତେ ରାସ୍ତାରେ ଭଙ୍ଗାକାଚ, କଣ୍ଟା ଓ ଝଟାପକାଇବା ସହିତ ତାଙ୍କୁ ଅଶ୍ଲିଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିବାକୁ ଉଦ୍ୟତ ହେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଯାହା ଫଳରେ ତାଙ୍କ ପରିବାର ଏକ ପ୍ରକାର ଗୃହବନ୍ଦୀ ଅବସ୍ଥାରେ ରହିଥିବା ଶାବିତ୍ରୀ ପ୍ରକାଶ କରିଛନ୍ତି। ଏପରିକି ସମାନ କାରଣ ପାଇଁ ଗତ ୨୦୧୭ ମସିହାରେ ସାବିତ୍ରୀଙ୍କ ଦିଅରଙ୍କୁ ମଧ ପଡ଼ୋଶୀ ମରଣାନ୍ତକ ଆକ୍ରମଣ କରିଥିବାରୁ ତାଙ୍କ ଦିଅର ଭୟରେ ଦୀର୍ଘ ୮ ବର୍ଷ ହେବ ଘରକୁ ଆସୁନାହାଁନ୍ତି। ଏ ସମ୍ପର୍କରେ ସାବିତ୍ରୀ ପୂର୍ବରୁ ଡେରାବିଶ ତହସିଲ ପ୍ରଶାସନର ଦ୍ୱାରସ୍ଥ ହେବା ସହ ଅମିନଙ୍କ ଦ୍ୱାରା



ମାପଚୁପ କରାଇଥିଲେ ମଧ ପଡ଼ୋଶୀ ଜଣକ ମାପ କରାଯାଇ ଅମିନ ଦ୍ୱାରା ବସାଯାଇଥିବା ଖିଲକୁ ମଧ ଓପାଡ଼ି ଫୋପାଡ଼ି ଦେଇଥିବା ଶାବିତ୍ରୀ ଅଭିଯୋଗ କରିଛନ୍ତି। ତେବେ ତୁରନ୍ତ ଡେରାବିଶ ପୋଲିସ ପ୍ରଶାସନ ତାଙ୍କ ଘରୋଇ ରାସ୍ତାକୁ ଅବରୋଧ ମୁକ୍ତ କରି ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ତେବେ ଅଭିଯୋଗକୁ ଦୁଇଦିନ ବିତିଯାଇଥିଲେ ମଧ ପୋଲିସ୍ ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବାରୁ ଶାବିତ୍ରୀଙ୍କ ପରିବାର ଘରୁ ବାହାରି ପାରୁନଥିବା ବେଳେ ପଡ଼ୋଶୀଙ୍କ ଆକ୍ରମଣ ଭୟରେ ଭୀତତ୍ରସ୍ତ ଅବସ୍ଥାରେ ରହିଥିବା ଜଣାଯାଇଛି।

## ଆଳି ନୂଆଗାଁ ମଣ୍ଡିରେ ଉଠୁନି ଧାନ, ଧାରଣାରେ ଚାଷୀ

**ଆଳି,୧୬।୨(ସଂଚାର ବ୍ୟୁରୋ):** ଆଳି ବ୍ଲକ ନୂଆଗାଁ ପ୍ରାଥମିକ କୃଷି ସେବା ସମବାୟର ମଣ୍ଡି ଅବସ୍ଥା ବେହାଲ। ଆସୁନାହାନ୍ତି ମିଲର ଉଠୁନି ଧାନ। ଖରା କାକରରେ ଧାନର ମାନ କମୁଛି। ସରିଲାଣି ଟୋକନର ଅବଧି ମିଳୁନି ଟାର୍ଗେଟ। ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ସହିତ ମଣ୍ଡି ନିକଟରେ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଦାଶ ଙ୍କ ନେତୃତ୍ୱରେ ସୋମବାର ବହୁ ଚାଷୀ ଧାରଣାରେ ବସିରହିଲେ। ମଣ୍ଡି ଦାୟିତ୍ୱରେ ଥିବା ଆଳିର ତହସିଲଦାର



ସୁମନ ଘୋଷ ଧାରଣା ସ୍ଥଳରେ ପହଂଚି ଚାଷୀଙ୍କୁ ବୁଝା ସୁଝା କରିବା ସହିତ ମିଲର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ଏବଂ ଅଧିକ ଟାର୍ଗେଟ ଦେବା ମିଲର ଯଥା ଶୀଘ୍ର ଧାନ ଉଠାଇବାକୁ ପ୍ରତିଶୃତି ଦେବା ପରେ ଚାଷୀ ମାନେ ଧାରଣା ରୁ ଉଠିଥିଲେ। ଯଦି ତିନି ଦିନ ଭିତରେ ସରକାର ନିଷ୍ପତି ନ ଶୁଣନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

## କୁକୁର କାମୁଡ଼ାରେ ଖବରକାଗଜ ବିତରକ ଆହତ

**ମାର୍ଶାଘାଇ,୧୬।୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ବଜାର- ଶିଳିପୁର ରାସ୍ତାର ନଳିନୀ ସାମନ୍ତରାୟଙ୍କ ଘର ପାଖରେ ବୁଲା କୁକୁର କାମୁଡ଼ାରେ ଖବର କାଗଜ ବିତରକ ମାନସ ବସନ୍ତିଆ ଆହତ ହୋଇଛନ୍ତି। ପ୍ରତିଦିନ ଭଳି ଖବରକାଗଜ ନେଇ ଶିଳିପୁର- ମାର୍ଶାଘାଇ ରାସ୍ତାର ପୁରୁଷୋତ୍ତମପୁର ଗ୍ରାମ ଅନ୍ତର୍ଗତ ନଳିନୀ ସାମନ୍ତରାୟଙ୍କ ଘର ନିକଟରେ ପାଠକଙ୍କ ଘରେ ଖବରକାଗଜ ପହଞ୍ଚାଇ ରାସ୍ତାକୁ ଉଠୁଥିବା ସମୟରେ ଏକ କଳା ରଙ୍ଗର କୁକୁର



ତାଙ୍କ ଗୋଡ଼କୁ କାମୁଡି ଧରିଥିଲା। ମାନସ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ବାଡ଼ି ଧରି ଗୋଡ଼ାଇବାରୁ କୁକୁରଟି ସେହି ସ୍ଥାନ ଛାଡ଼ି ଚାଲିଯାଇଥିଲା। ଖବର ପାଇ ଅନ୍ୟତମ ବିତରକ ପ୍ରଦୀପ୍ତ କୁମାର ରଥ ଏବଂ ସହଯୋଗୀ ପହଞ୍ଚି ଆହତ ମାନସକୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କୁକୁର କାମୁଡ଼ାରେ ମାଂସପେଶୀ ଅଧିକ ଛିଡ଼ି ଯାଇଥିବାରୁ ୭ ଗୋଟି ଷ୍ଟିଚ କରାଯାଇଥିବା ଜଣାପଡିଛି।

● ଅଷ୍ଟମ ଶ୍ରେଣୀ ଛାତ୍ର ବ୍ଲଡ କ୍ୟାନସରରେ ପୀଡିତ

## ଶିକ୍ଷକଶିକ୍ଷୟତ୍ରୀ ଦେଲେ ୨୦ ହଜାର ଟଙ୍କାର ସହାୟତା

**ରାଜନଗର,୧୬।୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ମଧପଡା ଗାଁର ବିଷ୍ଣୁ ଚରଣ ବାରିକଙ୍କ ପୁଅ ସତ୍ୟବାନ ବ୍ଲଡ କ୍ୟାନସରରେ ପୀଡିତ। ସତ୍ୟବାନ ବନ୍ଧପଡା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢନ୍ତି। ବ୍ଲଡ କ୍ୟାନ୍ସରରେ ପୀଡିତ ହେବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିଖିଣ୍ଚିତ ହେଉଛନ୍ତି। ବିଏସକେୱାଇ କାର୍ଡରେ ଅର୍ଥ ସରିଯିବା ପରେ ଛିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଆଜି ବନ୍ଧପଡା ପଞ୍ଚାୟତର ଏମ ଗୋବିନ୍ଦପୁର ଯୁଜିୟୁପି କ୍ଲଷ୍ଟରର ସିଆରସିସି ଅମିୟ କୁମାର ରାଉତ ଓ ସମସ୍ତ ଶିକ୍ଷକମାନେ ୨୦ ହାଜର ଟଙ୍କା ସତ୍ୟବାନର ଛିକିତ୍ସା ପାଇଁ ତାଙ୍କ ପରିବାରକୁ ପ୍ରଦାନ କରିଛନ୍ତି।

## ମୁକୁଳା ଟ୍ରାନ୍ସଫର୍ମରକୁ ନେଇ ଲୋକେ ଭୟଭୀତ



**ମହାକାଳପଡ଼ା,୧୬।୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ମହାକାଳପଡ଼ା ପଞ୍ଚାୟତର ଗୋପାଳପୁର ଛକ ନିକଟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ନିତିଦିନିଆ ରାସ୍ତା ପାର୍ଶ୍ୱରେ ରହିଥିବାରୁ କେତେବେଳେ କି ଅଘଟଣ ଘଟିଯିବ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ପ୍ରତିଦିନ ଏହି ରାସ୍ତା ଦେଇ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି। ଜନସାଧାରଣଙ୍କ ଠାରୁ ଆରମ୍ଭ କରି ବୁଲା ଗାଈ ଗୋରୁ ସମେତ ଏହା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ହେଲେ ବିଦ୍ୟୁତ ବିଭାଗ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନ ନିଆଯାଇଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।ସ୍ଥାନୀୟ ଲୋକମାନେ କହିବା ଅନୁସାରେ, ଖୋଲା ଓ ତଳକୁ ଝୁଲିଥିବା ବିଦ୍ୟୁତ ତାର କେତେବେଳେ ବି ଗୁରୁତର ଦୁର୍ଘଟଣାର କାରଣ ହୋଇପାରେ। ଏହା ସତ୍ତ୍ୱେ ମହାକାଳପଡ଼ା ବିଦ୍ୟୁତ ବିଭାଗ ପକ୍ଷରୁ ସମସ୍ୟାର ସ୍ଥାୟୀ ସମାଧାନ ହେଉନଥିବା ଅଭିଯୋଗ ହୋଇଛି। ଯଦି କୌଣସି ଅପ୍ରୀତିକର ଘଟଣା ଘଟେ, ତେବେ ତାହା ପାଇଁ ସମ୍ପୂର୍ଣ୍ଣ ଭାବେ ମହାକାଳପଡ଼ା ବିଦ୍ୟୁତ ବିଭାଗ ଦାୟୀ ରହିବ ବୋଲି ଲୋକେ କହିଛନ୍ତି। ଲୋକଙ୍କ ଜୀବନ ସୁରକ୍ଷା ସୁନିଶ୍ଚିତ କରିବାକୁ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଲୋକେ ଦାବି କରିଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ଡେରାବିଶ, ୧୬।୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଶିବିରରେ ମୋଟ ୭୮ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥି ମଧରୁ ୬୬ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ୨ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ପଞ୍ଜିକୃତ ଅଭିଯୋଗ ଗୁଡିକରେ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଜିଲ୍ଲାପାଳ, ପୂର୍ବରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗଗୁଡିକ ସମୀକ୍ଷା କରିଥିଲେ। ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରେଷ୍ଠ ମହାଦେବ ଓ ରାଧା କୃଷ୍ଣ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା



**ଆଳି, ୧୬।୨(ସଂଚାର ବ୍ୟୁରୋ):** ଆଳି ବ୍ଲକ ଚଣ୍ଡୀଆଗଡ଼ି ପଞ୍ଚାୟତ ବୈଦିମାଳ ମାଳସାହିରେ ଦେବ ଶ୍ରେଷ୍ଠ ମହାଦେବ ଏବଂ ରାଧା କୃଷ୍ଣ ମୂର୍ତ୍ତି ର ପ୍ରାଣ ପ୍ରତିଷ୍ଠା ହୋଇଯାଇଛି। ଏହି ଅବସରରେ ତ୍ରିଦିନାତ୍ମକ ଯଜ୍ଞ ର ଶୁଭାରମ୍ଭ ନିମନ୍ତେ ଶତାଧିକ କଳସ ଧାରୀ ବିରାଟ ଶୋଭାଯାତ୍ରାରେ ବ୍ରାହ୍ମଣୀ ନଦୀରୁ ଜଳ ଧାରଣ କରି ଯଜ୍ଞ ସ୍ଥଳରେ ପହଂଚିଥିଲେ। ସୁବୈଦ୍ୟ ବ୍ରାହ୍ମଣ ପଣ୍ଡିତ ମାନଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ରେ ଅଙ୍କୁରରୋପଣ ଗୋ ପୂଜା, ସୂର୍ଯ୍ୟ ପୂଜା ଆଦି ମାଙ୍ଗଳିକ କାର୍ଯ୍ୟ ପରେ ଘୃତ ଆହୁତି ନିମନ୍ତେ ଅଗ୍ନି ସଂଯୋଗ କରାଯାଇଥିଲା। ପ୍ରତ୍ୟେହ ସମସ୍ତ ଗ୍ରାମବାସୀ ତଥା ଶ୍ରଦ୍ଧାଳୁ ମାନଙ୍କ ନିମିତ୍ତ ସାମୂହିକ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା। ମହା ଶିବରାତ୍ର ର ଏହି ପବିତ୍ର ମହୋତ୍ସବ କୁ କମିଟିର ସଭାପତି ମନୋଜ କୁମାର ମଲ୍ଲିକ ସମ୍ପାଦକ ସର୍ବେଶ୍ୱର ନାୟକଙ୍କ ପ୍ରୟାସ ବିଜୟ ମଲ୍ଲିକ ରବି ମଲ୍ଲିକ ଅନନ୍ତ ମଲ୍ଲିକ ଶୁଭମ ମଲ୍ଲିକ ଙ୍କ ପ୍ରଚେଷ୍ଟା ଗ୍ରାମବାସୀଙ୍କ ସହଯୋଗ ରେ ରୁଦ୍ର ମହାଜଜ୍ଞ ପରିଚାଳନା ହୋଇପାରିଛି, ବେଶ ଶାନ୍ତି ଶୃଙ୍ଖଳାରେ ଶ୍ରଦ୍ଧାଳୁ ଙ୍କ ଭିଡ଼ ରେ ଭକ୍ତିମୟ ପରିବେଶ ସୃଷ୍ଟିହୋଇଛି। ଏହା ତିନିଦିନ ଧରି ଚାଲିବ ବୋଲି କମିଟିର ସଭାପତି ମନୋଜ କୁମାର ମଲ୍ଲିକ କହିଛନ୍ତି।

## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କମିଟି ବୈଠକ



**କେନ୍ଦ୍ରାପଡା,୧୬।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଜିଲ୍ଲା ସ୍ତରୀୟ କମିଟି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି କମିଟି ବୈଠକରେ ଜିଲ୍ଲା ମତ୍ସ ଅଧିକାରୀ ଶଶାଙ୍କ ଶେଖର ସାହୁ, ପ୍ରାଣୀ ସମ୍ପଦ ବିଭାଗର ଡ଼ଃ ପ୍ରଭଞ୍ଜନ କବି, ଜିଲ୍ଲ ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସଂପର୍କରେ ଆଲୋଚନା କରିଥିଲେ। ଏଥିରେ ପ୍ରାଣୀ ସମ୍ପଦ ବିଭାଗର ୧୨ଗୋଟି ଯୋଜନା ଆଲୋଚନା ହୋଇଥିବା ବେଳେ ଜିଲ୍ଲା ମତ୍ସ ବିଭାଗର ୩ଟି ଯୋଜନା ଓ କୃଷି ବିଭାଗର ୫ଟି ଯୋଜନା ସଂପର୍କରେ ଆଲୋଚନା କରାଯାଇଛି। ଗ୍ରାମୀଣ କୃଷି ଭଣ୍ଡାର ଶୀତତାପ ନିୟନ୍ତ୍ରିତ ଯାନ ଓ ଇସି ବଏଲର ଫାର୍ମ ପ୍ରଭୃତି ଯୋଜାନ ସଂପର୍କରେ ଆଲୋଚନା କରାଯାଇଛି। ଏହି ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଶିକ୍ଷାବିତ ଅମ୍ରିନ ସାହଦତ୍ ସମ୍ବର୍ଦ୍ଧିତ



**କେନ୍ଦ୍ରାପଡ଼ା,୧୬।୨(ସଂଚାର ବ୍ୟୁରୋ):** ପ୍ରତିବର୍ଷ ପୂର୍ବତନ ବିଧାୟକ ସ୍ୱର୍ଗତ ଇନ୍ଦ୍ରମଣୀ ରାଉତଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ଜଣେ ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ଚଳିତ ବର୍ଷ ସ୍ୱର୍ଗତ ରାଉତଙ୍କ ଶ୍ରାଦ୍ଧବାର୍ଷିକରେ ସମ୍ବର୍ଦ୍ଧିତ ପ୍ରତିଭା କୌଣସି କାରଣରୁ ଅନୁପସ୍ଥିତ ଥିଲେ। ତେଣୁ ସଂସଦ ପକ୍ଷରୁ ସୋମବାର ତାଙ୍କ ଶିକ୍ଷାନୁଷ୍ଠାନରେ ପହି ଶିକ୍ଷାବିତ ଅମ୍ରିନ ସାହାଦତ୍‌ଙ୍କୁ ପୁଷ୍ପଗୁଚ୍ଛ, ଉରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ଇନ୍ଦ୍ରମଣୀ ରାଉତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ସମ୍ପାଦକ ସୁଶିଲ ସାମଲ, ଶିକ୍ଷାବିତ ଡ. ଚୈତନ୍ୟ ଚରଣ ପରିଡା, ସଂଯୋଜକ ଗୋଲଖ ପଢିଆରୀ, ମୁକ୍ତାର ଖାଁ ପ୍ରମୁଖ ଯୋଗଦେଇ ଅମ୍ରିନ ସାହଦତ୍‌ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ବ୍ଲକ ଶାଖାର ବୈଠକ

**ଡେରାବିଶ,୧୬।୨(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ଆଜି ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ ଶାଖା ସଂଘର ଏକ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ହୃଷିକେଶ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରମିକମାନଙ୍କର ସମସ୍ୟା ସମାଧାନ ପାଇଁ ଶ୍ରମିକମାନେ ଆହୁରି ଅଧିକ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି ମହିଳା ଶ୍ରମିକମାନଙ୍କର ପରିଚୟପତ୍ର ପାଇବା ସହିତ ଶ୍ରମିକମାନେ ଅନ୍ୟାନ୍ୟ ଅନୁଦାନ ପାଇବାରେ ଯେଭଳି ସମସ୍ୟା ବଢ଼ି ବଢ଼ି ଚାଲିଛି ସେଗୁଡ଼ିକର ସମାଧାନ କେବଳ ଶ୍ରମିକ ଏକତା ଦ୍ୱାରା ହୋଇପାରିବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଚନ୍ଦ୍ରମଣି ପ୍ରଧାନ, ଭଗବାନ ବେହେରା, ଧିରେନ୍ ଜେନା, ଅରୁଣ ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ।

## ନୂତନ ଛାତ୍ରାବାସ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**କେନ୍ଦ୍ରାପଡା, ୧୬।୨(ସଂଚାର ବ୍ୟୁରୋ):** ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଧାୟକ ଶ୍ରୀ ବେହେରା ସରକାରଙ୍କ ଦ୍ୱାରା ଅନୁମୋଦିତ ୨୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ର ଗୃହ ନିର୍ମାଣ ପାଇଁ ନିରୁପିତ ସ୍ଥାନ ପରିଦର୍ଶନ କରିଥିଲେ। ଏହା ସହିତ ସମ୍ମିଳନୀ କକ୍ଷ ସଂଲଗ୍ନ ଶୌଚାଳୟ ର ନବୀକରଣ ପାଇଁ ସମାଜସେବୀ ତଥା ପୌରାଧକ୍ଷାଙ୍କ ପ୍ରତିନିଧି ଶ୍ରୀ ସାହୁଙ୍କୁ ପୌରସଂସ୍ଥା ଦ୍ୱାରା କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତନ ଛାତ୍ର ଓ ଅବସରପ୍ରାପ୍ତ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ସୁରେଶ କୁମାର ଦଳେଇଙ୍କ ପ୍ରସ୍ତାବ କ୍ରମେ ଡିଜିଟାଲ ଲାଇବ୍ରେରୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ ଓ ଏମ୍.ସି.ଏଲ ଠାରୁ ଅନୁଦାନ ପଠାଇବା ପାଇଁ ପରିବର୍ତ୍ତିତ ଆକଳନ ଏସଟିମେଟ୍ ପଠାଇବା ପାଇଁ ବିଡିଓଙ୍କୁ ଅନୁରୋଧ କରା ଯାଇଥିଲା। ଏହି ସମୀକ୍ଷାରେ କଲେଜ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ପ୍ରାଧାପକ ରଂଜିତ କୁମାର ଦାସ, ସମାଜସେବୀ ରଂଜିତ କୁମାର ସାହୁ, ଦେବାଶିଷ ସିଂହ, ଅଧାପକ ଅଚ୍ୟୁତାନନ୍ଦ ମହାରଣା, କାଉନସିଲର ଶୁଭାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ଯୁକ୍ତ-୨ ପରୀକ୍ଷା ଦେବେ ୧୭୫୪ ପରୀକ୍ଷାର୍ଥୀ

**କେନ୍ଦ୍ରାପଡ଼ା,୧୬।୨(ସଂଚାର ବ୍ୟୁରୋ):** ଆସନ୍ତା ୧୮ତାରିଖରୁ ମାର୍ଚ୍ଚମାସ ୨୫ତାରିଖ ପର୍ଯ୍ୟନ୍ତ ଯୁକ୍ତ-୨ ପରୀକ୍ଷା ଅନୁଷ୍ଠିତ ହେବ। ସେଥିନିମନ୍ତେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ପରୀକ୍ଷାକେନ୍ଦ୍ରରେ କେନ୍ଦ୍ରାପଡା ଉଚ୍ଚମାଧମିକ ବିଦ୍ୟାଳୟ ସମେତ ୮ଟି ଘରୋଇ ଆବାସୀକ ବିଜ୍ଞାନ ଉଚ୍ଚମାଧମିକ ବିଦ୍ୟାଳୟର ମୋଟ ୧୭୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ୮ଟି ଘରୋଇ ଆବାସୀକ ବିଜ୍ଞାନ ଛତାସ୍ଥିତ ଉଚ୍ଚମାଧମିକ ବିଦ୍ୟାଳୟ ମଧରୁ କେନ୍ଦ୍ରାପଡା ଆବାସୀକ ବିଜ୍ଞାନ ଉଚ୍ଚମାଧମିକ ବିଦ୍ୟାଳୟର ୧୧୩ଜଣ ରେଗୁଲାର ଓ ୩ଜଣ ଏକ୍ସରେଗୁଲାର ଛାତ୍ରଛାତ୍ରୀ ଥିବା ବେଳେ ତେଣ୍ଡାକୁଡାସ୍ଥିତ ଆର.ଏନ.ଏମ. ବିଜ୍ଞାନ ଆବାସୀକ ଉଚ୍ଚ ମାଧମିକ ବିଦ୍ୟାଳୟର ୨୬ଜଣ ରେଗୁଲାର, ହଳଦିଆଗଡ଼ାସ୍ଥିତ ତାରିଣୀ ବିଜ୍ଞାନ ଆବାସୀକ ଉଚ୍ଚ ମାଧମିକ ବିଦ୍ୟାଳୟର ୧୫୭ଜଣ ରେଗୁଲାର, ଶିଳିପୁରସ୍ଥିତ ଡଲଫିନ ବିଜ୍ଞାନ ଆବାସୀକ ଉଚ୍ଚ ମାଧମିକ ବିଦ୍ୟାଳୟର ୩୭ଜଣ ରେଗୁଲାର, ଛତାସ୍ଥିତ ଲୋଟୋସ ବିଜ୍ଞାନ ଆବାସୀକ ଉଚ୍ଚ ମାଧମିକ ବିଦ୍ୟାଳୟର ୯୪ଜଣ ରେଗୁଲାର ଓ ୬ଜଣ ଏକ୍ସ ରେଗୁଲାର, ଦୁହୁରିଆସ୍ଥିତ ବିଦ୍ୟା ବିଜ୍ଞାନ ଆବାସୀକ ଉଚ୍ଚ ମାଧମିକ ବିଦ୍ୟାଳୟର ୩୯ଜଣ ରେଗୁଲାର, ବାରୋସ୍ଥିତ ରମାଦେବୀ ଆବାସୀକ ଉଚ୍ଚ ମାଧମିକ ବିଦ୍ୟାଳୟର ୨୧ଜଣ ରେଗୁଲାର ଓ ବାରୋସ୍ଥିତ ଓମ୍‌ଶାନ୍ତି ବିଜ୍ଞାନ ଆବାସୀକ ଉଚ୍ଚ ମାଧମିକ ବିଦ୍ୟାଳୟର ୧୯ଜଣ ରେଗୁଲାର ଛାତ୍ରଛାତ୍ରୀ ଅଛନ୍ତି। କେନ୍ଦ୍ରାପଡା ଉଚ୍ଚମାଧମିକ ବିଦ୍ୟାଳୟର ବିଜ୍ଞାନରେ ୫୦୨ଜଣ ରେଗୁଲାର ଓ ୧୪ଜଣ ଏକ୍ସ ରେଗୁଲାର, କଳାରେ ୩୭୬ଜଣ ରେଗୁଲାର ଓ ବାଣିଜ୍ୟରେ ୩୪୭ଜଣ ରେଗୁଲାର ଛାତ୍ରଛାତ୍ରୀ ଯୁକ୍ତ-୨ ପରୀକ୍ଷା ଦେବେ। ୮ଟି ଘରୋଇ ବିଜ୍ଞାନ ଆବାସୀକ ଉଚ୍ଚ ମାଧମିକ ବିଦ୍ୟାଳୟର ମୋଟ ୫୧୫ଜଣ ଓ କେନ୍ଦ୍ରାପଡା ଉଚ୍ଚମାଧମିକ ବିଦ୍ୟାଳୟର ମୋଟ ୧୨୩୯ଜଣ ଏପରି ସର୍ବମୋଟ ୧୭୫୪ଜଣ ଛାତ୍ରଛାତ୍ରୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ୧୭ଟି ହଲରେ ପରୀକ୍ଷା ଦେବେ। ଏଥିସହିତ ଆସନ୍ତା ୨୪ତାରିଖ ଇଂରାଜୀ, ୨୮ତାରିଖରେ ପଦାର୍ଥ ବିଜ୍ଞାନ ଓ ମାର୍ଚ୍ଚ ୬ତାରିଖରେ ରସାୟନବିଜ୍ଞାନ ବିଷୟରେ ସର୍ବାଧିକ ୧୦୩୧ଜଣ ଲେଖାଏଁ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କେନ୍ଦ୍ରାପଡା ଉଚ୍ଚମାଧମିକ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରର ଅଧୀକ୍ଷକ ଭାବେ କଲେଜ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ଉପଅଧୀକ୍ଷକ ଭାବେ ଡ. ବାସନ୍ତୀ ଶୁକ୍ଳା, ଅଧାପିକା ସଂଯୁକ୍ତା ସେଠୀ, ଅଧାପକ ବିକାଶ କୁମାର ନାୟକ, ଅଧାପକ ସତ୍ୟରଞ୍ଜନ ମିଶ୍ର ଓ ଅଧିକାରୀ ନିଲେଶ ଦାସଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।



# କଡ଼ା ସୁରକ୍ଷା ବଳୟରେ ବିଧାନସଭା
# ଜଗିଛନ୍ତି ୩୫ ପ୍ଲାଟୁନ୍ ପୁଲିସ ଫୋର୍ସ

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ବଜେଟ ଅଧିବେଶନ। ଏଥିପାଇଁ କମିଶନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ଏ ନେଇ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଆସନ୍ତାକାଲିଠାରୁ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଚାଲିବ ବଜେଟ୍ ଅଧିବେଶନ।

ଏଥିପାଇଁ ୩୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ଏସ୍ଟିୟୁ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍ ଓ ଅଗ୍ନିଶମ ବିଭାଗ ମଧ ଦାୟିତ୍ୱରେ ରହିବେ। ଡିସିପି ସୁରକ୍ଷା ତଦାରଖ ଦାୟିତ୍ୱରେ ଥିବା ବେଳେ ତାଙ୍କୁ ୭ ଜଣ ଅତିରିକ୍ତ ଡିସିପି, ୨୪ ଜଣ ଏସିପି, ୨୭ ଜଣ ଇନ୍ସପେକ୍ଟର, ୧୧୦ ଜଣ ଏସଆଇ ଓ ଏଏସଆଇ ସହଯୋଗ କରିବେ।

ସେହିପରି ବିଭିନ୍ନ ସ୍ଥାନରେ ସିଟିଟିଭି ଖଞ୍ଜାଯିବା ସହ ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ ରୁମ ମଧ ଖୋଲାଯାଇଛି। କଣ୍ଟ୍ରୋଲ ରୁମ୍‌ରେ ପ୍ରତିଟି ଦିଗ ଉପରେ ନଜର ରଖାଯାଇ ସ୍ଥିତି ନିୟନ୍ତ୍ରଣ କରାଯିବ। ବିଧାନସଭାରେ

**ଏଆଇ କ୍ୟାମେରା ନଜରରେ ଧାରଣାସ୍ଥଳ**

କିଛି ସମସ୍ୟା ଦେଖାଦେଲେ ଆଲାର୍ମ ବାଜିବା ସହ ଗେଟ୍ ବନ୍ଦ କରିବା ନେଇ ବ୍ୟବସ୍ଥା କରାଯାଇଛି। ସେହିଭଳି ବିଧାନସଭା ଚାଲିବା ସମୟରେ ଯେଉଁ ସଂଗଠନ ଧାରଣାସ୍ଥଳକୁ ଆସିବେ, ସେଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ମହାତ୍ମା ଗାନ୍ଧି ମାର୍ଗକୁ ଏଆଇ କ୍ୟାମେରା ସର୍ଭେଲାନ୍ସରେ ରଖାଯାଇଛି। ତା'ଛଡ଼ା ଗୁଇନ୍ଦା ବିଭାଗ ସାଦା ପୋଷାକରେ ରାଜଧାନୀର ବିଭିନ୍ନ ସ୍ଥାନରେ ନିୟୋଜିତ ହୋଇ ଗୁଇନ୍ଦା ତଥ୍ୟ ସଂଗ୍ରହ କରିବେ ବୋଲି ଜଣାପଡ଼ିଛି।

# ଶିକ୍ଷକଙ୍କ ମାଡ଼ରେ ହଷ୍ଟେଲ ଛାଡ଼ି ପଳାଇଲେ ଛାତ୍ର!

**ପାଟଣାଗଡ଼,୧୬।୨(ସଂଚାର ବ୍ୟୁରୋ):** ପାଟଣାଗଡ଼ ବ୍ଲକ୍ ବନେଇମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଆଶ୍ରମରେ ନିର୍ଯାତନାର ଶିକାର ହୋଇ ଗତ ଶନିବାର ୭ ଜଣ ଛାତ୍ର ହଷ୍ଟେଲ ଛାଡ଼ି ଫେରାର ହୋଇଯାଇଥିଲେ। ଜଣେ ଛାତ୍ରଙ୍କ ଅଭିଭାବକ ସେମାନଙ୍କୁ ଉଦ୍ଧାର କରି ହଷ୍ଟେଲକୁ ଫେରାଇ ଆଣିବା ପରେ ଏବେ ଶିକ୍ଷକଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ ଛାତ୍ରମାନଙ୍କୁ ଏକ ବାଉଁଶ ବାଡ଼ିରେ ନିସ୍ତୁକ ମାଡ଼ ମାରିବା ସହ ଶନିବାର ସ୍କୁଲ ସମୟରେ ପୁଣି ମାଡ଼ ମାରିବାକୁ ଧମକ ଦେବାରୁ ଛାତ୍ରମାନେ ଭୟଭୀତ ହୋଇ ଫେରାର ହୋଇଯାଇଥିଲେ। ଶିକ୍ଷକଙ୍କ ଅମାନୁଷିକ ମାଡ଼ ଯୋଗୁଁ ଛାତ୍ରମାନେ ଗୁରୁତର ଆହତ ହୋଇଥିବା ବେଳେ ଜଣେ ଛାତ୍ର ଚାଲିପାରୁ ନଥିବା ତାଙ୍କ ମାମୁ ବାବୁଲାଲ ଧରୁଆ ଅଭିଯୋଗ କରିଛନ୍ତି। ତାଙ୍କ ପରିବାର ଲୋକେ ସମ୍ପୃକ୍ତ ଛାତ୍ରଙ୍କ ଚିକିତ୍ସା କରାଇଛନ୍ତି। ଅଭିଯୋଗ ଅନୁସାରେ, ଶୁକ୍ରବାର ବିଦ୍ୟାଳୟ ଛୁଟି ହେବା ପରେ ଛାତ୍ରମାନେ ଏକାଠି ମିଶି ଖେଳୁଥିଲେ। ସେହି ସମୟରେ ଆଶ୍ରମର



ଉକ୍ତ ଶିକ୍ଷକ ଜଣଙ୍କ ୭ ଜଣ ଛାତ୍ରଙ୍କୁ ଡାକି ଗାଳିଗୁଲଜ କରିବା ସହ ବାଉଁଶ ବାଡ଼ିରେ ନିସ୍ତୁକ ପିଟିଥିଲେ। ଏଥିସହ ଶନିବାର କ୍ଲାସରୁମ୍‌ରେ ପୁଣି ସମସ୍ତଙ୍କୁ ମାଡ଼ ମାରିବାକୁ ସେ ତାଗିଦ୍ କରିଥିଲେ। ଶିକ୍ଷକଙ୍କ ମାଡ଼ ଭୟରେ ଉକ୍ତ ୭ ଜଣ ଛାତ୍ର ରାତିରେ ଆଶ୍ରମ ପାଚେରୀ ଡେଇଁ ବାହାରକୁ ପଳାଇଥିଲେ। ମାଡ଼ ଭୟରେ ସେମାନେ ରାତିତମାମ ବରପଦର ଗାଁର ଏକ ଦୋକାନ ବାରଣ୍ଡାରେ ଶୋଇଥିବା ବେଳେ ସକାଳୁ ଏକ ଘରୋଇ ବସ୍‌ରେ ବଲାଙ୍ଗିର ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରୁ ସେମାନେ ରେଳ ଷ୍ଟେସନକୁ ଯାଉଥିବା ବେଳେ ବାଟରେ ଜଣେ ଛାତ୍ରଙ୍କ ଅଭିଭାବକ ସେମାନଙ୍କୁ ଦେଖି ସବୁ କଥା ପଚାରି ବୁଝିଥିଲେ। ପରେ ସେ ଏକ ଅଟୋ ଯୋଗେ ସେମାନଙ୍କୁ ଆଶ୍ରମକୁ ଫେରାଇ ଆଣିଥିଲେ। ଆଶ୍ରମ ଫେରିବା ପରେ ଛାତ୍ରମାନେ ମାନସିକ ସ୍ତରରେ ଆହୁରି ଭୟଭୀତ ହୋଇ ବାହାରକୁ ବି ବାହାରିନଥିଲେ। କିଛି ସମୟ ପରେ ଜଣେ ଛାତ୍ରଙ୍କ ଅବସ୍ଥା ଗୁରୁତର ହୋଇଥିଲା। ଗୋଡ଼ରେ ଶକ୍ତ ଆଘାତ ଯୋଗୁ ଛାତ୍ର ଜଣକ ଚାଲିପାରୁ ନ ଥିବା ତାଙ୍କ ମା' ଖବର ପାଇଥିଲେ। ସେ ରବିବାର ଆଶ୍ରମରେ ପହଞ୍ଚି ତାଙ୍କୁ ନେଇ ଘରକୁ ଫେରିଯାଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଗୁରୁତର ଛାତ୍ର ଜଣଙ୍କ ଘରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

- **କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି**
- **ମାଡ଼ ଭୟରେ ଦୋକାନ ବାରଣ୍ଡାରେ ଶୋଇଲେ**

ଏଥିସହ ପୁଅକୁ ମାଡ଼ ମାରିଥିବା ଶିକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ତାଙ୍କ ବାବୁଲାଲ ଦାବି କରିଛନ୍ତି। ଏ ସମ୍ପର୍କରେ ଆଶ୍ରମ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟିତ୍ରୀ ଜ୍ଞାନ ମଞ୍ଜରୀ ଶିକାଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଛନ୍ତି। ଛାତ୍ରମାନଙ୍କୁ ମାଡ଼ ମାରିବା ଉଚିତ ନ ଥିଲା, ସମ୍ପୃକ୍ତ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏନେଇ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପିସିସି ସଭାପତିଙ୍କ ସହ ବିଧାୟକ ଦଳର ଆଲୋଚନା

**ଭୁବନେଶ୍ୱର,୧୬।୨ (ସଂଚାର ବ୍ୟୁରୋ) :** ଓଡ଼ିଶା ବିଧାନସଭାର ଆଗାମୀ ବଜେଟ ଅଧିବେଶନ ପୂର୍ବରୁ ବିଧାନସଭା ପରିସରରେ କଂଗ୍ରେସ ବିଧାୟକ ଦଳ ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଦଳର ରଣନୀତି ଉପରେ ଆଲୋଚନା କରିଛନ୍ତି ।



ଏକ ଦାୟିତ୍ୱବାନ ବିରୋଧୀ ଦଳ ଭାବରେ ଲୋକଙ୍କ ସମସ୍ୟାକୁ ଉପସ୍ଥାପିତ କରିବା ସହ ସରକାରଙ୍କ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଆମେ ଦୃଢ଼ ପ୍ରତିବଦ୍ଧ ବୋଲି କହିଛନ୍ତି ପିସିସି ସଭାପତି। କୃଷକଙ୍କୁ ଠକାମୀ ଏବଂ ଲୁଟ, ଶିଳ୍ପସଂସ୍ଥା ଗୁଡିକର ପ୍ରଦୂଷଣ ଓ ବିସ୍ଥାପନ ସମସ୍ୟା, ମହାନଦୀ ଜଳ ବିବାଦ, କୃଷକଙ୍କୁ ମାଗଣା ବିଜୁଳି, ଉପଭୋକ୍ତାଙ୍କୁ କରଛାଡ଼, ନାରୀ ସୁରକ୍ଷା ସମ୍ମାନ ଓ ନ୍ୟାୟ, ଯୁବକଙ୍କୁ ରୋଜଗାର, ଦଳିତ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ, ଚାକିରୀ କେଲେଙ୍କାରୀ ଆଦି ସମସ୍ତ ବିଷୟ ତଥା ସାଧାରଣ ଜନତାଙ୍କୁ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନରେ ଅସମର୍ଥତା ନେଇ କଂଗ୍ରେସ ପକ୍ଷରୁ ସରକାରଙ୍କୁ ଘେରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି । ଏହି ଆଲୋଚନାରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଓଡିଶା କଂଗ୍ରେସ ସହ ପ୍ରଭାରୀ ଜେଙ୍ଗୀ କୁସୁମ କୁମାରଙ୍କ ସମେତ ସମସ୍ତ ବିଧାୟକ ଉପସ୍ଥିତ ଥିଲେ।



# ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

**କଟକ,୧୬।୨(ସଂଚାର ବ୍ୟୁରୋ):** କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୭୨ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୭୦ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆସନ୍ତା ୨୩ ତାରିଖରେ ନିଆଳି ବ୍ଲକ୍ କାର୍ଯ୍ୟାଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# 'ଆଶା' ସ୍ୱେଚ୍ଛାସେବୀଙ୍କୁ 'ସେବାଶ୍ରୀ ସମ୍ମାନ'



**କେନ୍ଦୁଝର,୧୬।୨(ସଂଚାର ବ୍ୟୁରୋ):** ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଜୁଙ୍ଗା ଗ୍ରାମ ପଞ୍ଚାୟତର ନିତ୍ୟାନନ୍ଦପୁର ଗ୍ରାମରେ ଗତକାଲି ମହାଶିବରାତ୍ରୀ ଅବସରରେ ଅନୁଷ୍ଠିତ ଏକ ସାଂସ୍କୃତିକ ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେକ ସମାଜସେବୀଙ୍କୁ ସମ୍ମାନିତ କରାଯାଇଛି। ମହାଶିବରାତ୍ରୀ ପାଳନ ସହ ପୂର୍ବ ବର୍ଷ ପରି ଶ୍ରୀ ଶ୍ରୀ ଚମ୍ପକେଶ୍ୱର ମହାଦେବ ମନ୍ଦିର ପରିଚାଳନା କମିଟି ଓ ଶାସ୍ତ୍ରୀ ସ୍ମୃତି ପାଠାଗାରର ମିଳିତ ସହଯୋଗରେ ଏକ ସାଂସ୍କୃତିକ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ନିତ୍ୟାନନ୍ଦପୁର, କୁଣ୍ଡେଇ ଓ ସାନ-ନୂଆଗାଁର ପିଲାଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷିତ ହୋଇଥିଲା। ବ୍ୟସ୍ତବହୁଳ ଜୀବନ ଭିତରୁ ସମୟ କାଢ଼ି ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ କରି ଅଞ୍ଚଳ ପାଇଁ ଉଦାହରଣ ପାଲଟିଥିବା କେତେକ ସମାଜସେବୀଙ୍କୁ ବିଭିନ୍ନ ସମ୍ମାନ ପ୍ରଦାନ କରାଯାଇଛି। ଗ୍ରାମରେ ସବୁଜ ବନାନୀ ସୃଷ୍ଟି କ୍ଷେତ୍ରରେ ନିରନ୍ତର ପ୍ରୟାସ ସକାଶେ ନିତ୍ୟାନନ୍ଦପୁର ଗାଁର ଲକ୍ଷ୍ମନ ବାରିକଙ୍କୁ 'ପ୍ରକୃତି ମିତ୍ର ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ସେହିପରି ଦୁଃଖୀ, ଗରିବ, ଅସହାୟ, ଭିନ୍ନକ୍ଷମଙ୍କ ସେବା ପାଇଁ କୁଣ୍ଡେଇ ଗାଁର ମିନତୀ ମହାନ୍ତ, ସତ୍ୟଭାମା ମହାନ୍ତ ଓ ନିତ୍ୟାନନ୍ଦପୁର ଗାଁର ବିଜୟ କୁମାର ଘଣାଙ୍କୁ 'ସେବାଶ୍ରୀ ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ଏମାନେ ସମସ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା'ର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଏହି ପୁରସ୍କାର ସ୍ଥାନୀୟ ଶାସ୍ତ୍ରୀ ସ୍ମୃତି ପାଠାଗାର, ନିତ୍ୟାନନ୍ଦପୁର ପକ୍ଷରୁ ପ୍ରଦାନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ରୁଦ୍ରସେନ୍ ଜିତ୍, ସମ୍ମାନିତ ଅତିଥି ଇଂ. ରମେଶ ଚନ୍ଦ୍ର ନାଏକ ଓ ତପନ କୁମାର ନାଏକ ଯୋଗ ଦେଇଥିଲେ। ଏଥିରେ କୃଷ୍ଣଚନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମନୋଜ କୁମାର ପଟେଲ୍ ସଭା ପରିଚାଳନା କରିଥିଲେ। ଲକ୍ଷ୍ମଣ କୁମାର ମହାନ୍ତ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଃଖବନ୍ଧୁ ବାରିକ, ଦୁଃଖବନ୍ଧୁ ମହାକୁଡ଼, ଅଯୋଧ୍ୟା କୁମାର ଘଣା, ସନ୍ତୋଷ କୁମାର ଘଣା, ରାମଚନ୍ଦ୍ର ମହାନ୍ତ, ଦିବ୍ୟଲୋଚନ ମହାନ୍ତ, ଦୁଃଶାସନ ମହାନ୍ତ, ତୁଷାର ଭୂଷଣ ମହାନ୍ତ, ମଧୁସୂଦନ ଘଣା, ସୁଲୋଚନା ମହାନ୍ତ, ଜୟନ୍ତୀ ମହାନ୍ତ, ଗହମୀ ମହାନ୍ତ, ପଦ୍ମିନୀ ଘଣା, ହିରୋ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ହଜାର ଗ୍ରାମବାସୀଙ୍କୁ ବେଦାନ୍ତ ଯୋଗାଉଛି ପାନୀୟ ଜଳ

**କଳାହାଣ୍ଡି ଓ ରାୟଗଡା ଜିଲ୍ଲାରେ ସୌର-ଚାଳିତ ନଳକୂପ ସ୍ଥାପନ**

**ରାୟଗଡ଼ା,୧୬।୨(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର 'ଜଳ, ପରିମଳ ଓ ସ୍ୱଚ୍ଛତା' (ୱାଶ) ପଦକ୍ଷେପ ମାଧମରେ ଓଡ଼ିଶାର କଳାହାଣ୍ଡି ଓ ରାୟଗଡା ଜିଲ୍ଲାର ଗ୍ରାମାଞ୍ଚଳରେ ଅତ୍ୟାଧୁନିକ ଜଳ ବିଶୋଧନ ବ୍ୟବସ୍ଥା ସହ ସୌରଚାଳିତ ନଳକୂପ ସ୍ଥାପନ କରି ଗୋଷ୍ଠୀ ସ୍ୱାସ୍ଥ୍ୟ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଚୁଲବାଡ଼ି, ସୁଙ୍ଗେର, ଧାମନଘାଟି, ଡୁମେରପାଦର, ସାଗବାରୀ, ଲଦାଖମାନ ଓ ସିୟାଡ଼ିମାଲରେ ଥିବା ଏହି ଜଳଯୋଗାଣ ବ୍ୟବସ୍ଥା ୩ ହଜାରରୁ ଅଧିକ ଗ୍ରାମବାସୀଙ୍କୁ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଉଛି। ଗୋଷ୍ଠୀ ମାଲିକାନା ଓ ସ୍ଥାୟିତ୍ୱକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକାରୀ ହୋଇଥିବା ନୂତନ ଜଳଯୋଗାଣ ବ୍ୟବସ୍ଥାକୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର କରାଯାଇଛି। ସ୍ଥାନୀୟ



ସରପଞ୍ଚ ଓ ପଞ୍ଚାୟତ ପ୍ରତିନିଧିଙ୍କ ଉପସ୍ଥିତିରେ ଗୋଷ୍ଠୀ ସଦସ୍ୟମାନେ ବ୍ୟବସ୍ଥାର ବ୍ୟବହାର ଓ ରକ୍ଷଣାବେକ୍ଷଣ ସଂକ୍ରାନ୍ତରେ ଅବଗତ ହୋଇଛନ୍ତି। ପ୍ରତ୍ୟେକ ନଳକୂପ ୧.୫ କେଭି ସୌରଶକ୍ତି ୟୁନିଟ୍ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଏହା ୧ ଏଚପି ଭୂତଳ ପାଣି ପମ୍ପକୁ ଚଳାଇଥାଏ। ବିଶୁଦ୍ଧିକରଣ ୟୁନିଟ୍ ଟିଏସ୍ଆରଏଫ୍ ନାନୋ ଟେକ୍ନୋଲୋଜି ବ୍ୟବହାର କରୁଛି, ଯାହା ହାନିକାରକ ଜୀବାଣୁ ସମ୍ଭାବନାକୁ ଶେଷ କରିଛି। ବହୁସ୍ତରୀୟ ମାଇକ୍ରୋ ପ୍ରଣାଳୀରେ ଜଳକୁ ଛଣାଯିବା ଫଳରେ ଏଥିରେ ଥିବା ଦୂଷିତ ପଦାର୍ଥକୁ ଅପସାରଣ କରାଯାଇପାରୁଛି। ପ୍ରତ୍ୟେକ ବ୍ୟବସ୍ଥାର ଘଣ୍ଟା ପ୍ରତି ୫୦୦ ଲିଟର ପର୍ଯ୍ୟନ୍ତ ଜଳକୁ ବିଶୁଦ୍ଧ କରିବାର କ୍ଷମତା ରହିଛି। ସ୍ଥାୟୀ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଉପରେ ଆଲୋକପାତ କରି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମର ଗୋଷ୍ଠୀଗତ ଉଦ୍ୟମ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ସହ ଘନିଷ୍ଠ ଭାବେ ଯୋଡ଼ି ହୋଇଛି।

# ଦୟାନଦୀରେ ଅନ୍ତଃନଦୀ ଜଳ ସଂରକ୍ଷଣ ପ୍ରକଳ୍ପ

**ଭୁବନେଶ୍ୱର,୧୬।୨ (ସଂଚାର ବ୍ୟୁରୋ) :** ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀ ଟିକରପଡା ପଞ୍ଚାୟତର ଗଙ୍ଗେଶ୍ୱରପୁର ନିକଟ ଦୟାନଦୀରେ ୬୩ କୋଟି ଟଙ୍କାର ଅନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ। ଏହି ଉତ୍ସବରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଭୁବନେଶ୍ୱର ବ୍ଲକ୍ ଅଧକ୍ଷ ନିରୁପମା ସାହୁ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ



ବିଧାୟକ ବାବୁ ସିଂ କହିଛନ୍ତି, ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବର୍ଷସାରା ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି, ଜଳସେଚନ, ପାନୀୟ ଜଳ ଯୋଗାଣ, ଶିଳ୍ପ ଆବଶ୍ୟକତା ଏବଂ ବନ୍ୟା ନିୟନ୍ତ୍ରଣ। ଅନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ବିଶେଷତା ହେଉଛି ନଦୀରୁ ବହିଯାଉଥିବା ଜଳକୁ ସଂରକ୍ଷଣ କରିବା। କୃଷି କ୍ଷେତ୍ରରେ ଜଳସେଚନ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳ ସୁବିଧା ଏବଂ ମତ୍ସ୍ୟ ଚାଷର ମଧ ବିକାଶ ହୋଇପାରିବ।

# ପଦ୍ମଶ୍ରୀ ପ୍ରଫୁଲ୍ଲ କର ଯୁବପିଢ଼ିଙ୍କ ପାଇଁ ଆଦର୍ଶ



**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଜି ରବୀନ୍ଦ୍ର ମଣ୍ଡପ ଠାରେ ବିଶିଷ୍ଟ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଛି। ଆଜି ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ଜନ୍ମ ଜୟନ୍ତୀ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, କିମ୍ବଦନ୍ତୀ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ଓଡ଼ିଶାର ସମସ୍ତ ଶ୍ରୋତାମାନଙ୍କ ମଧ୍ୟରେ ଚିର ସ୍ମରଣୀୟ। ସଙ୍ଗୀତ ନିର୍ଦ୍ଦେଶନା ମାଧମରେ ପ୍ରଫୁଲ୍ଲ କର ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ ଓଡ଼ିଆ ସଙ୍ଗୀତ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ଅମ୍ଳାନ ପ୍ରତିଭା ଓ ସଙ୍ଗୀତମୟ ଜୀବନ ଯାତ୍ରା ଯୁବପିଢ଼ିଙ୍କ ପାଇଁ ଆଦର୍ଶ ଏବଂ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ସଂରଚନା ଯୁବ ସଙ୍ଗୀତଜ୍ଞମାନଙ୍କୁ ନିଶ୍ଚିତ ରୂପେ ଅନୁପ୍ରାଣିତ କରିବ। ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପ-ନିର୍ଦ୍ଦେଶକ ଦେବଯାନୀ ଭୂୟାଁ ଏବଂ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପରିବାରବର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ନୟାଗଡ଼ ଜିଲ୍ଲା କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ
# ଫେବୃଆରୀ ଶେଷ ସୁଦ୍ଧା ଜୋନ ସଭାପତି, ବ୍ଲକ କମିଟି ଘୋଷଣା

**ନୟାଗଡ, ୧୬।୨ (ସଂଚାର ବ୍ୟୁରୋ) :** ନବଗଠିତ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧକ୍ଷତାରେ ସ୍ଥାନୀୟ ନୂଆରାଜବାଟି କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ଓଡିଶା କଂଗ୍ରେସ ସହ ପ୍ରଭାରୀ ଜେଙ୍ଗୀ କୁସୁମ କୁମାର ଭାରତୀୟ ଜାତୀୟ କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ।



ଫେବୃଆରୀ ମାସ ସୁଦ୍ଧା ଜିଲ୍ଲାର ୨୪ ଜିଲ୍ଲା ପରିଷଦ ଜୋନ ସଭାପତି ଚୟନ, ବ୍ଲକ କଂଗ୍ରେସ ପୂର୍ଣ୍ଣାଙ୍ଗ କମିଟି ଗଠନ କରିବା ସହିତ ଦଳୀୟ ଶୃଙ୍ଖଳା ଆଧାରରେ ସାଧାରଣ ଲୋକଙ୍କ ସମସ୍ୟା ସହିତ କାର୍ଯ୍ୟକର୍ତ୍ତା ମାନେ ଯୋଡି ହେବା ପାଇଁ କୁସୁମ କୁମାର ପରାମର୍ଶ ଦେଇଥିଲେ। ବ୍ଲକ ସଭାପତିମାନଙ୍କ ସାଙ୍ଗଠନିକ କାର୍ଯ୍ୟକୁ ପ୍ରତ୍ୟେକ ତିନିମାସରେ ତର୍ଜମା କରାଯିବ ବୋଲି କହିଥିଲେ। ବରିଷ୍ଠ ଉପସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ତ୍ରିପାଠୀଙ୍କୁ ଜିଲ୍ଲା କଂଗ୍ରେସ ସଂଗଠନ ସ୍ଥିତି ତଦାରଖ ଦାୟିତ୍ୱ ଅର୍ପଣ କରାଯାଇଛି। ପ୍ରତ୍ୟେକ ମାସରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ବୈଠକ ଆୟୋଜନ କରାଯାଇ ସାଙ୍ଗଠନିକ ଦକ୍ଷତା ତର୍ଜମା କରିବା ପାଇଁ କୁସୁମ କୁମାର ଡିସିସି ସଭାପତିଙ୍କୁ ପରାମର୍ଶ ଦେଇଥିଲେ। ମାର୍ଚ୍ଚ ମାସ ସୁଦ୍ଧା ଜିଲ୍ଲାରେ ଦଳର ସାଙ୍ଗଠନିକ ପ୍ରକ୍ରିୟା ବୃତାନ୍ତ ପ୍ରକ୍ରିୟା ପରେ ଏପ୍ରିଲ ମାସ ଠାରୁ ଜିଲ୍ଲାବ୍ୟାପି ପଦଯାତ୍ରା ଆୟୋଜନ କରାଯାଇ ଲୋକଙ୍କ ମୌଳିକ ସମସ୍ୟା ସହିତ ଯୋଡିହେବାର କାର୍ଯ୍ୟକ୍ରମ ରହିଥିବା ଜିଲ୍ଲା ସଭାପତି ସୂଚନା ଦେଇଛନ୍ତି।

# ନଦୀକୁ ଖସିଲା ଟ୍ରକ୍

**● ବର୍ତ୍ତିଗଲେ ଡ୍ରାଇଭର ଓ ହେଲ୍‌ପର**

**ବସ୍ତା,୧୬।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମଥାନୀ ବାଇପାସ ପେଗରପଡ଼ା ଜଳକା ନଦୀର ବ୍ରିଜରୁ ଆଜି ସକାଳେ ଏକ ଅଦା ବୋଝେଇ ଟ୍ରକ୍ ଖସି ପଡ଼ିଛି। ଉକ୍ତ ଟ୍ରକ୍‌ଟି ଆସାମରୁ ବିଶାଖାପାଟଣା ଯାଉଥିବା ସମୟରେ ଘନ କୁହୁଡ଼ି କାରଣରୁ ରାସ୍ତା ଠଉରାଇନପାରି ବ୍ରିଜ୍‌ର ବାଡ଼ା ଭାଙ୍ଗି ପାଖାପାଖି ୧୫ ଫୁଟ ତଳକୁ ଖସିପଡ଼ିଥିବା ଜଣାପଡ଼ିଛି। ଉକ୍ତ ଟ୍ରକ୍‌ର ନମ୍ବର ଜେକେ୦୨ ଡିଏମ୍ ୬୦୮୭ ଥିବା ବେଳେ ଡ୍ରାଇଭର୍ ଓ ହେଲ୍‌ପରଙ୍କର କୌଣସି କ୍ଷତି ହୋଇନାହିଁ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକ୍‌କୁ ଜବତ କରିବା ସହ ଘଟଣାର ଅନୁସନ୍ଧାନ ଜାରି ରଖିଛି।

# ଫାଷ୍ଟଫୁଡ୍ ଖାଇ ୨୭ ଅସୁସ୍ଥ

**ସତ୍ୟବାଦୀ,୧୬।୨(ସଂଚାର ବ୍ୟୁରୋ):** ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧ୍ୱଜାମୁଣ୍ଡାଇ ଗ୍ରାମରେ ଜାଗରଯାତ୍ରା ଉପଲକ୍ଷେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଗ୍ରାମର ଆରାଧ ଦେବ ବାବା ବାଲୁଙ୍କେଶ୍ୱରଙ୍କ ପ୍ରାଙ୍ଗଣରେ ବାର୍ଷିକ ଅଷ୍ଟପ୍ରହରୀ ଚାଲିଥିବା ସମୟରେ ମଲୁଖପାଟଣା, ଧ୍ୱଜାମୁଣ୍ଡାଇ, ଗୁଆବାଡି ହରିଜନ ସାହିର ୨୩ ଜଣ ପିଲା ଏବଂ ୪ ଜଣ ବୟସ୍କ ବ୍ୟକ୍ତି ଉକ୍ତ ସ୍ଥାନରେ ବିକ୍ରି ହେଉଥିବା ଫାଷ୍ଟ ଫୁଡ ଓ ଚାର୍ଟ ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ। ଅସୁସ୍ଥ ମାନଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଅଛନ୍ତି। ୩ଜଣ



ପିଲାଙ୍କର ବାନ୍ତି ବନ୍ଦ ନହେବାରୁ ସେମାନଙ୍କୁ ପୁରୀ କଲେରା ହସ୍ପିଟାଲକୁ ପଠାଯାଇଥିବା ସୂଚନା ମିଳିଛି। ଖବରପାଇ ସତ୍ୟବାଦୀ ତହସିଲଦାର, ସନ୍ତୋଷ କୁମାର ପାଣିଗ୍ରାହୀ ଡାକ୍ତରଖାନାରେ ପହଞ୍ଚିଥିଲେ। ଆହତ ମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ସାକ୍ଷୀଗୋପାଳ ଡାକ୍ତରଖାନା, ସ୍ୱାସ୍ଥ୍ୟ କର୍ମୀ, ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଅଙ୍ଗନବାଡି ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଅସୁସ୍ଥ ମାନଙ୍କ ମଧ୍ୟରେ ପ୍ରୀତମ ବେହେରା, ପ୍ରୀୟାଂଶୁ ବେହେରା, ରାହୁଲ ବେହେରା, ବ୍ରଜବନ୍ଧୁ ଭୋଇଙ୍କ ଆକ୍ରାନ୍ତ ହୋଇଥିବା ସମସ୍ତଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ଆଜି ସାକ୍ଷୀଗୋପାଳ ଡାକ୍ତରଖାନା ଆସି ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିବା ଜଣା ପଡ଼ିଛି। ଆଗକୁ ମେଳଣ ଯାତ୍ରାର ସମୟ ଆସୁଥିବାରୁ ଖାଦ୍ୟ ସୁରକ୍ଷା ବିଭାଗ ଅଧିକ କ୍ରିୟାଶୀଳ ହେବା ସହ ବୁଲା ବିକାଳି ମାନଙ୍କ ଉପରେ ଅଙ୍କୁଶ ଜାରି କରିବାକୁ ସର୍ବସାଧାରଣରେ ଦାବୀ ହୋଇଛି।

# ବଜେଟ୍ ଅଧିବେଶନ, ବିଧାୟକଙ୍କ ଉପରେ ନଜର

**ଭୁବନେଶ୍ୱର,୧୬।୨:** ଓନଇଶାର ବଦଳୁଥିବା ରାଜନୈତିକ ସମୀକରଣ ଦୃଷ୍ଟିରୁ ବିଧାନସଭାର ଚଳିତ ବଜେଟ୍ ଅଧିବେଶନ ବିଶେଷ ଗୁରୁତ୍ୱ ବହନ କରିବ ବୋଲି ରାଜନୈତିକ ବିଶ୍ଳେଷକମାନେ ଆଶାବ୍ୟକ୍ତ କରୁଛନ୍ତି। ବିଶେଷକରି ପ୍ରମୁଖ ବିରୋଧିଦଳ ବିଜେଡି ଓ କଂଗ୍ରେସର କିଛି ବିଧାୟକଙ୍କ ଭୂମିକା ଉପରେ ଏଥିପାଇଁ ସମସ୍ତଙ୍କ ନଜର। ବଜେଟ୍ ଅଧିବେଶନ ପୂର୍ବରୁ ବିଜେଡି ସନାତନ ମହାକୁଡଙ୍କ ଭଳି ପୁରୁଖା ଓ ଅରବିନ୍ଦ ମହାପାତ୍ରଙ୍କ ଭଳି ନବାଗତ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିଛି। ତେବେ ନିଲମ୍ବନ ପରଠାରୁ ଏଯାବତ୍ ସେମାନଙ୍କୁ କୌଣସି କାରଣ ଦର୍ଶାଅ ନୋଟିସ୍ ମିଳିନାହିଁ କିମ୍ବା ବହିଷ୍କାର ଆଦେଶ ବି ଜାରି ହୋଇନାହିଁ। ଏ ପରିପ୍ରେକ୍ଷୀରେ ଏହି ଦୁଇ ନିଲମ୍ବିତ ବିଧାୟକଙ୍କ ଆଭିମୁଖ୍ୟ ସରକାରୀ ଦଳ ପ୍ରତି କିପରି ରହିବ ସେଥିଘେନି ଜୋରଦାର ଚର୍ଚ୍ଚା ଚାଲିଛି। ଏହାଛଡା କଂଗ୍ରେସ ଦଳରୁ ନିଲମ୍ବିତ ହୋଇଥିବା ପୂର୍ବତନ ବିଧାୟକ ତଥା ପୁରୁଖା ନେତା ମହମ୍ମଦ ମୋକିମ ନୂଆ ଦଳ ଗଠନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଚଳାଉଥିବା ବେଳେ କଂଗ୍ରେସ ବିଧାୟକ ଥିବା ତାଙ୍କ ସୁପୁତ୍ରୀ ସୋଫିଆ ଫିରଦୋଷ ବିଧାନସଭାରେ କି ପ୍ରକାର ଭୂମିକା ନିଭାଇବେ ତାହା ମଧ ପ୍ରଶ୍ନବାଚୀ ହୋଇ ରହିଛି। ସୋଫିଆ କଂଗ୍ରେସ ଦଳରେ ରହିଥିଲେ ମଧ ତାଙ୍କ ପିତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ତୁଟାଇ ପାରୁନାହାନ୍ତି। ବଜେଟ୍ ଅଧିବେଶନ ସମୟରେ କିମ୍ବା ତା' ପରେ ପରେ ରାଜ୍ୟସଭାର ୪ଟି ଆସନ ପାଇଁ ନିର୍ବାଚନ ହେବ। ସଂଖ୍ୟା ଗଣିତ ଦୃଷ୍ଟିରୁ ବିଜେପି ସହଜରେ ୨ଟି ଓ ଦଳ ଏକଜୁଟ ରହିଲେ ବିଜେଡି ଗୋଟିଏ ଆସନ ଅକ୍ତିଆର କରିପାରିବ। ତେବେ ବିଜେପିର ନେତାମାନେ ବାରମ୍ବାର ଦେଉଥିବା ବୟାନରେ ଚତୁର୍ଥ ଆସନଟି ହାସଲ କରିବେ ବୋଲି କହୁଥିବାରୁ କ୍ରସ ଭୋଟିଂ ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ। ଅତୀତରେ ରାଜ୍ୟସଭା ନିର୍ବାଚନବେଳେ ଓଡିଶାରେ ବହୁ ବାର କ୍ରସ ଭୋଟିଂ ଦଳୀୟ ପ୍ରାର୍ଥୀଙ୍କ ବିରୁଦ୍ଧରେ ହେବାର ନଜିର ରହିଛି। ନିରାପଦ ବିକଳ୍ପ ଭାବେ ଅତୀତରେ ଏ ଭି ସ୍ୱାମୀଙ୍କ ଭଳି ଜଣେ ନିର୍ଦ୍ଦଳୀୟ ବ୍ୟକ୍ତିଙ୍କୁ ସର୍ବ ସମ୍ମତିକ୍ରମେ ରାଜ୍ୟସଭାକୁ ପଠାଯାଇଥିଲା। ଏବେ ବିଜେଡି ଓ କଂଗ୍ରେସର ସବୁ ବିଧାୟକ ଏବଂ ନିଲମ୍ବିତ ବିଧାୟକମାନେ ଦଳର ହୁଇପ୍ ଅନୁଯାୟୀ ମତଦାନ କରିବେ ନା କ୍ରସ ଭୋଟିଂରେ ସାମିଲ ହେବେ ତାହା ଫଳାଫଳ ପ୍ରକାଶ ବେଳେ ଜଣାପଡିବ।

ଶାସକ ବିଜେପି ପକ୍ଷରୁ ବାରମ୍ବାର ନବୀନ ପଟ୍ଟନାୟକଙ୍କ ନେତୃତ୍ୱର ୨୪ ବର୍ଷର ଶାସନ କଥା ଉଠାଯାଉଛି। ଅବଶ୍ୟ ଏଥି ଭିତରୁ ୮ ବର୍ଷରୁ ଅଧିକ ସମୟ ବିଜେପି ସହ ବିଜେଡିର ମେଣ୍ଟ ସରକାର ଥିଲା। ପୂର୍ବରୁ ବିଜେପି ପ୍ରାର୍ଥୀଙ୍କୁ ରାଜ୍ୟସଭା ପଠାଇବା ଲାଗି ବିଜେଡି ମଧ ସମର୍ଥନ ଦେବାର ନଜିର ରହିଛି। ଏବେ ମଣ୍ଡିରୁ ଧାନ ଉଠାଇବା ସମସ୍ୟାଠାରୁ ଆରମ୍ଭ କରି ପାନୀୟ ଜଳ ଯୋଗାଣ, ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ଓ ଜୋରିମାନା ଆଦାୟ, ଆଇନ୍‌ଶୃଙ୍ଖଳା ପରିସ୍ଥିତି, ଦୁର୍ନୀତି, ନାରୀମାନଙ୍କ ପ୍ରତି ଅପରାଧ, ବେକାରୀ ସମସ୍ୟା, ନିଯୁକ୍ତି ପରୀକ୍ଷାରେ ହେରଫେର, ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ଓ ଚାବିହଜିବା ସଂକ୍ରାନ୍ତ କମିଶନଙ୍କ ରିପୋର୍ଟ ଦାଖଲ, ଆର୍ଥିକ ବୈଷମ୍ୟ, ସୀମା ବିବାଦ, ମହାନଦୀ ଜଳ ପ୍ରସଙ୍ଗ, ଋଣ ବୋଝ, ନିର୍ବାଚନ ପ୍ରତିଶ୍ରୁତି ଆଦି ପ୍ରସଙ୍ଗରେ ବିରୋଧୀ ଦଳଗୁଡିକ କିଭଳି ଭୂମିକା ଗ୍ରହଣ କରିବେ ଓ ଶାସକ ଦଳ କିପରି ତା'ର ମୁକାବିଲା କରି ବିରୋଧୀଙ୍କ ଉପରେ ଆରୋପ ଲଗାଇବେ ତା' ଉପରେ ସମସ୍ତଙ୍କର ନଜର ରହିଛି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ



# ସ୍ୱାର୍ଥ ଓ ସାର୍ବଭୌମିକତାର ପରୀକ୍ଷା

ବିଶ୍ୱ ରାଜନୀତିର ଜଟିଳ ଜାଲରେ ଭାରତ ଏକ ନୂତନ ପରୀକ୍ଷଣର ସମ୍ମୁଖୀନ ହୋଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଚତୁର୍ଥ ବର୍ଷରେ ଭାରତର ରୁଷିଆରୁ ଅଶୋଧିତ ତୈଳ ଆମଦାନି ଏକ ବଡ଼ ଆନ୍ତର୍ଜାତିକ ବିବାଦର କେନ୍ଦ୍ର ହୋଇପଡ଼ିଛି। ୨୦୨୨ ଫେବ୍ରୁଆରୀରେ ଯୁଦ୍ଧ ଆରମ୍ଭ ହେବା ପରେ ପଶ୍ଚିମ ଦେଶମାନଙ୍କ ନିଷେଧାଜ୍ଞା ସତ୍ତ୍ୱେ ଭାରତ ରୁଷିଆର ଶସ୍ତା ତୈଳ କ୍ରୟ କରି ତାହାର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିଛି। ବର୍ତ୍ତମାନ ଭାରତ ରୁଷରୁ ମୋଟ ଆବଶ୍ୟକତାର ୩୫-୪୦ ପ୍ରତିଶତ ଅଶୋଧିତ ତେଲ ଆମଦାନୀ କରୁଛି। କିନ୍ତୁ ଯୁକ୍ତରାଷ୍ଟ୍ର ଏବଂ ତାହାର ମିତ୍ରମାନେ ଏହାକୁ 'ପୁଟିନଙ୍କ ଯୁଦ୍ଧ ଫଣ୍ଡିଂ' ବୋଲି ଆଖ୍ୟା ଦେଇ ଚାପ ପ୍ରୟୋଗ କରୁଛନ୍ତି। ୨୦୨୫ ମସିହାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଦ୍ରବ୍ୟ ଉପରେ ୫୦ ପ୍ରତିଶତ ଟାରିଫ ଲଗାଇ ଏହି ବିବାଦକୁ ଉତ୍ତେଜିତ କରିଥିଲେ। ଏବେ ୨୦୨୬ ଫେବ୍ରୁଆରୀରେ ଏକ ବାଣିଜ୍ୟ ଚୁକ୍ତି ପରେ ଟ୍ରମ୍ପ ଦାବି କରୁଛନ୍ତି ଯେ ଭାରତ ରୁଷରୁ ତୈଳ କ୍ରୟ ବନ୍ଦ କରିବାକୁ ରାଜି ହୋଇଛି। କିନ୍ତୁ ଭାରତ ସରକାର ଏହାକୁ ସ୍ପଷ୍ଟ କରି ନାହିଁ, ବରଂ ବିଦେଶ ମନ୍ତ୍ରୀ ଏସ. ଜୟଶଙ୍କର 'ରଣନୀତିକ ସ୍ୱାୟତ୍ତତା' ଏବଂ 'ଜାତୀୟ ସ୍ୱାର୍ଥ'ର ଉଲ୍ଲେଖ କରିଛନ୍ତି। ଏହି ବିବାଦ କେବଳ ଅର୍ଥନୀତିକ ନୁହେଁ, ବରଂ ଭାରତର ବହୁମୁଖୀ ବିଦେଶ ନୀତିର ପରୀକ୍ଷା।

ଏହି ବିବାଦ ପାଇଁ ଏହାର ପୃଷ୍ଠଭୂମି ବୁଝିବା ଆବଶ୍ୟକ। ଯୁଦ୍ଧ ଆରମ୍ଭ ହେବା ପରେ ରୁଷିଆର ତୈଳ ରପ୍ତାନି ଉପରେ ଜି-୭ ଦେଶମାନଙ୍କ ମୂଲ୍ୟ ସୀମା (୬୦ ଡଲାର୍ ପ୍ରତି ବାରେଲ୍) ଲଗାଇ ନିଷେଧ ଜାରି ହୋଇଥିଲା। ଫଳରେ ରୁଷିଆ ତାହାର ତୈଳକୁ ୨୦-୩୦ ପ୍ରତିଶତ ଛାଡ଼ରେ ବିକ୍ରି କରିବାକୁ ବାଧ ହୋଇଥିଲା। ଭାରତ, ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନିକାରୀ, ଏହି ସୁଯୋଗ ଗ୍ରହଣ କରି ୨୦୨୪-୨୫ ମସିହାରେ ରୁଷିଆରୁ ୧.୮ ମିଲିୟନ୍ ବାରେଲ୍ ପ୍ରତି ଦିନ ତୈଳ ଆଣିଥିଲା। ଏହାଦ୍ୱାରା ଭାରତର ଅର୍ଥନୀତିରେ ପ୍ରାୟ ୧୭ ବିଲିୟନ୍ ଡଲାର୍ ସଞ୍ଚୟ ହୋଇଛି। ଏହି ଶସ୍ତା ତୈଳ ରିଫାଇନ୍ କରି ଭାରତ ପେଟ୍ରୋଲିୟମ୍ ଉତ୍ପାଦ ରପ୍ତାନି କରି ୟୁରୋପ, ଆଫ୍ରିକା ଏବଂ ଏସିଆକୁ ଯୋଗାଉଛି, ଯାହା ତାହାର ବାଣିଜ୍ୟ କ୍ଷତି ହ୍ରାସ କରିଛି। ଏହା ଛଡ଼ା,



ଘରୋଇ ମୂଲ୍ୟବୃଦ୍ଧି ନିୟନ୍ତ୍ରଣ ହୋଇଛି ଏବଂ ଲକ୍ଷ ଲକ୍ଷ କର୍ମଚାରୀଙ୍କ ରୋଜଗାର ରକ୍ଷା ପାଇଛି।

ପଶ୍ଚିମର ଆଲୋଚନା ହେଉଛି ଯେ ଭାରତ ରୁଷିଆକୁ ଅର୍ଥ ଯୋଗାଇ ଯୁଦ୍ଧ ଚଳାଉଛି। ଟ୍ରମ୍ପ ପ୍ରଶାସନ ଭାରତୀୟ ରିଫାଇନାରି ଏବଂ ବ୍ୟାଙ୍କଗୁଡ଼ିକ ଉପରେ ଦ୍ୱିତୀୟ ନିଷେଧ ଧମକ ଦେଇଛି। କିନ୍ତୁ ଏହି ଆଲୋଚନାରେ ଏକ ଦୁଇ ମାପ ନୀତି ସ୍ପଷ୍ଟ। ୟୁରୋପୀୟ ଦେଶମାନେ ନିଜେ ରୁଷିଆ ତୈଳକୁ ଭାରତୀୟ ଉତ୍ପାଦ ରୂପେ କ୍ରୟ କରୁଛନ୍ତି। ଚୀନ୍ ମଧ ରୁଷିଆର ସବୁଠାରୁ ବଡ଼ କ୍ରେତା, କିନ୍ତୁ ତାହା ଉପରେ କୌଣସି ତାରିଫ୍ ଲଗା ଯାଇନାହିଁ। ଭାରତ କେବଳ ନିଜର ୧.୪ ବିଲିୟନ୍ ଜନସଂଖ୍ୟାର ଶକ୍ତି ଆବଶ୍ୟକତା ପୂରଣ କରୁଛି, ଯାହା ଏକ ମୌଳିକ ଅଧିକାର। ଏହା ଛଡ଼ା, ରୁଷିଆ ସହ ଭାରତର ଦୀର୍ଘକାଳୀନ ସମ୍ପର୍କ ଅଛି-ଅସ୍ତ୍ର କ୍ରୟ, ପରମାଣୁ ଶକ୍ତି ସହଯୋଗ ଏବଂ ବହୁମୁଖୀ ବାଣିଜ୍ୟ।

ଏହି ବିବାଦ ଭାରତର ରଣନୀତିକ ସ୍ୱାୟତ୍ତତାର ପରୀକ୍ଷା। ନରେନ୍ଦ୍ର ମୋଦୀ ସରକାର ଏକ ବହୁଧ୍ରୁବୀୟ ବିଶ୍ୱର ସମର୍ଥନ କରୁଛି, ଯେଉଁଠାରେ କୌଣସି ଏକ ଶକ୍ତି ନିୟନ୍ତ୍ରଣ ନ କରେ। ରୁଷିଆ ତୈଳ କ୍ରୟ କରି ଭାରତ କେବଳ ନିଜର ସ୍ୱାର୍ଥ ରକ୍ଷା କରୁନାହିଁ, ବରଂ ବିଶ୍ୱ ଶକ୍ତି ବଜାରକୁ ସନ୍ତୁଳିତ କରୁଛି। ଯଦି ଭାରତ ପଶ୍ଚିମର ଚାପରେ ନଇଁ ପଡ଼େ, ତେବେ ତାହାର ସାର୍ବଭୌମିକତା ପ୍ରଶ୍ନ ଉଠିବ। ଏବେ ରିଫାଇନାରିଗୁଡ଼ିକ (ରିଲାଏନ୍ସ, ଭାରତ ପେଟ୍ରୋଲିୟମ୍) ରୁଷିଆ ତୈଳ ଆଦେଶ କମାଇଛନ୍ତି, କିନ୍ତୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ। ଭାରତ ଆମେରିକା, ଭେନେଜୁଏଲା ଏବଂ ମଧ୍ୟପ୍ରାଚ୍ୟ ତୈଳ ପାଇଁ ବିକଳ୍ପ ଖୋଜୁଛି, କିନ୍ତୁ ରୁଷିଆର ଶସ୍ତା ମୂଲ୍ୟ ଅପରିହାର୍ଯ୍ୟ।

ଏହି ପରିସ୍ଥିତି ଦର୍ଶାଉଛି ଯେ ଆଧୁନିକ ବିଶ୍ୱରେ ଅର୍ଥନୀତି ଏବଂ ରାଜନୀତି ଏକାଠି ଚାଲେ। ପଶ୍ଚିମ ଦେଶମାନେ ନିଜର ଶକ୍ତି ବଜାର ରକ୍ଷା ପାଇଁ ଭାରତକୁ ଦୋଷୀ ସାବ୍ୟସ୍ତ କରୁଛନ୍ତି, କିନ୍ତୁ ସେମାନେ ନିଜେ ରୁଷିଆର ଅର୍ଥନୀତିକୁ ସମର୍ଥନ କରୁଛନ୍ତି। ଭାରତ ଏହି ବିବାଦରେ ନିଜ ବାଟ ନିଜେ ଖୋଜିବା ଏହା ତାହାର ଜାତୀୟ ସ୍ୱାର୍ଥ, ୧.୪ ବିଲିୟନ୍ ଜନତାର ଆଶା ଏବଂ ବିଶ୍ୱ ଶାନ୍ତିର ପ୍ରତିଶ୍ରୁତି। ଯୁଦ୍ଧର ଶେଷ ଏବଂ କୂଟନୀତିର ଆରମ୍ଭ ହେବା ଉଚିତ। ଭାରତ ଏକ ବଡ଼ ଦେଶ, ତାହାର ନିର୍ଣ୍ଣୟ କେବଳ ନିଜ ପାଇଁ ଏହି ସ୍ୱାଧୀନତା ରକ୍ଷା କରି ଭାରତ ବିଶ୍ୱରେ ନିଜର ସ୍ଥାନ ମଜବୁତ କରୁଛି।

# ଚର୍ଚ୍ଚାରେ କଟକର ଇଂରାଜୀ ବନାନ ସଂଶୋଧନ ଦିଗ



**ଡ଼ଃ.ଅରୁନ୍ଧତୀ ଦେବୀ**

କଟକରେ ଇଂରାଜୀ ବନାନ ସଂଶୋଧନ କରିବାକୁ ନେଇ ଦାବି ଜୋର ଧରିବାରେ ଲାଗିଛି। କଟକର ମୂଳ ଇଂରାଜୀ ବନାନ ଅନୁସାରେ କୁଟାକ ବଦଳରେ କଟକ ଲେଖିବାକୁ ଦାବି ହୋଇଛି। ଏହାରି ମଧରେ ପୂର୍ବରୁ 'କୁଟାକ୍' ବଦଳରେ 'କଟକ' ରହିଥିବା ନେଇ ଅଙ୍କ ଜ୍ୟୋତିଷ ପକ୍ଷରୁ ଅନୁମାନ କରାଯାଉଛି। କାରଣ 'କଟକ' ଲେଖା ହିଁ ଏକ ପ୍ରକାରର ଲିଡ଼ରସିପ୍ ତଥା ନେତୃତ୍ୱ ନେବାର ଶକ୍ତିକୁ ଦର୍ଶାଉଥିଲା। ଫଳରେ ପୂର୍ବରୁ ଓଡ଼ିଶା ରାଜଧାନୀ 'କଟକ' ଥିବା ନେଇ ଚର୍ଚ୍ଚା ଜୋର ଧରିଛି।

ଦୀର୍ଘ ବର୍ଷରୁ ଜ୍ୟୋତିଷ ଶାସ୍ତ୍ର ଉପରେ ଲୋକଙ୍କ ବିଶ୍ୱାସ ରହି ଆସିଛି। ଅଙ୍କ ଜ୍ୟୋତିଷ ଅନୁସାରେ କଟକର ଇଂରାଜୀ ବନାନ 'ସିୟୁଟିଟିଏସିକେ' ଥିବାରୁ ଏହା ପାଞ୍ଚ ସଂଖ୍ୟାକୁ ବହନ କରୁଛି। ଯାହା ଏକ ପ୍ରକାର ସ୍ୱରୂପକୁ ସୂଚାଇ ଥାଏ। ଏହି ନମ୍ବର ବିଶିଷ୍ଟ ନାମ ସର୍ବଦା ପରିଶ୍ରମୀ ଓ ଚତୁରତାକୁ ବୁଝାଇଥାଏ। ଏହାସହ ସର୍ବଦା ଏହା ସନ୍ତୁଳନ ବଜାଇ ରଖିଥାଏ। କିନ୍ତୁ କଟକର ଇଂରାଜୀ ବନାନ 'କେଏଟିଏକେ' ୧ ନମ୍ବର ବହନ କରୁଛି। ଯାହା ସୂର୍ଯ୍ୟଙ୍କ ଶକ୍ତିକୁ ସୂଚାଇବା ସହିତ ସର୍ବଦା ଏକ ନେତୃତ୍ୱ ନେବାର ଗୁଣକୁ ସୂଚାଇ ଥାଏ। ଯାହାଦ୍ୱାରା ପୂର୍ବରୁ ଏହି ବନାନ ଥିବାରୁ ରାଜ୍ୟର ରାଜଧାନୀ ଥିଲା କଟକ। ତେବେ କିଛି କ୍ଷେତ୍ରରେ ଏହାକୁ ଗ୍ରହଣ କରାଯାଉଛି। ୧୯୪୭ମସିହାରେ ରାଜଧାନୀ ପରିବର୍ତ୍ତନ ହୋଇ ଭୁବନେଶ୍ୱର ହୋଇଥିଲାବେଳେ ପ୍ରକୃତରେ ଏହାର ବନାନ କେବେ ଓ କେମିତି ପରିବର୍ତ୍ତନ ହେଲା ତାହାର ଉପଯୁକ୍ତ ପ୍ରମାଣ ନାହିଁ। କିନ୍ତୁ ବ୍ରିଟିଶ ଅମଳରେ ଇଂରାଜୀ ଉଚ୍ଚାରଣ ଓ ଲିପି ଅନୁଯାୟୀ କୁଟାକ ନେଇ ପ୍ରମାଣ ଧୀରେ ଧୀରେ ସାମ୍ନାକୁ ଆସିବାରେ ଲାଗିଛି।

ରାଜ୍ୟର ଏଗାରଟି ଜିଲ୍ଲାର ଚବିଶଟି ସ୍ଥାନର ଇଂରାଜୀ ବନାନ ସଂଶୋଧନ କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ତା'ମଧରେ ସାତଟି ଜିଲ୍ଲାର ଇଂରାଜୀ ବନାନ ମଧ ବଦଳିବ। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏ ପ୍ରସଙ୍ଗରେ 'କଟକ' ନାମକରଣକୁ ନେଇ ମଧ ପୂର୍ବରୁ ବିବାଦ ରହି ଆସିଛି। କଟକର ଉଚ୍ଚାରଣ ବା ସମ୍ବୋଧନ ରହି ଆସିଛି। କଟକର ଉଚ୍ଚାରଣ ବା ସମ୍ବୋଧନ ଓ ଇଂରାଜୀ ବନାନ ଭିନ୍ନ ଥିବା ବେଳେ ପୂର୍ବରୁ କଟକ ସହରର ବୁଦ୍ଧିଜୀବୀମାନେ ଏ ନେଇ ଆପତ୍ତି ଉଠାଇଛନ୍ତି। ଯଦିଓ ଏବେ ସୁଦ୍ଧା ଏ ବାବଦରେ ଲମ୍ବା ବିତର୍କ କିମ୍ବା ଆଲୋଚନା ହୋଇନାହିଁ। ଏବେ ସାତ ଜିଲ୍ଲାର ଇଂରାଜୀ ବନାନ ବଦଳିବା ପରେ ଓଡ଼ିଶା ପୁରୁଣା ରାଜଧାନୀ କଟକର ବନାନ ପରିବର୍ତ୍ତନକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଖୁର୍ଦ୍ଧା କି ଖୋର୍ଦ୍ଧା ନୁହେଁ, ଏଣିକି ଖୋରଧା। ଆଉ ଲେଖାଯିବନି ଦେଓଗଡ଼, ସବୁଠି ରହିବ ଦେବଗଡ଼। ଅନୁଗୁଳ ହେବ ଅନୁଗୋଳ। କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଇଂରାଜୀ ବନାନ ସଂଶୋଧିତ ହେବ। ଏଣିକି କୁହାଯିବ ଆଳି ଓ ଇଂରାଜୀରେ ଲେଖାଯିବ ମଧ ଆଳି ଓ ଇଂରାଜୀ ଲେଖାଯିବ ମଧ ଆଳି। ଏମିତି ଲେଖା ଯିବ, ଯେମିତି ଉଚ୍ଚାରଣକୁ ନେଇ ଦ୍ୱନ୍ଦ୍ୱ କିମ୍ବା ଭିନ୍ନତା ରହିବନି।

ରାଜସ୍ୱ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲା, ବ୍ଲକ, ତହସିଲକୁ ନେଇ ଥିବା ନାମର ଦ୍ୱନ୍ଦ୍ୱ ଦୂର କରାଯିବ। ଇଂରାଜୀ ବନାନ ଏବଂ ଓଡ଼ିଆ ଉଚ୍ଚାରଣରେ ରହିବ ସମାନତା। ଏ ନେଇ ୧୧ଟି ଜିଲ୍ଲାର ମୋଟ ୨୫ଟି ସ୍ଥାନର ଇଂରାଜୀ ନାମର ବନାନ ସଂଶୋଧିତ କରିବାକୁ ପ୍ରସ୍ତାବ ଜାରି କରିଛି ବିଭାଗ। ଗତକାଲି ଏହି ପ୍ରସ୍ତାବକୁ ନେଇ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଉଛି। ୧୫ଦିନ ମହଲତ ଦିଆଯାଇଛି। ଏହି ତାଲିକାରେ ମାଲକାନାଗିରି ପଡ଼ିଆ ବ୍ଲକ, ଦେବଗଡ଼, କନ୍ଧମାଳ, ଖୋରଧା, ବୋଲଗଡ଼, ବାଣପୁର, ଜଟଣୀ, ଅନୁଗୋଳ, ପାଲହଡ଼ା, ଆଠଗଡ଼, ସାଲେପୁର, ବଡ଼ମ୍ବା, ବାଲେଶ୍ୱର, ନୀଳଗିରି, ଆଳି, କେନ୍ଦ୍ରାପଡ଼ା ମହାକାଳପଡ଼ା, କେନ୍ଦୁଝର, ବଡ଼ବିଲ, କେନ୍ଦୁଝରଗଡ଼, ରେଢ଼ାଖୋଲ, ନୟାଗଡ଼, ଦଶପଲ୍ଲା ନାମ ରହିଛି। ଏସବୁ ସ୍ଥାନର ନାମର ପ୍ରକୃତ ଓଡ଼ିଆ ଉଚ୍ଚାରଣ ଏବଂ ଇଂରାଜୀ ବନାନ ଭିତରେ ଅନେକ ଫରକ ରହୁଛି। ଏହାକୁ ନେଇ ନାମର ଉଚ୍ଚାରଣରେ ବିଭିନ୍ନ ସମୟରେ ଭିନ୍ନତା ରହୁଛି। ଏଥିପାଇଁ ମୂଳ ଓଡ଼ିଆ ନାମକରଣକୁ ଆଧାରଣ କରି ଇଂରାଜୀ ଲେଖାରେ ସଂଶୋଧନ କରିବାକୁ ପ୍ରସ୍ତାବ ରହିଛି।

ବିଜେପିର ପ୍ରଭାବଶାଳୀ ନେତା ଓ ପଶ୍ଚିମାଞ୍ଚଳର ମୁଖ୍ୟମନ୍ତ୍ରୀ ଚେହେରା କହିଲେ ଅତ୍ୟୁକ୍ତି ହେବନାହିଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବ୍ୟକ୍ତିନିଷ୍ଠ ଭାବେ ଅନେକ ଦିନତଳୁ ଅଭିଯୋଗ ହେଉଥିଠିବା ଏହି ପ୍ରସଙ୍ଗର ଏକ ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ତାଙ୍କ କହିବାନୁଯାୟୀ 'ଦୀର୍ଘ ସମୟରୁ ଏଭଳି ନାମକରଣ ରହି ଆସିଛି। ଓଡ଼ିଶା ଅସ୍ମିତାକୁ ସମ୍ମାନ ଜଣାଇ ମୂଳ ଶବ୍ଦାବଳୀ ଆଧାରରେ ନାମର ରୂପାନ୍ତରଣ ହେବ। ଗାଁରୁ ଜିଲ୍ଲା ପର୍ଯ୍ୟନ୍ତ ଭୂଲେଖରେ ଏ ନେଇ ପରିବର୍ତ୍ତନ କରି ଠିକ୍ ନାମ ଉଲ୍ଲେଖ କରାଯିବ। ଏହା ଦ୍ୱାରା ଓଡ଼ିଆ ଅସ୍ମିତା ମଜଭୁତ ହେବ। ଭୁଲ ନାମକୁ ଚିହ୍ନଟ କରି ତାଲିକା ଜାରି କରାଯାଇଛି। ମତାମତ ଆହ୍ୱାନ କରାଯାଇଛି। ଲୋକଙ୍କ ମତାମତକୁ ଆଧାର କରି ସଂଶୋଧନ ଦିଗରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।'

ସହରର ନାମକରଣ ପଛରେ ଏକ ସରଳ କିନ୍ତୁ ଐତିହାସିକ କାହାଣୀ ରହିଛି। ଏହାର ମୂଳ ନାମ 'କଟକ' ଯାହା ସଂସ୍କୃତ ଶବ୍ଦରୁ ଆସିଛି। ସଂସ୍କୃତରେ 'କଟକ'ର ଅର୍ଥ ହେଉଛି ଦୁର୍ଗ ବା ସେନା ଶିବିର। ବ୍ରିଟିଶ ଅମଳରେ ଇଂରାଜୀ ଉଚ୍ଚାରଣ ଓ ଲିପି ଅନୁଯାୟୀ ଏହାକୁ କଟକ (ଉଟଞ୍ଜଞ୍ଜଇଉକ) ଭାବେ ଲେଖାଯାଇଥିଲା। ଏହା ପୂର୍ବରୁ ଫେରିଲେ, ପ୍ରାଚୀନ କାଳରେ ଏହାକୁ 'ଅଭିନବ ବାରଣାସୀ କଟକ' କୁହାଯାଉଥିଲା। କାରଣ ବାରଣାସୀ ଯେମିତି ବରୁଣା ଓ ଅସି ଦୁଇ ନଦୀ ମଧରେ ରହିଛି, ସେହିପରି କଟକ ମଧ ମହାନଦୀ ଓ କାଠଯୋଡ଼ି ଦୁଇ ନଦୀ ମଧରେ ଥିବାରୁ ଏହାକୁ ନୂଆ ବାରଣାସୀ ବୋଲି ନାମିତ କରାଯାଇଥିଲା। କଟକର ନାମକରଣ ପଛରେ କୌଣସି ରହସ୍ୟମୟ କିମ୍ବା ପୌରାଣିକ କାହାଣୀ ନାହିଁ ବରଂ ଏହା ଏକ ସୈନ୍ୟବଳ ଓ ଦୁର୍ଗ ସହିତ ଜଡ଼ିତ ବାସ୍ତିକ ନାମକରଣ। ତେବେ କଟକର ଇଂରାଜୀ ନାମକରଣ ବନାନକୁ ଉଚ୍ଚାରଣ ବା ସମ୍ବୋଧନ କଲେ ଏହାକୁ କୁଟାକ, କୁଟକ୍ ଓ କୁଉକ ବୋଲି ପଢ଼ିହେବ। କିନ୍ତୁ ହଜାର ହଜାର ବର୍ଷ ଧରି ଏହା କଟକ ଭାବେ ପଢ଼ା ଯାଉଥିବାରୁ ଲୋକଙ୍କ ମୁହଁରେ ଏହି ନାମଟି ଶୋଭା ପାଉଛି। ଯଦିଓ କଟକ ସହିତ ଅଚିହ୍ନା ବିଶ୍ୱର ଅନ୍ୟ କୌଣସି ଦେଶର ନାଗରିକଙ୍କୁ କଟକର ଇଂରାଜୀ ବନାନ ଦେଖାଇଲେ ସେମାନେ ବୋଧହୁଏ କୁଟାକ୍ ହିଁ ପଢ଼ିବେ।

ଇଂରାଜୀରେ ବହୁତ ଶବ୍ଦ ରହିଛି ଯାହାକୁ ବନାନ ହିସାବରେ ଆମ କହୁନା। ଭାରତୀୟ ଭାଷାରେ ସାଧାରଣତଃ ବନାନ ଅନୁସାରେ ଉଚ୍ଚାରଣ କରାଯାଏ। ତେଣୁ ଇଂରାଜୀରେ କଟକର ବନାନ ଯାହା ରହିଛି ତାକୁ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ସେହିପରି ବ୍ରିଟିଶରମାନେ କଟକର ନାମ କରଣ କରିଥିଲେ। ସେମାନେ ଏବେ ନାହାନ୍ତି। ତେଣୁ ଉପନିବେଶବାଦୀ ଚିନ୍ତାଧାରା କାହିଁକି ରହିବ? ଆମ ଜିଲ୍ଲାର ନାଁ ଯାହା ସେୟା ଲେଖିବା ଓ ସମ୍ବୋଧନ କରିବାରେ ଅସୁବିଧା ନାହିଁ। ସରକାର କଟକ ନାମକରଣକୁ ନେଇ ବିଚାର କରନ୍ତୁ ବୋଲି ଅନେକଙ୍କ ତରଫରୁ ଦାବି ଉଠୁଛି। ସେମାନଙ୍କ କହିବାନୁଯାୟୀ ଯଦି କଟକର ଇଂରାଜୀ ବନାନ ବଦଳେ ତେବେ ଓଡ଼ିଆ ଅସ୍ମିତାର ପ୍ରତିଫଳନ ହେବ। କଟକକୁ କୁଟାକ୍ କହିବା ମୁଁ କେବେ ଶୁଣି ନାହିଁ, ଏହା ଅନେକ ସ୍ୱୀକାର କରିବେ। ତଥାପି କୁଟାକ୍ ଇଂରାଜୀ ବନାନ ସଂଶୋଧନ ହେଲେ ଅସୁବିଧା ନାହିଁ। ଇଂରେଜମାନେ ତାଙ୍କ ସମ୍ବୋଧନକୁ ନେଇ ଏଭଳି ନାମକରଣ କରିଥିଲେ। ତେଣୁ ଆମେ ଇଂରାଜୀରେ ଯାହ, ଓଡ଼ିଆରେ ବି ତାହା ପଢ଼ିଲେ ଭଲ।


**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍:**
୯୯୩୭୧୭୨୮୧୦


# ଏଆଇ ଇମ୍ପାକ୍ଟ ସମ୍ମିଳନୀ: ବିଶ୍ୱ ନିୟାମକ ଢାଞ୍ଚା ବିକଶିତ ପାଇଁ ଚେଷ୍ଟା



**ଅସିତ ମହାନ୍ତି**

ଭାରତରେ ଫେବୃଆରୀ ୧୬ ରୁ ୨୦, ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହେବାକୁ ଥିବା ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬କୁ ଏକ ଐତିହାସିକ ମୁହୂର୍ତ୍ତ ଭାବରେ ବିବେଚନା କରାଯାଉଛି। ଏହି ସମ୍ମିଳନୀ କେବଳ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ପ୍ରଦର୍ଶନ କରିବ ନାହିଁ ବରଂ ବିଶ୍ୱ ସ୍ତରରେ କୃତ୍ରିମ ବୁଦ୍ଧିମତ୍ତାର ସାମାଜିକ, ଅର୍ଥନୈତିକ ଏବଂ ନୈତିକ ପ୍ରଭାବ ଉପରେ ଗମ୍ଭୀର ଆଲୋଚନା ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ। ଏଥିରେ ଗୁଗୁଲର ସୁନ୍ଦର ପିଚାଇ, ଓପନଏଆଇର ସାମ୍ ଅଲ୍ଟମ୍ୟାନ୍, ଏନଭିଡିଆର ଜେନସେନ୍ ହୁଆଙ୍ଗ୍, ମାଇକ୍ରୋସଫ୍ଟର ବ୍ରାଡ୍ ସ୍ମିଥ୍ ଏବଂ ଅନେକ ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା ନେତା ସାମିଲ ହେବେ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲଭା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ଶାସକ ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍ ଭଳି ବିଶ୍ୱସ୍ତରୀୟ ନେତାମାନେ ମଧ ଅଂଶଗ୍ରହଣ କରିବେ। ଏହି ଉପସ୍ଥିତି ଏହି ସମ୍ମିଳନୀକୁ କେବଳ ବୈଷୟିକ ଦୃଷ୍ଟିକୋଣରୁ ନୁହେଁ ବରଂ ରାଜନୈତିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କରିଥାଏ। ଏହି ସମ୍ମିଳନୀର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ ଯେ କୃତ୍ରିମ ବୁଦ୍ଧିମତ୍ତା କେବଳ ଆର୍ଥିକ ଲାଭ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତି ପର୍ଯ୍ୟନ୍ତ ସୀମିତ ନ ରହି ଏହାକୁ 'ଲୋକ, ଗ୍ରହ ଏବଂ ପ୍ରଗତି' ନୀତି ସହିତ ଖାପ ଖୁଆଇବା ନିଶ୍ଚିତ କରିବା। ଭାରତ ଏହି କାର୍ଯ୍ୟକ୍ରମକୁ 'ସର୍ବଜନ ହିତାୟ, ସର୍ବଜନ ସୁଖାୟ'ର ଦୃଷ୍ଟିକୋଣ ସହିତ ଉପସ୍ଥାପନ କରିଥିଲା, ଅର୍ଥାତ୍ ଏଆଇର ଲାଭ କେବଳ କିଛି କମ୍ପାନୀ କିମ୍ବା ଦେଶ ମଧରେ ସୀମିତ ନ ରହି ବିଶ୍ୱ ସ୍ତରରେ ସମାନ ଭାବରେ ବଣ୍ଟନ କରାଯିବା ଉଚିତ। ତଥାପି, ଏହି ଆଦର୍ଶ କାର୍ଯ୍ୟକାରୀ କରିବା ସହଜ ନୁହେଁ। ଏଆଇ ବିକାଶର ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଅସମାନତା - କେବଳ କିଛି ଦେଶ ଏବଂ କମ୍ପାନୀ ପାଖରେ ପ୍ରଯୁକ୍ତିବିଦ୍ୟା ସମ୍ବଳ, ତଥ୍ୟ ଏବଂ ପୁଞ୍ଜି ଉପଲବ୍ଧ। ଫଳସ୍ୱରୂପ, ବିକାଶଶୀଳ ଦେଶଗୁଡ଼ିକ ପାଇଁ ଏହା ନିଶ୍ଚିତ କରିବା କଷ୍ଟକର ହେବ ଯେ ସେମାନେ ପଛରେ ନ ପଡ଼ିଯାଆନ୍ତି। ଆଉ ଏକ ପ୍ରମୁଖ ଚ୍ୟାଲେଞ୍ଜ ହେଉଛି ନୀତିଶାସ୍ତ୍ର ଏବଂ ନିୟମ। ଏଆଇର ବ୍ୟବହାର ଗୋପନୀୟତା, ସୁରକ୍ଷା ଏବଂ ସ୍ୱଚ୍ଛତା ବିଷୟରେ ଗମ୍ଭୀର ପ୍ରଶ୍ନ ଉଠାଇଥାଏ। ସମ୍ମିଳନୀରେ ଏଆଇର ଅପବ୍ୟବହାରକୁ ରୋକିବା ପାଇଁ ଏକ ସାଧାରଣ ବିଶ୍ୱ ନିୟାମକ ଢାଞ୍ଚା କିପରି ବିକଶିତ କରାଯିବ ସେ ବିଷୟରେ ଆଲୋଚନା କରାଯିବ। ତଥାପି, ଏଠାରେ ମଧ, ପ୍ରତିବନ୍ଧକ ହେଉଛି ଯେ ବିଭିନ୍ନ ଦେଶର ବିଭିନ୍ନ ପ୍ରାଥମିକତା ଏବଂ ରାଜନୈତିକ ଦୃଷ୍ଟିକୋଣ ଅଛି। ଆମେରିକା ଏବଂ ୟୁରୋପ ତଥ୍ୟ ସୁରକ୍ଷା ଏବଂ ଗୋପନୀୟତା ଉପରେ ଗୁରୁତ୍ୱ ଦେଉଥିବା ବେଳେ, ଏସିଆ ଏବଂ ଆଫ୍ରିକାର ଅନେକ ଦେଶ ବିକାଶ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦିଅନ୍ତି। ଏହି ବିରୋଧାଭାସୀ ଦୃଷ୍ଟିକୋଣକୁ ଏକ ସାଧାରଣ ନୀତିରେ ପରିଣତ କରିବା କଷ୍ଟକର ହେବ। ତୃତୀୟ ଚ୍ୟାଲେଞ୍ଜ ହେଉଛି ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମି ଏବଂ ନିବେଶ। ସମ୍ମିଳନୀରେ ବ୍ରାଜିଲ, ଇରାନ ଏବଂ ଇସ୍ରାଏଲ ଭଳି ଦେଶରୁ ବଡ଼ ବ୍ୟବସାୟିକ ପ୍ରତିନିଧିମଣ୍ଡଳ ସାମିଲ ହେବେ, ଯେଉଁମାନେ ନିବେଶ ଏବଂ ସହଯୋଗ ସମ୍ଭାବନା ବିଷୟରେ ଆଲୋଚନା କରିବେ। ତଥାପି, ପ୍ରଶ୍ନ ହେଉଛି ଏହି ନିବେଶର ଲାଭ ପ୍ରକୃତରେ ସ୍ଥାନୀୟ ସମ୍ପ୍ରଦାୟ ପାଖରେ ପହଞ୍ଚିବ କି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ସ୍ୱାର୍ଥ ପର୍ଯ୍ୟନ୍ତ ସୀମିତ ରହିବ। ଏହା ଭାରତ ପାଇଁ ଏହାର ଡିଜିଟାଲ୍ ଭିତ୍ତିଭୂମିକୁ ମଜବୁତ କରିବା ଏବଂ ଗ୍ରାମୀଣ ଅଞ୍ଚଳ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ଇଓ କାର୍ଯ୍ୟକାରୀ କରିବାର ଏକ ସୁଯୋଗ। ତଥାପି, ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ନିବେଶ ଏବଂ ଏକ ଦୀର୍ଘକାଳୀନ ରଣନୀତି ଆବଶ୍ୟକ ହେବ। ଚତୁର୍ଥ ପ୍ରତିବନ୍ଧକ ହେଉଛି ବିଶ୍ୱାସ ଏବଂ ସହଯୋଗର ସଙ୍କଟ। ପ୍ରତିରକ୍ଷା, ନିରୀକ୍ଷଣ ଏବଂ ସାଇବର ଯୁଦ୍ଧ ଭଳି କ୍ଷେତ୍ରରେ ମଧ ଇଓ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ଏହା ଦେଶଗୁଡ଼ିକ ମଧରେ ବିଶ୍ୱାସର ଅଭାବ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରେ। ସମ୍ମିଳନୀରେ ଚ୍ୟାଲେଞ୍ଜ ହେବ କିପରି ଇଓ




କୁ ଶାନ୍ତି ଏବଂ ସହଯୋଗ ପାଇଁ ଏକ ଉପକରଣ କରାଯିବ, ପ୍ରତିଯୋଗିତା ଏବଂ ସଂଘର୍ଷ ନୁହେଁ। ଏହା ବ୍ୟତୀତ, ସମ୍ମିଳନୀରେ ଯୁବପିଢ଼ି ଏବଂ ଗବେଷକଙ୍କ ଅଂଶଗ୍ରହଣ ଏକ ପ୍ରମୁଖ ପ୍ରସଙ୍ଗ ହେବ। ଇଓ ର ଭବିଷ୍ୟତ କେବଳ ବଡ଼ କମ୍ପାନୀ ଏବଂ ସରକାରଙ୍କ ହାତରେ ରହିବା ଉଚିତ୍ ନୁହେଁ, ବରଂ ଶିକ୍ଷା ଏବଂ ଗବେଷଣା ମାଧମରେ ବ୍ୟାପକ ସମାଜକୁ ପ୍ରସାରିତ ହେବା ଆବଶ୍ୟକ। କିନ୍ତୁ ଏଠାରେ ମଧ, ପ୍ରତିବନ୍ଧକ ହେଉଛି ଉଚ୍ଚମାନର ଗବେଷଣା ପ୍ରତିଷ୍ଠାନ ଏବଂ ସମ୍ବଳ କେବଳ କିଛି ଦେଶ ମଧରେ ସୀମିତ। ଇଓ ପ୍ରଭାବ ସମ୍ମିଳନୀ ୨୦୨୬ ରେ ଅଂଶଗ୍ରହଣକାରୀଙ୍କ ଭୂମିକା ବିବିଧ ଏବଂ ବହୁମୁଖୀ ହେବ। ଏହି ସମ୍ମିଳନୀ କେବଳ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକ ପାଇଁ ଏକ ପ୍ରଦର୍ଶନ ନୁହେଁ, ବରଂ ନୀତି ନିର୍ଦ୍ଧାରକ, ବିଶ୍ୱ ନେତା, ଗବେଷକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ମଧରେ ଆଲୋଚନା ଏବଂ ସହଯୋଗ ପାଇଁ ଏକ ସୁଯୋଗ ମଧ।

- ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲଭା ଏବଂ ଟଇର ଶାସକ ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନଙ୍କ ପରି ବିଶ୍ୱ ରାଜନୈତିକ ନେତାମାନେ ଇଓକୁ ଆନ୍ତର୍ଜାତୀୟ ସହଯୋଗ ଏବଂ ସ୍ଥାୟୀ ବିକାଶର ଢାଞ୍ଚାରେ ଏକୀକୃତ କରିବା ଉପରେ ଧାନ ଦେବେ। ସେମାନେ ନିଶ୍ଚିତ କରିବାକୁ ଚେଷ୍ଟା କରିବେ ଯେ କୃତ୍ରିମ ବୁଦ୍ଧିମତ୍ତା କେବଳ ପ୍ରଯୁକ୍ତିବିଦ୍ୟା ଉନ୍ନତି ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ସାମାଜିକ ନ୍ୟାୟ, ପରିବେଶଗତ ସନ୍ତୁଳନ ଏବଂ ବିଶ୍ୱ ଶାନ୍ତିରେ ମଧ ଯୋଗଦାନ ଦେଉଛି। ପ୍ରଯୁକ୍ତିବିଦ୍ୟା ଶିଳ୍ପର ପ୍ରମୁଖ ସିଇଓ ଏବଂ ନବସୃଜନକାରୀ, ଯେପରିକି ଏକ୍ସକ୍ଲୁଶକ୍ଷର ର ସୁନ୍ଦର ପିଚାଇ, ଢ଼କ୍ତରଭଇଓ ର ସାମ୍ ଅଲ୍ଟମ୍ୟାନ୍, ଘଙ୍ଗସୟସବ ର ଜେନସେନ୍ ହୁଆଙ୍ଗ ଏବଂ ଅନ୍ୟମାନଙ୍କ ପରି, ନୂତନତମ ଇଓ ପ୍ରୟୋଗ ଏବଂ ଗବେଷଣା ଅଂଶୀଦାର କରିବେ। ସେମାନେ ପ୍ରଦର୍ଶନ କରିବେ ଯେ ଇଓ କିପରି ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଏବଂ ଶକ୍ତି ଭଳି କ୍ଷେତ୍ରକୁ ବିପ୍ଳବ ଆଣିପାରେ। ସେମାନେ ନିବେଶ ଏବଂ ସହଭାଗୀତା ସୁଯୋଗ ବିଷୟରେ ମଧ ଆଲୋଚନା କରିବେ। ବ୍ୟବସାୟ ପ୍ରତିନିଧିମଣ୍ଡଳ ଏବଂ ନିବେଶକମାନେ, ବିଶେଷକରି ବ୍ରାଜିଲ, ଇରାନ ଏବଂ ଇସ୍ରାଏଲରୁ, ଭାରତ ଏବଂ ଅନ୍ୟାନ୍ୟ ଦେଶ ସହିତ ସହଯୋଗ ଅନୁସନ୍ଧାନ କରିବେ। ସେମାନଙ୍କର ଲକ୍ଷ୍ୟ ହେବ ଇଓ-ଭିତ୍ତିକ ଷ୍ଟାର୍ଟଅପ୍, ଡିଜିଟାଲ୍ ଭିତ୍ତିଭୂମି ଏବଂ ନବସୃଜନ କେନ୍ଦ୍ରଗୁଡ଼ିକରେ ନିବେଶ କରିବା। ନୀତି ନିର୍ଦ୍ଧାରକ ଏବଂ ସରକାରୀ ଅଧିକାରୀମାନେ ଇଓ ନିୟାମକ ଢାଞ୍ଚା, ତଥ୍ୟ ସୁରକ୍ଷା ଏବଂ ନୀତିଶାସ୍ତ୍ର ଉପରେ ଆଲୋଚନା କରିବେ। ସେମାନଙ୍କର ଭୂମିକା ହେବ ଯେ ଇଓ କୁ ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରାଯାଇ ନାଗରିକଙ୍କ ବିଶ୍ୱାସକୁ ବଜାୟ ରଖିବା। ଗବେଷକ, ଶିକ୍ଷାବିତ୍ ଏବଂ ଯୁବ ଅଂଶଗ୍ରହଣକାରୀମାନେ ସମ୍ମିଳନୀରେ ଜ୍ଞାନ ବିନିମୟ ଏବଂ ଭବିଷ୍ୟତ ଦିଗରେ ଯୋଗଦାନ ଦେବେ। ସେମାନେ ଇଓ ର ସାମାଜିକ ପ୍ରଭାବ ଉପରେ ଗବେଷଣା ଉପସ୍ଥାପନ କରିବେ ଏବଂ ଶିକ୍ଷା ଏବଂ ଗବେଷଣା ମାଧମରେ ଇଓ କୁ କିପରି ଗଣତାନ୍ତ୍ରିକ କରାଯାଇପାରିବ ତାହା ପ୍ରଦର୍ଶନ କରିବେ।

ତେଣୁ, ଅଂଶଗ୍ରହଣକାରୀଙ୍କ ଭୂମିକା ଆଲୋଚନା ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ସେମାନେ ମିଳିତ ଭାବରେ ଏକ ସମାନ ଦୃଷ୍ଟିକୋଣ ବିକଶିତ କରିବେ - ଯେଉଁଠାରେ ଇଓ କୁ 'ଲୋକ, ଗ୍ରହ ଏବଂ ପ୍ରଗତି' ନୀତି ସହିତ ସଂଯୁକ୍ତ କରାଯାଇପାରିବ। ଏହି ସମ୍ମିଳନୀ ମଧ ଭାରତକୁ ଗ୍ଲୋବାଲ୍ ସାଉଥ୍ ରେ ଏକ ଅଗ୍ରଣୀ କେନ୍ଦ୍ର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ସଂକ୍ଷେପରେ, ନୂଆଦିଲ୍ଲୀରେ ଅନୁଷ୍ଠିତ ଇଓ ପ୍ରଭାବ ସମ୍ମିଳନୀ ୨୦୨୬ ହେଉଛି ଏକ ପ୍ଲାଟଫର୍ମ ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ମାନବିକ ମୂଲ୍ୟବୋଧ ମଧରେ ସନ୍ତୁଳନ ସ୍ଥାପନ ପାଇଁ ପ୍ରୟାସ କରାଯିବ। ଚ୍ୟାଲେଞ୍ଜଗୁଡ଼ିକ ଅନେକ - ଅସମାନତା, ନୀତିଶାସ୍ତ୍ର, ନିବେଶ, ସହଯୋଗ ଏବଂ ବିଶ୍ୱାସ। କିନ୍ତୁ ଯଦି ଏହି ସମ୍ମିଳନୀ ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରିପାରିବ, ତେବେ ଏହା କେବଳ ଭାରତ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଇଓକୁ ଏକ ସକାରାତ୍ମକ ଶକ୍ତିରେ ପରିଣତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ।


**ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୦୨୮**


# ହେଲ୍ପ ମାଗୁଛି ଷ୍ଟ୍ରିଟ ଲାଇନ ହେଲ୍ପ ଲାଇନ



**ଗଙ୍ଗାଧର ସାମଲ**

ଧରନ୍ତୁ ଆପଣ ରାସ୍ତାରେ ଏକାକୀ ଯାଉଛନ୍ତି, ଆକସ୍ମିକ ଭାବେ ଆପଣଙ୍କ ସାମ୍ନାରେ କୌଣସି ଅପରାଧ ସଂଗଠିତ ହେଉଥିଲେ ତାହାଲେ କ'ଣ କରିବେ? ସରକାରଙ୍କ ବ୍ୟବସ୍ଥାରେ ଯାହା ରହିଛି ତାହାହେଲେ ସିଧାସଳଖ ଆପଣ କ୍ରାଇମ ୟୁନିଟକୁ ତତ୍କାଳ ଓ ଦୂରଭାଷ ମାଧମରେ ସୂଚନା ଦେଇପାରିବେ। ଆପଣଙ୍କ ମାତ୍ର ଗୋଟିଏ କଲ ଦ୍ୱାରା ପୋଲିସ ତୁରନ୍ତ ସଂଗଠିତ ଅଞ୍ଚଳରେ ଆପଣଙ୍କ ପାଖରେ ପହଞ୍ଚି ପାରିବ। ସେହିପରି ସବୁ ଆପତ୍ତି ଅଭିଯୋଗ ମଧ ପ୍ରଦାନ କରିବା ପାଇଁ ଯେ ଅଭିଯୋଗକାରୀଙ୍କୁ ଡିସିପିଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ଏମିତି କିଛି ବାଧବାଧକତା ନାହିଁ। ଆପଣ ଚାହିଁଲେ ଆପଣଙ୍କ ଘରେ ମୋବାଇଲ ହ୍ୱାଟସଆପ୍‌ରେ ଏ ସମ୍ପର୍କିତ ଆପତ୍ତି ଅଭିଯୋଗ ମାମଲା ଦରଜ କରିପାରିବେ। ଆପଣଙ୍କ ଅଭିଯୋଗ ହ୍ୱାଟସଆପ୍ ଦ୍ୱାରା ହିଁ ଯଥେଷ୍ଟ। ପୋଲିସ ଆପଣଙ୍କ ଅଭିଯୋଗ ପାଇବା ପରେ ତଦନ୍ତ ଓ ପଦକ୍ଷେପ ନିଶ୍ଚିନ୍ତ ନିର୍ବାହ କରିବ। କିନ୍ତୁ ବଡ଼ କଥା ହେଉଛି କଟକ ପରି ଏକ ବଡ଼ ସହରରେ ପୋଲିସ ବ୍ୟବସ୍ଥାର ଉପରୋକ୍ତ ଦୁଇଟି ଯାକ ବ୍ୟବସ୍ଥା ଏକରକମ ନିଦେଇ ଯାଇଛି। କହିବାକୁଗଲେ ଅଚଳ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଜିର ସମୟ ଡିଜିଟାଲ, ଅନଲାଇନ ଯୋଗାଯୋଗ ବ୍ୟବସ୍ଥାର ସମୟ। ଏପରି ଏକ ସମୟରେ ପୋଲିସ ପ୍ରଶାସନର ଜାରି କରିଥିବା ଦୁଇଟି ଯାକ ନମ୍ବର ବନ୍ଦ ହେବା ଏକ ଆଶ୍ଚର୍ଯ୍ୟକର କଥା।

ଠିକ ଦୁଇ ବର୍ଷ ତଳେ ଅର୍ଥାତ୍ ୨୦୨୪ ଫେବୃଆରୀ ମାସରେ ଅର୍ଥାତ୍ ସାଧାରଣ ନିର୍ବାଚନ ପୂର୍ବରୁ କଟକ ପୁଲିସ ପକ୍ଷରୁ ଆଉ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଆଗଲା। ରାହାଜାନୀ, ନକଲି ପୁଲିସର ଠକେଇ ଘଟଣାବଢ଼ିବା ପରେ ପୁଲିସ ସହିତ ତୁରନ୍ତ ଯୋଗାଯୋଗ କରିବା ପାଇଁ ଏକ ହେଲ୍ପଲାଇନ ନମ୍ବର '୦୬୯୭୮୯୪୦୫'ଆରମ୍ଭ କରାଗଲା। ଷ୍ଟ୍ରିଟ କ୍ରାଇମ ପ୍ରିଭେନସନ ଆଣ୍ଡ ଡିଟେକସନ ୟୁନିଟରେ ଏହି ମୋବାଇଲ ନମ୍ବର ରହିଲା। ଲୋକେ ଫୋନ କଲା ମାତ୍ରେ ସୂଚନା ଆଧାରରେ ତୁରନ୍ତ କଂଟ୍ରୋଲ ରୁମ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଥାନା ଓ ପିସିଆର ଭ୍ୟାନ ଏବଂ ବାଇକ ପିସିଆର ଆଲର୍ଟ କରୁଥିଲା। ଯେଉଁ କଲ ୧୧୨କୁ ଗଲେ କିଛି ପର୍ଯ୍ୟାୟରେ ଆସି ଥାନାରେ ପହଞ୍ଚୁଥିଲା ତାହା ସିଧାସଳଖ ପିସିଆର ପାଖରେ ପହଞ୍ଚିବାରୁ କାର୍ଯ୍ୟାନୁଷ୍ଠାନ ମଧ ତତକ୍ଷଣାତ ହେଲା। ତେଣୁ ସହରରେ ବିଭିନ୍ନ ଅପରାଧ ଓ ଅଘଟଣ ବିଷୟ ଜାଣି ଲୋକେ ସେହି ନମ୍ବରରେ ଜଣାଇଲେ। ମାତ୍ର ଏହି ନମ୍ବରର ପ୍ରଚାର ପ୍ରସାର ନ ହେବାରୁ ତାହା ସହରବାସୀ ଠିକ ଭାବେ କାମରେ ଲଗାଇଲେ ନାହିଁ। କିଛି ମାସ ପରେ ଉକ୍ତ ନମ୍ବରରେ ଆଉ କଲ ଆସିବା ବନ୍ଦ ହୋଇଗଲା। ଏବେ ଏହି ନମ୍ବର ଚାଲୁଛି କି ନାହିଁ ତାହା ଲୋକ ଜାଣିନାହାନ୍ତି। ସବୁଦିନ ସହରରେ ମାଲମାଲ ଚୋରି, ଛିନ୍‌ତାଇ ଓ ଦୁର୍ଘଟଣା ହେଉଥିଲେ ବି ଏହି ନମ୍ବରରେ କେହି ଫୋନ କରୁନାହାନ୍ତି।

ଅନ୍ୟପକ୍ଷରେ ଗତ ୨୦୨୧ମେ' ମାସରେ କଟକ ପୁଲିସ ପକ୍ଷରୁଏକ ହ୍ୱାଟସଆପ ନମ୍ବର ୮୭୬୩୦୬୮୧୬୭ ଜାରି କରାଯାଇଥିଲା। ଏହି ନମ୍ବରରେ



ସହରବାସୀ ନିଜର ଅଭିଯୋଗକୁ ପିଟିସନ ଭାବେ ଦାଖଲ କରିପାରିବେ ବୋଲି ପୁଲିସ ପକ୍ଷରୁ କୁହାଗଲା। ଏହାକୁ କାର୍ଯ୍ୟକାରୀ କରିବା ପରେ ବହୁ ଲୋକଙ୍କ ଅଭିଯୋଗ ତତକ୍ଷଣାତ ସମାଧାନ ହୋଇପାରିଲା। ଜଣେ ଏଡ଼ିସିପି ଓ ଜଣେ ଏସିପି ଅଭିଯୋଗ ଆଧାରରେ ନିଆଯାଉଥିବା ପଦକ୍ଷେପର ଅଗ୍ରଗତି ଟ୍ରାକ କରିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୂର୍ବରୁ ଅଭିଯୋଗ ଦାଖଲ ପାଇଁ ଜଣେ ଅଧିକାରୀଙ୍କୁ ଭେଟିବାକୁ ସମୟ ନେବାକୁ ପଡୁଥିଲା। ମାତ୍ର ହ୍ୱାଟସଆପରେ ଅଭିଯୋଗ ଯିବା ପରେ ଉକ୍ତ ଅଫିସରଙ୍କ ପାଖରେ ତାର କପି ତୁରନ୍ତ ପହଞ୍ଚିଲା ଓ କଣ କାର୍ଯ୍ୟାନୁଷ୍ଠାନ ନିଆଗଲା ତାହା ମଧ ସେହି ନମ୍ବରରେ ସୂଚନା ଦିଆଗଲା। ଏଭଳି ବ୍ୟବସ୍ଥା ଗଲା ୨୦୨୪ ମସିହା ଶେଷ ପର୍ଯ୍ୟନ୍ତ ପ୍ରାୟ ଠିକଠାକ୍ ଚାଲୁଥିଲା। ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥା ଥଣ୍ଡା ପଡ଼ିଗଲା ଯାହାଫଳରେ ଅଭିଯୋଗକାରୀ ମାନଙ୍କୁ ପୂର୍ବରୁ ରହିଥିବା ବ୍ୟବସ୍ଥା ପରି ଡିସିପିଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ସେହିପରି ଏହି ଜାରି ହୋଇଥିବା ନମ୍ବରରେ ଅଭିଯୋଗ ପାଇବା ପରେ ଆନ୍ତରିକତା ଓ ତତ୍ପରତା ନଥିବାରୁ କାଁ ଭାଁ କେହି କେବେ ଅଭିଯୋଗ ଯାହା ପଠାଉଛନ୍ତି। ବର୍ତ୍ତମାନର ଡିଜିଟାଲ ଓ ଅନଲାଇନ ଯୋଗାଯୋଗ ତ୍ୱରିତ ବ୍ୟବସ୍ଥା ସମୟରେ ଏଭଳି ଏକ ଲୋକଙ୍କୁ ଯୋଡ଼ି ପାରୁଥିବା ଓ ତତ୍କାଳ ସୁରକ୍ଷା ସହାୟତା ପ୍ରଦାନ କରୁଥିବା ଲୋକାଭିମୁଖୀ ଓ ଗୁରୁତ୍ୱପୂର୍ଣ୍ଣ ଯୋଜନାଟିକୁ ସତେ ଯେପରି ଅଚଳ କରିଦିଆଯାଇଛି। ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ନମ୍ବର ଦୁଇଟି କାମ କରୁଛନ୍ତି ବୋଲି ଜଣାଇବା ସହ ଲୋକମାନେ ଅନ୍ୟ ବିକଳ୍ପ ପସନ୍ଦ କରୁଛନ୍ତି ବୋଲି ମତ ରଖୁଛନ୍ତି। କିନ୍ତୁ ଦ୍ୱୈତ ନଗରୀରେ ଦିନକୁ ଦିନ ଅପରାଧର କାୟା ଯେଉଁପରି ବଢ଼ି ବଢ଼ି ଚାଲିଛି ଏବଂ କଟକ ସହରର ଦୁଇପଟରେ ଦୁଇଟି ନୂଆ ବ୍ରିଜ ନିର୍ମାଣ ପରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାଗୁଡ଼ିକ ସହ ହଜାର ବର୍ଷର କଟକ ସହର ତ୍ୱରାନ୍ୱିତ ଭାବେ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଯୋଡ଼ି ହୋଇପାରୁଛି। ଦିନକୁ ଦିନ ବାହାରୁ ଅନେକ ଲୋକ ଏହି ସହରକୁ ଆସୁଛନ୍ତି ଏବଂ ଏହି ପୁରୁଣା ସହରର କାୟା ଗୋଟିଏ ପଟେ ନରାଜକୁ ଛୁଇଁବାକୁ ବସିଥିଲାବେଳେ ଅନ୍ୟ ପଟେ ଏହା ବିଦ୍ୟାଧରପୁର ଅତିକ୍ରମ କରି କନ୍ଦରପୁରକୁ ଛୁଇଁବାକୁ ବସିଲାଣି। ଅନ୍ୟ ପଟକୁ ଦେଖିଲେ କାଠଯୋଡ଼ି ଅତିକ୍ରମ କରି ପାହାଳର ଆଗ ପର୍ଯ୍ୟନ୍ତ ଏମିତିରେ ବି କଟକ ସହ ଯୋଡ଼ି ହୋଇଥିବା ପରିସୀମା ରହୁଥିବାବେଳେ ବିପରୀତ ଦିଗକୁ ଦେଖିଲେ ଏହା ଜଗତପୁର ଅତିକ୍ରମ କରି ଟାଙ୍ଗୀ ପର୍ଯ୍ୟନ୍ତ ଲମ୍ବିଛି। ଏତେ ବଡ଼ ବିଶାଳ ଆୟତନ ଓ ବଡ଼ ଜନସଂଖ୍ୟା ବିଶିଷ୍ଟ ସହରରେ ଅନେକ ଭଡ଼ାଟିଆ ବି ରହୁଛନ୍ତି। ବର୍ଷର ବିଭିନ୍ନ ସମୟରେ ଆଇନ ଶୃଙ୍ଖଳ ପରିସ୍ଥିତି ବିଗିଡ଼ି ଥାଏ ଓ ପୋଲିସ ବ୍ୟବସ୍ଥା ମଧ ବାଲିଯାତ୍ରା, ଦଶହରା ପରି ପାର୍ବଣ ସମୟରେ ନାକେଦମ ହୋଇଯାଏ। ତେବେ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଯୋଡ଼ୁଥିବା ପୋଲିସ ବ୍ୟବସ୍ଥାର ଷ୍ଟ୍ରିଟ କ୍ରାଇମ ହେଲପ ଲାଇନ ଅତ୍ୟାଧୁନିକ ଡିଜିଟାଲ ବ୍ୟବସ୍ଥା ସହ ତ୍ୱରାନ୍ୱିତ ହେବା ଜରୁରୀ। ସେହିପରି ଅନେକ ପରିଣତ ବୟସର ନାଗରିକ ଓ ପ୍ରାୟତଃ ମହିଳା ଘରେ ରହୁଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ହ୍ୱାଟସଆପରେ ଗ୍ରିଭାନ୍ସ ପିଟିସନ ସେଲ ବି ଖୋଲିବା ଗୁରୁତ୍ୱପୂର୍ଣ୍ଣ। ଲୋକ ସମ୍ବଳ ଅଭାବ ପୋଲିସ ଦର୍ଶାଇ ଅଭିଯୋଗକୁ ପ୍ରାୟତଃ ଖାମଖିଆଲି ଭାବେ ଦେଖୁଥିବାରୁ ଲୋକମାନେ ବଡ଼ ସମସ୍ୟାକୁ ସାମ୍ନା କରିଥାନ୍ତି। ତେଣୁ ତୁରନ୍ତ ପୋଲିସ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରନ୍ତୁ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋବାଇଲ୍: ୮୩୨୮୯୪୮୬୪୩**

# ଆର୍‌ଏସ୍‌ଏସ୍‌କୁ ପ୍ରିୟାଙ୍କ ଖଡଗେଙ୍କ ଟାର୍ଗେଟ



**ସୈତାନର ଛାଇ ହେଉଛି ବିଜେପି: ପ୍ରିୟାଙ୍କ**

ବେଙ୍ଗାଲୁରୁ, ୧୬।୨: କର୍ଣ୍ଣାଟକ ସରକାରଙ୍କ ମନ୍ତ୍ରୀ ପ୍ରିୟାଙ୍କ ଖଡଗେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବିରୋଧରେ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଆରଏସ୍‌ଏସ୍ ଏକ ବଡ଼ ମନି ଲଣ୍ଡରିଂ ରାକେଟ ଚଳାଉଛି। ଏକ କାର୍ଯ୍ୟକ୍ରମରେ, ସେ ଆରଏସ୍‌ଏସ୍‌ର ପାଣ୍ଠି, ଟିକସ ପ୍ରଦାନ ଓ ଏହାର ଅଣପଞ୍ଜିକୃତ ସ୍ଥିତି ଉପରେ ତୀବ୍ର ପ୍ରଶ୍ନ ଉଠାଇ ଏହାକୁ ସମ୍ବିଧାନର ପରିସର ମଧ୍ୟରେ ଆଣିବାକୁ ଦାବି କରିଛନ୍ତି।

ସେ କହିଛନ୍ତି, ଆରଏସ୍‌ଏସ୍ ଏକ ସୈତାନ ସଂଗଠନ ଏବଂ ବିଜେପି ଏହାର ଛାଇ। ଆମେ ବର୍ତ୍ତମାନ ସୈତାନର ଛାଇ ସହିତ ଲଢୁଛୁ। ଯଦି ଆମେ ସୈତାନ ସହିତ ଲଢ଼ିବା, ତେବେ ଦେଶର ବିକାଶ ହେବ। ସେ କହିଛନ୍ତି ଆର୍‌ଏସ୍‌ଏସ୍ ବିନା ବିଜେପିର ଅବସ୍ଥା ଜନତା ଦଳ (ଧର୍ମନିରପେକ୍ଷ) ଅପେକ୍ଷା ଅଧିକ ଖରାପ ହେବ। ଏହା ଏକ ଆଞ୍ଚଳିକ ଦଳଠାରୁ ମଧ ନିମ୍ନ ସ୍ତରକୁ ଖସିଯିବ।

କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ପୁଅ ତଥା କର୍ଣ୍ଣାଟକ ସରକାରଙ୍କ ମନ୍ତ୍ରୀ ପ୍ରିୟାଙ୍କ ଖଡଗେ ଆର୍‌ଏସ୍‌ଏସ୍‌ର ଆର୍ଥିକ ସଂରଚନା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ସେ ଦାବି କରିଛନ୍ତି, ଆରଏସ୍‌ଏସ୍‌ର ପ୍ରାୟ ୨,୫୦୦ ସହଯୋଗୀ ସଂଗଠନ ଅଛି। ଖଡଗେଙ୍କ ଅନୁଯାୟୀ, ଏହି ସଂଗଠନଗୁଡ଼ିକ ଆମେରିକା ଓ ଇଂଲଣ୍ଡ ସମେତ ଅନ୍ୟାନ୍ୟ ଦେଶରୁ ଯଥେଷ୍ଟ ପାଣ୍ଠି ପାଆନ୍ତି, ଯାହା ବିଷୟରେ ସରକାର ସମ୍ପୂର୍ଣ୍ଣ ଅବଗତ। ସେ ଅଭିଯୋଗ କରିଛନ୍ତି, ବିଶ୍ୱସ୍ତରୀୟ ସମ୍ପର୍କ ଓ ଆର୍ଥିକ କାରବାର ପଛରେ ଏକ ବଡ଼ ମନି ଲଣ୍ଡରିଂ ରାକେଟ କାର୍ଯ୍ୟ କରୁଛି। ଖଡଗେ ପ୍ରଶ୍ନ କରିଛନ୍ତି , ଯେତେବେଳେ ସାଧାରଣ ନାଗରିକ ଓ ଅନ୍ୟାନ୍ୟ ସଂଗଠନର ବଡ଼ ତଥା ଛୋଟ, ପ୍ରତ୍ୟେକ ଆୟର ହିସାବ କରାଯାଏ, ସେତେବେଳେ ଆରଏସ୍‌ଏସ୍‌ର ପାଣ୍ଠି ପାଇଁ କୌଣସି ଉତ୍ତରଦାୟିତ୍ୱ କାହିଁକି ସ୍ଥାପିତ ହୋଇନାହିଁ।

ଆର୍‌ଏସ୍‌ଏସ୍‌ର ମୁଖ୍ୟ ଆୟ ଉତ୍ସକୁ ଟାର୍ଗେଟ କରି ସେ କହିଛନ୍ତି ଏହାକୁ ସଂଗଠନ ଗୁରୁ ଦକ୍ଷିଣା ବୋଲି କୁହେ। ଯେତେବେଳେ ସଂଘକୁ ଟଙ୍କାର ଉତ୍ସ ବିଷୟରେ ପଚରାଯାଏ, ସେମାନେ ଏହାକୁ ଗୁରୁ ଦକ୍ଷିଣା କହି ଏଡାଇ ଯାଆନ୍ତି। ସେ ଏହି ପରିମାଣର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ଏହି ଟଙ୍କା କେଉଁଠାରୁ ଆସେ ଏବଂ କାହିଁକି ଏଥିରେ ଟିକସ ଦିଆଯାଏ ନାହିଁ। ଖଡଗେ ଆର୍‌ଏସ୍‌ଏସ୍‌ର ଆଇନଗତ ସ୍ଥିତି ନେଇ ଏହାକୁ ଅଣପଞ୍ଜିକୃତ ସଂଗଠନ ବୋଲି କହିଛନ୍ତି। ଯଦି ଦେଶର ଅନ୍ୟ କ୍ଲବ ଏବଂ ସାମାଜିକ ସଂଗଠନ ପଞ୍ଜିକୃତ, ନିୟମ ପାଳନ ଓ ଟିକସ ପ୍ରଦାନ କରନ୍ତି, ତେବେ ଆରଏସ୍‌ଏସ୍ ଏହି ଛାଡ଼ କାହିଁକି ଉପଭୋଗ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

**୧୯୯୩ ମୁମ୍ବାଇ ସିରିଏଲ ବ୍ଲାଷ୍ଟ ମାମଲା**

# ଗ୍ୟାଙ୍ଗଷ୍ଟରର ଅବୁ ସାଲେମକୁ ସୁପ୍ରିମକୋର୍ଟଙ୍କ ଝଟକା



ନୂଆଦିଲ୍ଲୀ, ୧୬।୨: ମୁମ୍ବାଇ ୧୯୯୩ ସିରିୟଲ ବିସ୍ଫୋରଣ ମାମଲାର ଦୋଷୀ ଗ୍ୟାଙ୍ଗଷ୍ଟରର ଅବୁ ସାଲେମର ସେହି ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର ଶୁଣାଣି କରିବାକୁ ମନା କରିଦେଇଛନ୍ତି ଯେଉଁଥିରେ ସେ ୨୫ ବର୍ଷ ଦଣ୍ଡ ପୁରା କରିସାରିଥିବା ଓ ୧୦ ବର୍ଷ ହେଲା ବିନା କାରଣରେ ଜେଲରେ ଥିବା ଦାବି କରିଛି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ସଲେମକୁ ପୁଣି ବମ୍ବେ ହାଇକୋର୍ଟ ପଠାଇ ଦେଇଛନ୍ତି।

ବମ୍ବେ ହାଇକୋର୍ଟଙ୍କ ଜୁଲାଇ ୨୦୨୫ ରାୟକୁ ଚ୍ୟାଲେଞ୍ଜ କରି ସାଲେମ କହିଥିଲା ଯେ ଏଥିରେ ହାଇକୋର୍ଟ ଏବେ ଦଣ୍ଡ ଅବଧି ୨୫ ବର୍ଷ ପୂରଣ ହୋଇନଥିବା ଆଶଙ୍କା କରିଛନ୍ତି। ଏହା ପୂର୍ବରୁ ସାଲେମ ହାଇକୋର୍ଟରେ ଆବେଦନ କରି ମୁକ୍ତି ନିବେଦନ କରିଥିଲା। ଏଥିରେ ସେ ଦାବି କରିଥିଲା ଯେ ଭଲ ବ୍ୟବହାର ପାଇଁ ମିଳିଥିବା ରିହାତି ମିଶାଇ ସେ ୨୫ ବର୍ଷ ଜେଲଦଣ୍ଡ କାଟିସାରିଲାଣି। ହାଇକୋର୍ଟ ତାର ଆବେଦନକୁ ଗ୍ରହଣ କରିଥିଲେ, ହେଲେ କୌଣସି ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଦେଇଥିଲେ।

ଏହାକୁ ଚ୍ୟାଲେଞ୍ଜ କରି ସଲେମ ସୁପ୍ରିମକୋର୍ଟ ପହଞ୍ଚିଥିବା ବେଳେ ଖଣ୍ଡପୀଠ ଶୁଣାଣିରେ କହିଛନ୍ତି ବମ୍ବେ ହାଇକୋର୍ଟ କେବଳ ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଛନ୍ତି, ଏଣୁ ସାଲେମକୁ ସେହିଠାରେ ଅନ୍ତିମ ତର୍କ କରିବା ଦରକାର। ଏଣୁ ଖଣ୍ଡପୀଠ ପିଟିସନ ଫେରାଇ ନେବାକୁ ଅନୁମତି ଦେଇ ହାଇକୋର୍ଟଙ୍କୁ ମାମଲାର ଶୀଘ୍ର ଶୁଣାଣି ନିମନ୍ତେ ଆମେ ଆଗ୍ରହ କରିପାରିବେ ବୋଲି କହିଛନ୍ତି। ସାଲେମଙ୍କ ଓକିଲ ତର୍କ ଦେଇ କହିଛନ୍ତି ଯେ ମହାରାଷ୍ଟ୍ର ଜେଲ ନିୟମ ୧୯୬୨ ଉତ୍ତମ ଆଚରଣ ନିମନ୍ତେ ରିହାତି (ରିମିସନ)କୁ ଯୋଡିଲେ ସେ ୨୫ ବର୍ଷ ଜେଲ ଦଣ୍ଡ ପୁରା କରିସାରିଛନ୍ତି। ତେବେ ସୁପ୍ରିମକୋର୍ଟ କହିଛନ୍ତି ଯେ ଜେଲ ମହାନିରୀକ୍ଷକଙ୍କ ଆଫିଡେଭିଟ ଅନୁସାରେ ସଲେମ ଏପର୍ଯ୍ୟନ୍ତ ପାଖାପାଖି ୧୯ ବର୍ଷ ଜେଲ ଭୋଗିଛି। ଏହା ପୂର୍ବରୁ ଜୁଲାଇ ୨୦୨୨ରେ ସୁପ୍ରିମକୋର୍ଟ କହିଥିଲେ ଯେ କେନ୍ଦ୍ର ସରକାର ପର୍ତ୍ତୁଗାଲକୁ ଦେଇଥିବା ଆଶ୍ୱସ୍ତିକୁ ପାଳନ କରିବାକୁ ବାଧ। ଏଣୁ ୨୫ ବର୍ଷ ପୂରଣ ହେଲେ ସାଲେମକୁ ଜେଲରୁ ମୁକ୍ତ କରିଦିଆଯିବ। ଉଲ୍ଲେଖଯୋଗ୍ୟ ଯେ ଗ୍ୟାଙ୍ଗଷ୍ଟରର ଅବୁ ସାଲେମକୁ ୧୧ ନଭେମ୍ବର ୨୦୦୫ରେ ପର୍ତ୍ତୁଗାଲରୁ ପ୍ରତ୍ୟାର୍ପିତ କରାଯାଇଥିଲା। ପ୍ରତ୍ୟାର୍ପଣ ସର୍ତ୍ତାନୁସାରେ ଭାରତ ଏହି ଆଶ୍ୱାସନ ଦେଇଥିଲା ଯେ ଗ୍ୟାଙ୍ଗଷ୍ଟରକୁ ମୃତ୍ୟୁଦଣ୍ଡାଦେଶ ହେବନି କି ୨୫ ବର୍ଷରୁ ଅଧିକ ଦଣ୍ଡାଦେଶ କରାଯିବନି। ତେବେ ଫେବୃଆରୀ ୨୦୨୫ରେ ଏକ ସ୍ୱତନ୍ତ୍ର ଟାଡାକୋର୍ଟ ୧୯୯୫ରେ ମୁମ୍ବାଇ ବିଲଡର ପ୍ରଦୀପ ଜୈନଙ୍କ ହତ୍ୟା ମାମଲାରେ ସଲେମକୁ ଆଜୀବନ କାରାଦଣ୍ଡାଦେଶ କରିଛନ୍ତି।

# ପଶ୍ଚିମବଙ୍ଗର ୭ ଅଧିକାରୀଙ୍କୁ ନିଲମ୍ବନ କଲେ ଇସିଆଇ




ନୂଆଦିଲ୍ଲୀ, ୧୬।୨: ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ଗୁରୁତର ଅବହେଳା ଏବଂ ସାମ୍ବିଧାନିକ କ୍ଷମତାର ଅପବ୍ୟବହାର ନେଇ ପଶ୍ଚିମବଙ୍ଗର ୭ ଜଣ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ଭାରତୀୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଧିକାରୀମାନେ ସହାୟକ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଭାବରେ ନିର୍ବାଚନ ଆୟୋଗ (ଇସି)ଙ୍କ ପାଇଁ କାର୍ଯ୍ୟ କରୁଥିଲେ। ନିଲମ୍ବିତ ଅଧିକାରୀ ସେଫୋର ରହମାନ, ଡାଲିଆ ରାୟଚୌଧୁରୀ, ନୀତୀଶ ଦାସ, ଶେଖ୍ ମୁର୍ସିଦ ଆଲାମ, ସତ୍ୟଜିତ୍ ଦାସ, ଜୟଦୀପ କୁଣ୍ଡୁ ଓ ଦେବାଶିଷ ବିଶ୍ୱାସ ବୋଲି ଜଣାପଡ଼ିଛି। ବୁଥସ୍ତରୀୟ ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏବଂ ସେମାନଙ୍କର ସହାୟକମାନେ ରାଜ୍ୟ ସରକାରଙ୍କ ଅଧୀନସ୍ଥ କର୍ମଚାରୀ ହୋଇଥିବାବେଳେ ନିର୍ବାଚନ ଆୟୋଗଙ୍କ ପାଇଁ ଡେପୁଟେସନରେ କାର୍ଯ୍ୟ କରୁଥିଲେ। ସେମାନଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇସିଆଇ ପଶ୍ଚିମବଙ୍ଗ ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ, ୮ ଜୀବନ୍ତ ଦଗ୍ଧ

ଭିୱାଡି, ୧୬।୨:ରାଜସ୍ଥାନର ଭିୱାଡିରେ ଏକ ରାସାୟନିକ କାରଖାନାରେ ଏକ ବଡ଼ ବିସ୍ଫୋରଣ ଘଟି ଭୟଙ୍କର ଅଗ୍ନିକାଣ୍ଡ ହୋଇଛି। ସୂଚନା ପାଇ ଅଧ ଡଜନ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ସେତେବେଳକୁ ନିଆଁ ଆଁରେ ଆଠଜଣ ଫସିଯାଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ସମୟ ମଧ୍ୟରେ ଲୋକଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ ଏବଂ ଆଠ ଜଣ ନିଆଁରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ।

ସୋମବାର ସକାଳେ ଖୁଶଖେଡାର ଶିଳ୍ପାଞ୍ଚଳରେ ଅବସ୍ଥିତ ଏକ କାରଖାନାରେ ଜୋରଦାର ବିସ୍ଫୋରଣ ହୋଇଥିଲା। କିଛି ସମୟ ମଧ୍ୟରେ କାରଖାନାର ଚାରିଆଡେ ନିଆଁ ବ୍ୟାପି ଯାଇଥିଲା। ଖୁସଖେଡା ଶିଳ୍ପ ଅଞ୍ଚଳର କିଛି ଅଞ୍ଚଳ ଅନେକ ଦିନ ଧରି ବନ୍ଦ ଥିଲା। କାରଖାନାରେ କାର୍ଡବୋର୍ଡର ଏକ ବଡ଼ ଷ୍ଟକ ଥିଲା। ଏହି ସ୍ଥାନରେ ତିନିରୁ ଚାରୋଟି ଜୋରରେ ବିସ୍ଫୋରଣ ହୋଇଥିଲା, ଯାହାପରେ ନିଆଁ ବ୍ୟାପି ଯାଇଥିଲା। ସନ୍ଦେହ କରାଯାଉଛି ଯେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହୋଇ ନିଆଁ ଲାଗିଯାଇଥିଲା। ସୋମବାର ସକାଳେ, କାରଖାନାଟି ନିଆଁ ପିଣ୍ଡୁଳାରେ ପରିଣତ ହେଲା ଭଳି ମନେ ହୋଇଥିଲା। ଭିତରୁ ଲୋକଙ୍କ ଚିତ୍କାର ଏବଂ ଚିତ୍କାର ଶୁଣାଯାଉଥିଲା। ଲୋକମାନେ ବିଭିନ୍ନ ଦିଗକୁ ଦୌଡ଼ିବାକୁ ଲାଗିଥିଲେ। ହଠାତ୍, ସମଗ୍ର ଅଞ୍ଚଳ ନିଆଁରେ ପୋଡ଼ି ଯାଇଥିଲା। ରିପୋର୍ଟ ଅନୁସାରେ, ଘଟଣା ସମୟରେ ଭିତରେ ପ୍ରାୟ ୨୫ ଜଣ ଶ୍ରମିକ ଥିଲେ। ବିସ୍ଫୋରଣ ପରେ, କିଛି ଲୋକ ଖସି ପଳାଇବାରେ ସଫଳ ହୋଇଥିଲେ, ଯେତେବେଳେ ୮ ଜଣ ଭିତରେ ଫସି ରହି ଯାଇଥିଲେ।



# ହିମନ୍ତଙ୍କ ବିରୋଧରେ ଶୁଣାଣି କଲେନି ସୁପ୍ରିମକୋର୍ଟ

## ଆବେଦନକାରୀଙ୍କୁ ହାଇକୋର୍ଟ ପଠାଇଦେଲେ

ନୂଆଦିଲ୍ଲୀ, ୧୬।୨: ସୁପ୍ରିମକୋର୍ଟ ସୋମବାର ଆସାମ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରୁଜୁ ପିଟିସନ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଏହି ମାମଲାରେ ସିପିଆଇଏମ, ସପିଆଇ ନେତା ଏନି ରାଜା ଓ ଅସାମିୟା ବିଦ୍ୱାନ ହିରେନ ଗୋହେନ ପିଟିସନ ରୁଜୁ କରିଥିଲେ। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟା ବାଗଚୀ ଓ ଜଷ୍ଟିସ୍ ବିପୁଲ ପଞ୍ଚୋଲିଙ୍କ ବେଞ୍ଚ ଆବେଦନକାରୀଙ୍କୁ ହାଇକୋର୍ଟକୁ ଯିବା ଲାଗି ପରାମର୍ଶ ଦେଇଛନ୍ତି। କୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଯେ ଏହି ସବୁ ପ୍ରସଙ୍ଗ ଉପରେ ଅଧିକାର କ୍ଷେତ୍ରରେ ଥିବା ହାଇକୋର୍ଟ ପ୍ରଭାବୀ ଢଙ୍ଗରେ ନିଷ୍ପତ୍ତି ନେଇ ପାରିବେ।

ବେଞ୍ଚ କହିଛନ୍ତି ଯେ ଆମେ ମାମଲାର ଶୁଣାଣି କରିବା ଲାଗି କୌଣସି କାରଣ ଦେଖୁ ନାହୁଁ। ଏଣୁ ଆମେ ଆବେଦନକାରୀଙ୍କୁ ଅଧିକାର କ୍ଷେତ୍ର ହାଇକୋର୍ଟକୁ ପଠାଉଛୁ ଓ ଆମେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରୁଛୁ ଯେ ଶୁଣାଣିକୁ ପ୍ରାଥମିକତା ଦିଅନ୍ତୁ। କାରଣ ଓକିଲ ମାମଲାରେ ଜରୁରୀ ଥିବା ଉଲ୍ଲେଖ କରିଛନ୍ତି। ଆବେଦନକାରୀଙ୍କ ଓକିଲ ଅଭିଷେକ ମନୁ ସିଂଘଭୀ କହିଛନ୍ତି ଯେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆସାମ ସହିତ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ



ଏହି ବୟାନ ଦେଇଛନ୍ତି। ଏଣୁ ଏହି ମାମଲାକୁ ସୁପ୍ରିମକୋର୍ଟ ଶୁଣାଣି କରିପାରିବେ।

ଅଭିଷେକ ମନୁ ସିଂଘଭୀ ତର୍କ ଦେଇଛନ୍ତି ଯେ ଜଣେ ମୁଖ୍ୟମନ୍ତ୍ରୀ ଯିଏ ସମ୍ବିଧାନର ଶପଥ ନେଇଛନ୍ତି ଓ ସମ୍ବିଧାନିକ ପଦାଧିକାରୀ ଅଟନ୍ତି ହେଲେ ସେ ସମ୍ବିଧାନର ଉଲ୍ଲଂଘନ କରିଛନ୍ତି। ଆବେଦନରେ ମୁଖ୍ୟମନ୍ତ୍ରୀ ଶର୍ମାଙ୍କ 'ମିଆଁ ମୁସ୍ଲିମ' ବୟାନ ଓ ସୋସିଆଲ ମିଡିଆରେ ତାଙ୍କର ଭାଇରାଲ ଭିଡିଓ ଉଦାହରଣ ଦେଇ ଏଫଆଇଆର ରୁଜୁ କରିବାକୁ ଓ ମାମଲାର ଏସଆଇଟି ଯାଞ୍ଚ ପାଇଁ ନିବେଦନ କରାଯାଇଛି। ତେବେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଯଦିଓ ମାମଲାର ସିଧା ଶୁଣାଣି ନିମନ୍ତେ କୋର୍ଟଙ୍କର ଅଧିକାର ଅଛି ତଥାପି ସେ ସର୍ଟକର୍ଟ ଆପଣେଇବା ପକ୍ଷରେ ନାହାନ୍ତି।

ସି ଜେ ଆ ଇ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଆମ ପାଖରେ ପୂର୍ବରୁ ଲମ୍ବିତ ଅନେକ ମାମଲା ଅଛି। ସେଗୁଡ଼ିକର ମଧ ଶୁଣାଣି କରିବାକୁ ହେବ। ତେବେ ଏହି ପୁରା ପ୍ରୟାସ ହାଇକୋର୍ଟଙ୍କ ମନବଳ ହ୍ରାସ କରିବା ପରି ଲାଗୁଛି। ଏଥିରେ ହାଇକୋର୍ଟକୁ ଦୁର୍ବଳ କରିବାକୁ ସୁନିୟୋଜିତ ଉଦ୍ୟମ ହେଉଥିବାର ଜଣାପଡୁଛି। ସିଜେଆଇ କହିଛନ୍ତି ଯେ ଆପଣ ଏ ପର୍ଯ୍ୟନ୍ତ ହାଇକୋର୍ଟକୁ ଯାଇ ନାହାନ୍ତି। ଆମର ବିଶ୍ୱାସ ହାଇକୋର୍ଟ ଏହା ଉପରେ ଧାନ ଦେଇ ପାରନ୍ତି। ଏହି ମାମଲାର ଶୁଣାଣି ପ୍ରଥମେ ହାଇକୋର୍ଟ କରିବା କଥା। ଏପରି ମାମଲା ସମାଧାନ ନିମନ୍ତେ ହାଇକୋର୍ଟ ସମ୍ପୂର୍ଣ୍ଣ ସକ୍ଷମ।

# କେରଳରେ କଂଗ୍ରେସ ଜିତି ପାରିବନି: ଆୟାର



**ମଣିଶଙ୍କର ବିବାଦୀୟ ବୟାନକୁ ନେଇ ପୁଣି କଂଗ୍ରେସରେ ଝଡ**

ନୂଆଦିଲ୍ଲୀ, ୧୬।୨: କଂଗ୍ରେସ ପାର୍ଟିର ଆଭ୍ୟନ୍ତରୀଣ ପ୍ରସଙ୍ଗ ପୁଣି ଥରେ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ବର୍ଷିଆନ କଂଗ୍ରେସ ନେତା ମଣିଶଙ୍କର ଆୟରଙ୍କ ବୟାନ କଂଗ୍ରେସକୁ କାଠଗଡାରେ ଛିଡା କରିଛି। ଏକ ଗଣମାଧ୍ୟମ ସଂସ୍ଥାକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦଳର କେତେକ ବରିଷ୍ଠ ନେତାଙ୍କୁ ନେଇ କଟୁ ମନ୍ତବ୍ୟ ଦେଇଛନ୍ତି। ଆୟର କହିଛନ୍ତି କଂଗ୍ରେସ ପାର୍ଟି କେରଳରେ ଆସନ୍ତା ବିଧାନସଭା ନିର୍ବାଚନ ଜିତିପାରିବ ନାହିଁ। ସେ କହିଛନ୍ତି, କଂଗ୍ରେସ ନେତାମାନେ କମ୍ୟୁନିଷ୍ଟ ନେତାମାନଙ୍କୁ ଘୃଣା କରିବା ଅପେକ୍ଷା ପରସ୍ପରକୁ ଅଧିକ ଘୃଣା କରନ୍ତି। କେରଳ ମୁଖ୍ୟମନ୍ତ୍ରୀ ତଥା ସିପିଏମ ନେତା ପିନାରାୟୀ ବିଜୟନଙ୍କୁ ପ୍ରଶଂସା କରିବା ସହିତ ଆଗାମୀ ନିର୍ବାଚନ ପରେ ମଧ ସେ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି ଭବିଷ୍ୟବାଣୀ କରି ବିବାଦ ସୃଷ୍ଟି କରିଛନ୍ତି। କଂଗ୍ରେସ ଏହି ମନ୍ତବ୍ୟରୁ ନିଜକୁ ଦୂରେଇ ରଖିଛି। ପଓ୍ୱନ ଖେଡ଼ା କହିଛନ୍ତି ଯେ, ଆୟରଙ୍କର କଂଗ୍ରେସ ସହିତ କୌଣସି ସମ୍ପର୍କ ନାହିଁ ଏବଂ ଏହା ତାଙ୍କର ବ୍ୟକ୍ତିଗତ ମନ୍ତବ୍ୟ। ଅନ୍ୟପକ୍ଷରେ ଆୟର ଖେଡ଼ାଙ୍କୁ ସଖୀ କଣ୍ଢେଇ କହିବା ସହିତ କଂଗ୍ରେସ ପାର୍ଟିକୁ ତାଙ୍କ ବ୍ୟତୀତ କେହି ଦଳର ପ୍ରବକ୍ତା ହେବାକୁ ମିଳୁନାହିଁ ବୋଲି କହିଛନ୍ତି। କେରଳରେ କଂଗ୍ରେସ ଦଳର ଜିତିବା ଉପରେ ପ୍ରଶ୍ନରେ ଆୟର୍ କହିଥିଲେ, ଦଳ ଜିତୁ ବୋଲି ମୁଁ ଚାହୁଛି। କିନ୍ତୁ ଦଳର ନେତାମାନେ ବିଭାଜିତ ହୋଇ ରହିଥିବାରୁ ମୋତେ ସେମାନେ ଜିତିବା ପରି ମନେ ହେଉନାହିଁ।

ଆୟାର ଚାରିଥର ତିରୁଅନନ୍ତପୁରମ ସାଂସଦ ଶଶି ଥରୁରଙ୍କ ଉପରେ ମଧ କଡ଼ା ମନ୍ତବ୍ୟ ଦେଇଥିଲେ। ଅପରେସନ ସିନ୍ଦୁର ପ୍ରସଙ୍ଗରେ ଥରୁର ତାଙ୍କ ମନ୍ତବ୍ୟକୁ ନେଇ ଦଳୀୟ ନେତୃତ୍ୱ ସହିତ ବିବାଦର ସମ୍ମୁଖୀନ ହୋଇଥିଲେ। ଥରୁର ପରବର୍ତ୍ତୀ ବୈଦେଶିକ ମନ୍ତ୍ରୀ ହେବାର ମହତ୍ତ୍ୱାକାଂକ୍ଷା ପୋଷଣ କରନ୍ତି ବୋଲି ସେ କହିଛନ୍ତି। ଆୟାର ଏହା ମଧ କହିଛନ୍ତି ଯେ, କଂଗ୍ରେସର ଯୋଗାଯୋଗ ମୁଖ୍ୟ ଜୟରାମ ରମେଶଙ୍କୁ ତାଙ୍କ ପଦବୀ ବଜାୟ ରଖିବାକୁ ପଡିବ।




# ଜାତୀୟ ରାଜପଥରେ ବଢ଼ିପାରେ ଟୋଲ ଟ୍ୟାକ୍ସ

## ଘରୋଇ ନିବେଶକଙ୍କୁ ଆକୃଷ୍ଟ କରିବାକୁ ଯୋଜନା

ନୂଆଦିଲ୍ଲୀ, ୧୬।୨: ଭାରତରେ ଆଗକୁ ବଢିପାରେ ଟୋଲ୍ ଟିକସ। ଦେଶରେ ଏକ୍ସପ୍ରେସ-ୱେ ଏବଂ ହାଇ-ସ୍ପିଡ ରୋଡ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଗତ ଏକ ଦଶନ୍ଧି ଧରି ରାଜପଥ ନିର୍ମାଣ କ୍ଷେତ୍ରରୁ ଦୂରେଇ ରହିଥିବା ଘରୋଇ ପୁଞ୍ଜିନିବେଶକାରୀଙ୍କୁ ପୁଣିଥରେ ଆକୃଷ୍ଟ କରିବା ପାଇଁ ସରକାର ନୂଆ ନିୟମ ପ୍ରଣୟନ କରୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ଆଗାମୀ ଦିନରେ ଟୋଲ ଟ୍ୟାକ୍ସ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ଘରୋଇ କ୍ଷେତ୍ର ମାଧ୍ୟମରେ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ହାଇୱେ ନିର୍ମାଣରେ ଘରୋଇ ନିବେଶ ମାତ୍ର କିଛି ପ୍ରତିଶତ ରହିଥିବା ବେଳେ, ଆସନ୍ତା ବର୍ଷ ସୁଦ୍ଧା ଏହାକୁ ୨୫ ପ୍ରତିଶତକୁ ବୃଦ୍ଧି କରିବାକୁ ମୋଦି ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ପ୍ରଚଳିତ ବିଓଟି ମଡେଲକୁ ପୁଣିଥରେ ସକ୍ରିୟ କରାଯାଉଛି। ଯେଉଁଠାରେ ନିବେଶକାରୀମାନେ ଟୋଲ୍ ସଂଗ୍ରହ ମାଧ୍ୟମରେ ନିଜର ଖର୍ଚ୍ଚ ଭରଣା କରିପାରିବେ।

ପୂର୍ବରୁ ବ୍ୟୁରୋକ୍ରାଟିକ ବିଳମ୍ବ ଏବଂ ରାଜସ୍ୱ ହାନି ଭୟରେ ପୁଞ୍ଜିନିବେଶକାରୀମାନେ ପଛଘୁଞ୍ଚା ଦେଉଥିଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ବଜେଟରେ 'ଭିତ୍ତିଭୂମି ବିପଦ ଗ୍ୟାରେଣ୍ଟି ପାଣ୍ଠି' ଗଠନ କରିବାକୁ ଘୋଷଣା କରିଛନ୍ତି। ଏହା ନିବେଶକାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବ। ଚଳିତ ବଜେଟରେ ଭିତ୍ତିଭୂମି ବିକାଶ ପାଇଁ ୧୨.୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାସ୍ତା ଓ ବ୍ରିଜ ନିର୍ମାଣ ପାଇଁ ବଜେଟ ୬.୯ ପ୍ରତିଶତ ବୃଦ୍ଧି କରାଯାଇ ୩.୧ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଆସନ୍ତା ୧୦ ବର୍ଷ ମଧ୍ୟରେ ଦେଶର ହାଇ-ସ୍ପିଡ ରୋଡ ନେଟୱାର୍କକୁ ୫ ଗୁଣ ବୃଦ୍ଧି କରିବାକୁ ଯୋଜନା ରହିଛି।



# ଅହମ୍ମଦାବାଦ ସ୍କୁଲକୁ ବୋମା ଧମକ

ଅହମ୍ମଦାବାଦ, ୧୬।୨: ଗୁଜରାଟର ଅହମ୍ମଦାବାଦ ଓ ଭଡୋଦରାର ୨୮ ସ୍କୁଲକୁ ସୋମବାର ବୋମା ରହିଥିବା ନେଇ ଧମକ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ସଙ୍ଗେ ସଙ୍ଗେ ସ୍କୁଲଗୁଡ଼ିକୁ ଖାଲି କରି ତଲାସି ନିଆଯାଇଥିଲା। ତେବେ ଏପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିବା ପୁଲିସ ପକ୍ଷରୁ କୁହାଯାଇଛି। ଅହମ୍ମଦାବାଦର ୧୫ରୁ ଅଧିକ ସ୍କୁଲକୁ ବୋମା ଧମକ ଇମେଲ ଆସିଥିଲା ବୋଲି ଜିଲ୍ଲା ଶିକ୍ଷାଧିକାରୀ ରୋହିତ ଚୌଧୁରୀ କହିଛନ୍ତି। ସ୍କୁଲଗୁଡ଼ିକୁ ନିକଟସ୍ଥ ପୁଲିସ ଷ୍ଟେସନକୁ ତୁରନ୍ତ ସୂଚନା ଦେବା ସହିତ ସୁରକ୍ଷା ପ୍ରୋଟକଲ ଅନୁସରଣ କରିବାକୁ କୁହାଯାଇଥିଲା। ଭଡୋଦରା ପୁଲିସ କମିସନର୍ ନରସିମା କୋମାର କହିଛନ୍ତି, ୧୩ଟି ସ୍କୁଲରୁ ବୋମା ଧମକ ଥିବା ଇମେଲ ଆସିବା ନେଇ ସୂଚନା ମିଳିଥିଲା। ଝଣ୍ଡେୱାଲାନର ବିଟି ତାମିଲ ସ୍କୁଲ, ସର୍ଦ୍ଦାର ପଟେଲ ବିଦ୍ୟାଳୟ ଏବଂ ବ୍ରିଟିଶ ସ୍କୁଲକୁ ଧମକପୂର୍ଣ୍ଣ ଇମେଲ ଆସିଥିଲା। ପୁଲିସ କହିଛି ଯେ, ସକାଳ ପ୍ରାୟ ୯ଟା ୧୨ ମିନିଟ ସମୟରେ ତିନୋଟି ସ୍କୁଲରୁ ବୋମା ଧମକ ବିଷୟରେ ଫୋନ୍ ଆସିଥିଲା। ପରେ ଅନ୍ୟ ସ୍କୁଲ ସମାନ ବୋମା ଧମକ ଥିବା ଇମେଲ୍ ଆସିବା ସମ୍ପର୍କରେ ପୁଲିସକୁ ଜଣାଇଥିଲେ। ଏହାପୂର୍ବରୁ ଦିଲ୍ଲୀର ୧୩ ସ୍କୁଲ ଓ ସଂସଦକୁ ବୋମାରେ ଉଡ଼େଇ ଦେବାକୁ ଧମକ ମିଳିଥିଲା।

**ବିବାହର ୫୮ ବର୍ଷ ପରେ**

# କୋର୍ଟରେ ଛାଡ଼ପତ୍ର ମାମଲା

ରାଜସ୍ଥାନ, ୧୬।୨: ବିବାହର ୫୮ ବର୍ଷ ପରେ ଛାଡ଼ପତ୍ର ଆବେଦନକୁ ନେଇ ଏବେ ରାଜସ୍ଥାନରେ ଚର୍ଚ୍ଚା ଜୋର ଧରିଛି। ୧୯୬୭ ଜୁନ୍ ୨୯ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ଦମ୍ପତି। ୨୦୧୩ ପର୍ଯ୍ୟନ୍ତ ଉଭୟ ଖୁସିରେ ଚଳିଆସୁଥିଲେ। ବିନା ଅଭିଯୋଗରେ ୪୬ ବର୍ଷ ଏକାଠି ରହିଥିଲେ। ହେଲେ ୨୦୧୪ ମେ' ୨୬ରେ ସେମାନେ ଛାଡପତ୍ର ଆବେଦନ କରିଥିଲେ। ସ୍ୱାମୀଙ୍କ ଅଭିଯୋଗ ଥିଲା, ସ୍ତ୍ରୀ ତାଙ୍କ ବିରୋଧରେ ଯୌତୁକ ନିର୍ଯାତନା ଏଫଆଇଆର ଦାୟର କରିଥିଲେ। ତା' ସହ ସ୍ୱାମୀ ଆହୁରି ଅଭିଯୋଗ ଆଣିଥିଲେ କି, ତାଙ୍କ ସ୍ତ୍ରୀ ସମସ୍ତ ସମ୍ପତ୍ତି ବଡ଼ ପୁଅ ନାଁରେ କରିବାକୁ ଚାହୁଁଛନ୍ତି। ହେଲେ ସେ ସମାନ ଭାଗରେ ଦୁଇ ପୁଅଙ୍କ ମଧ୍ୟରେ ସମ୍ପତ୍ତି ବାଣ୍ଟିବାକୁ ଚାହୁଁଛନ୍ତି। ଯାହାକୁ



ପୋଲିସ ମନଗଢ଼ା କାହାଣୀ ବୋଲି କହିଛି।

ସେପଟେ ସ୍ତ୍ରୀଙ୍କ ଅଭିଯୋଗ ସ୍ୱାମୀ ପରିବାର ସମ୍ପତ୍ତି ନଷ୍ଟ କରୁଛନ୍ତି। ତାଙ୍କ ସାନ ଭାଇର କଥାରେ ପଡ଼ି ଛାଡପତ୍ର ପାଇଁ ଆବେଦନ କରିଛନ୍ତି। ଖାଲି ଏତିକି ନୁହେଁ, ସ୍ୱାମୀଙ୍କ ଅବୈଧ ସମ୍ପର୍କ ରହିଛି। ସେ ଅନ୍ୟ ଜଣେ ମହିଳାଙ୍କୁ ତାଙ୍କ ରୁମକୁ ଡାକନ୍ତି। ଯାହା ଫଳରେ ଆମ ଭିତରେ ପାତିତୁଣ୍ଡ ହୁଏ। ତା' ଛଡ଼ା ପତ୍ନୀଙ୍କ ଅଭିଯୋଗ, ସ୍ୱାମୀ ଯେଉଁ ସମ୍ପତ୍ତି କଥା କହୁଛନ୍ତି, ସେ ବ୍ୟକ୍ତିଗତ ଭାବରେ କିଣିଥିଲେ।

ରାଜସ୍ଥାନ ହାଇକୋର୍ଟ ଏହି ଅଭିଯୋଗର ଶୁଣାଣିକରି, ଉଭୟଙ୍କୁ ଛଡପତ୍ର ଆବେଦନକୁ ଖାରଜ କରିଛନ୍ତି। ୫୮ ବର୍ଷ ପୁରୁଣା ବିବାହ ସମ୍ପର୍କକୁ ଅଲଗା କରିବାକୁ ମନା କରିଛନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଥିବା ଛୋଟ ଛୋଟ ଭୁଲ ବୁଝାମଣା ଛାଡପତ୍ରର କାରଣ ହେବା ଆବଶ୍ୟକ ନୁହେଁ ବୋଲି କହିଛନ୍ତି। ରାଜସ୍ଥାନ ହାଇକୋର୍ଟର ବିଚାରପତି ସୁଦେଶ ବଂଶଲ ଏବଂ ବିଚାରପତି ଅନିଲ କୁମାର ଉପମ୍ୟାନଙ୍କ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାୟ ଦେଇଛନ୍ତି। ଉଭୟଙ୍କ ଛାଡପତ୍ର କେବଳ ସ୍ୱାମୀ-ସ୍ତ୍ରୀ ନୁହେଁ ବରଂ ସମଗ୍ର ପରିବାରକୁ କ୍ଷତି ପହଞ୍ଚାଇବ ଏବଂ ସେମାନଙ୍କ ପ୍ରତିଷ୍ଠା ତଳେ ପଡ଼ିବ ବୋଲି କୋର୍ଟ କହିଛନ୍ତି। ଭରତପୁର ପରିବାରର ଏହି ମାମଲା ଏବେ ଖୁବ୍ ଚର୍ଚ୍ଚାରେ ରହିଛି।



# ୯ ବର୍ଷ ପରେ ଇସ୍ରାଏଲ ଯିବେ ମୋଦୀ

**ସହଯୋଗର ବିଭିନ୍ନ କ୍ଷେତ୍ର ବିଷୟରେ ଆଲୋଚନା କରିବେ**

ନୂଆଦିଲ୍ଲୀ, ୧୬।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସପ୍ତାହରେ ଇସ୍ରାଏଲ ଗସ୍ତ କରିପାରନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ନିଜେ ଏହା ଘୋଷଣା କରିଛନ୍ତି। ଫେବ୍ରୁଆରି ୨୪-୨୫ ତାରିଖକୁ ସମ୍ଭାବ୍ୟ ତାରିଖ ଭାବେ ପ୍ରସ୍ତାବିତ କରାଯାଇଛି। କିନ୍ତୁ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏପର୍ଯ୍ୟନ୍ତ କୌଣସି ବିବୃତି ଜାରି କରାଯାଇ ନାହିଁ। ଯଦି ଏହି ଗସ୍ତ ହୁଏ, ତେବେ ୨୦୧୭ ପରେ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲ ଯିବେ। ନଅ ବର୍ଷ ତଳେ ମୋଦୀଙ୍କ ଐତିହାସିକ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପାଇଁ ଏକ ନୂତନ ଆରମ୍ଭ କରିଥିଲା। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସମ୍ଭାବ୍ୟ ଗସ୍ତ ବିଷୟରେ କହିଛନ୍ତି ଯେ, ନରେନ୍ଦ୍ର ମୋଦୀ ଆସନ୍ତା ସପ୍ତାହରେ ଇସ୍ରାଏଲ ଆସୁଛନ୍ତି। ଦୁଇ ଦେଶ ମଧ୍ୟରେ ଏକ ଦୃଢ଼ ମେଣ୍ଟ ଅଛି। ଆମେ ସହଯୋଗର ବିଭିନ୍ନ କ୍ଷେତ୍ର ବିଷୟରେ ଆଲୋଚନା କରିବୁ। ଭାରତରେ ଇସ୍ରାଏଲର ଲୋକପ୍ରିୟତା ରହିଛି, ଏବଂ ମୁଁ ଚାହେଁ ଯେ, ସମସ୍ତେ ଏହା ଜାଣନ୍ତୁ। ଜାନୁଆରିରେ, ଭାରତରେ ଇସ୍ରାଏଲର ରାଷ୍ଟ୍ରଦୂତ ରୁଭେନ୍ ଆଜାର ଗସ୍ତ ନେଇ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିବା ନିଶ୍ଚିତ କରିଥିଲେ। ସେ କହିଥିଲେ, ଗସ୍ତ ପାଇଁ ପ୍ରସ୍ତୁତି ଚାଲିଛି। ଖୁବ୍ ଶୀଘ୍ର ଏକ ସରକାରୀ ତାରିଖ ଘୋଷଣା କରାଯିବ।

୨୦୧୭ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ ଗସ୍ତ ଭାରତ-ଇସ୍ରାଏଲ ସମ୍ପର୍କରେ ଏକ ଐତିହାସିକ ମୋଡ଼ ଦେଇଥିଲା। ଜୁଲାଇ ୨୦୧୭ରେ ମୋଦୀ ତିନି ଦିନିଆ ଗସ୍ତ କରି ଇସ୍ରାଏଲ ଗସ୍ତରେ ଯାଇଥିବା ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହୋଇଥିଲେ। ୨୦୧୭ ଜୁଲାଇ ୪ ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଗସ୍ତ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ଆନୁଷ୍ଠାନିକ କୂଟନୈତିକ ସମ୍ପର୍କର ୨୫ତମ ବାର୍ଷିକୀ ପାଳନ କରିଥିଲା। ଏହି ଗସ୍ତ ପରେ, ଦୁଇ ଦେଶ ନବସୃଜନ, ଗବେଷଣା, ପ୍ରଯୁକ୍ତିବିଦ୍ୟା ଏବଂ ମେକ୍ ଇନ୍ ଇଣ୍ଡିଆ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।

ଭାରତ ଓ ଇସ୍ରାଏଲ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଉପରେ ଆଲୋଚନା ମଧ ଚାଲିଛି। କଂଗ୍ରେସ ସରକାର ସମୟରେ ପ୍ରଥମ ଆଲୋଚନା ୨୬ ମେ ୨୦୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ନଭେମ୍ବର ୨୦୨୫ରେ, ଭାରତୀୟ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଇସ୍ରାଏଲ ଗସ୍ତ କରିଥିଲେ। ସେ ଅର୍ଥନୈତିକ ଏବଂ ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ଏହି ଆଲୋଚନା ସମୟରେ, ସେ ଇସ୍ରାଏଲୀ ଅର୍ଥନୀତି ତଥା ଶିଳ୍ପ ମନ୍ତ୍ରୀ ନୀର ବରକତଙ୍କ ସହିତ ଆଲୋଚନା କରି ଦୁଇ ଦେଶର ଏଫ୍‌ଟିଏ ପାଇଁ ସର୍ତ୍ତାବଳୀ ସ୍ୱାକ୍ଷର କରିଥିଲେ।

# ବିରୋଧୀଙ୍କ ସବୁ ପ୍ରଶ୍ନର ଉତ୍ତର ଦେବାକୁ ବିଜେପି ପ୍ରସ୍ତୁତ



**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ) :** ଆସନ୍ତା କାଲିଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ବଜେଟ ଅଧିବେସନ। ଏହି ଅଧିବେସନ ଆସନ୍ତା କାଲିରୁ ଆରମ୍ଭ ହୋଇ ୨ଟି ପର୍ଯ୍ୟାୟରେ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୨୪ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୨୦ ତାରିଖ ଦିନ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ। ବିରୋଧୀ ଦଳ ତରଫରୁ ଯେଉଁ ପ୍ରସଙ୍ଗ ଉପସ୍ଥାପନା କରାଯିବ, ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛୁ। ଏଥି ସହ ୧୯ମାସର ବିଜେପି ସରକାରର ସମସ୍ତ ଉପଲବ୍ଧିକୁ ଲୋକଙ୍କ ସମ୍ମୁଖରେ ଉପସ୍ଥାପନା କରିବାକୁ ଆଜି ବିଜେପି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହୋଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ.ମହାଲିଙ୍ଗ କହିଛନ୍ତି।

ଆଜି ସଂଧ୍ୟାରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସମେତ ସମସ୍ତ ମନ୍ତ୍ରୀ ଏବଂ ବିଧାୟକ ଏହି ବୈଠକରେ ଯୋଗ ଦେଇ ରଣନୀତି ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ ବୋଲି ମନ୍ତ୍ରୀ ଡ.ମହାଲିଙ୍ଗ ସୁଚନା ଦେଇଛନ୍ତି ।

## ନକଲି ମାଓବାଦୀ ଆତ୍ମସମର୍ପଣ ଯୋଜନା ପଣ୍ଡ
# ସାମ୍ବାଦିକଙ୍କ ସମେତ ୪ ଗିରଫ



**ରାୟଗଡ଼ା, ୧୬।୨ (ସଂଚାର ବ୍ୟୁରୋ) :** ମାଓବାଦୀଙ୍କ ନାଁରେ ପୋଷ୍ଟର ମାରିବା ଏବଂ ନକଲି ମାଓବାଦୀଙ୍କୁ ଆତ୍ମସମର୍ପଣ କରାଇ ସରକାରୀ ଅର୍ଥ ଲୁଟ ପାଇଁ ଉଦ୍ୟମ କରିବା ଘଟଣାରେ ରାୟଗଡ଼ା ପୋଲିସ ରବିବାର ୱେବ୍ ସାମ୍ବାଦିକ ରଞ୍ଜୁ ଓରଫ୍ ଅନୁବ୍ରତ ବାରା ଓ ବଳି ମାଝିଙ୍କୁ ଗିରଫ କରିଥିଲା । ଏହି ଘଟଣାର ଅଧିକ ତଦନ୍ତ କରି ସେମାନଙ୍କ ଆଉ ଜଣେ ସାଥୀ ବିଷମକଟକ ଥାନା ଅର୍ନ୍ତଗତ ସୀମାଞ୍ଚଳ କୁଟୁକା ଏବଂ ଆପନା ମାଣ୍ଡାଙ୍ଗି ଓରଫ୍ ମାଣ୍ଡିକାଙ୍କୁ ସୋମବାର ଗିରଫ କରିଛି ।

ଏ ନେଇ ଜିଲା ପୋଲିସ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାଥି ଏସ୍.କୁମାର ସୂଚନା ଦେଇଛନ୍ତି । ଏସ୍‌ପି ସ୍ୱାଥିଙ୍କ ସୂଚନା ଅନୁସାରେ ଏହି ମାମଲା ମୁଖ୍ୟ କାର୍ପଟଦାର ସାଜିଥିଲେ ୱେବ ସାମ୍ବାଦିକ ଅନୁବ୍ରତ ବାରା । ଜିଲାରେ ମାଓବାଦୀ ଆତଙ୍କରାଜ ଶେଷ ହୋଇଥିବା ବେଳେ ଲୋକଙ୍କୁ ଭୟଭୀତ କରାଇ ଟଙ୍କା ହଡ଼ପ କରିବା ସହିତ ନକଲି ମାଓବଦୀ ସଜାଇ ଆତ୍ମସମର୍ପଣ କରାଇ ସରକାରୀ ଅର୍ଥ ହଡ଼ପ କରିବା ଯୋଜନା ଅଭିଯୁକ୍ତଙ୍କୁ ମହଙ୍ଗା ସାବ୍ୟସ୍ତ ହୋଇଛି ବୋଲି ଏସ୍‌ପି କହିଛନ୍ତି।

ରାୟଗଡ଼ା ସହର ଉପକଣ୍ଠ ବାଇସିଂ ପଞ୍ଚାୟତ ଧୁମାଗୁଡ଼ା ବସ୍‌ଷ୍ଟପ, ଚାନ୍ଦିଲି ଥାନା ଅଧୀନ ପାଇକପଡ଼ା ଓ କଲ୍ୟାଣସିଂହପୁର ବ୍ଲକ୍‌ର ବୁଢ଼ାଗୁଡ଼ା ପଞ୍ଚାୟତ କୁମ୍ଭାଗୁଡ଼ା ଛକରେ ଗତ ଶୁକ୍ରବାର ମାଓବାଦୀ ପୋଷ୍ଟର ଲାଗିଥିଲା। ଉକ୍ତ ପୋଷ୍ଟର ଜବତ ପରେ ରାୟଗଡ଼ା ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ଖବରଦାତା ଅନୁବ୍ରତ ବାରା ମୁଖ୍ୟ କାର୍ପଟଦାର ବୋଲି ଜାଣିବାକୁ ପାଇବା ପରେ ରବିବାର ତାଙ୍କୁ ଓ ବଳି ମାଝିଙ୍କୁ ଗିରଫ କରିଥିଲା । ପୋଲିସ ସୂଚନା ମୁତାବକ ଅନୁବ୍ରତ ଗତ କିଛି ଦିନ ଧରି ଏ ନେଇ ରାୟଗଡ଼ା ସହରର ବିଭିନ୍ନ ହୋଟେଲରେ ବୈଠକ କରି ଯୋଜନା ମୁତାବକ ଛତିଶଗଡ଼ ରାଜ୍ୟର କେତେଜଣ ହାର୍ଡ଼କୋର ମାଓବାଦୀ ଆତ୍ମସମର୍ପଣ ଦର୍ଶାଇବା ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି କରିଥିଲେ। ହେଲେ ପରବର୍ତ୍ତି ସମୟରେ ନକଲି ମାଓବାଦୀ ସାଜିବା ପାଇଁ ରାଜି ହୋଇଥିବା ବ୍ୟକ୍ତିବିଶେଷ ଏହି କାମ ପାଇଁ ମନା କରିଦେଇଥିଲେ ବୋଲି ଏସ୍‌ପି ସ୍ୱାଥି ସୂଚନା ଦେଇଛନ୍ତି। ଏହି ମାମଲାରେ ଗିରଫ ସୀମାଞ୍ଚଳ ଜାନୁଆରି ୨୦ରେ ମୁନିଗୁଡ଼ା ଥାନା ଅଧୀନସ୍ଥ ତେଲେଙ୍ଗାପଦରଠାରେ ମଧ ମାଓବାଦୀଙ୍କ ନାଁରେ ବ୍ୟାନର ଲଗାଇଥିଲେ । ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର ମଧ ଉପସ୍ଥିତ ଥିଲେ ।

# ଜାତୀୟ ପ୍ରତିଯୋଗିତାରେ ରାଜ୍ୟର ଲୁଇସ୍ ବ୍ରେଲି ସ୍କୁଲ



**ଭୁବନେଶ୍ୱର, ୧୬।୨ (ସଂଚାର ବ୍ୟୁରୋ):** ପରିବେଶ ସନ୍ତୁଳନ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶାର ଛାତ୍ରଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରି ଏକ ନୂତନ ଇତିହାସ ରଚନା କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟରେ ଏହି ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠିତ 'ୱିପ୍ରୋ ଆର୍ଥିୟାନ୍' ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଲୁଇସ୍ ବ୍ରେଲି ସ୍କୁଲ ଫର ଦି ବ୍ଲାଇଣ୍ଡ ଶ୍ରେଷ୍ଠ ୨୦ଟି ବିଜେତା ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଏଥିସହ ଲୁଇସ ବ୍ରେଲି ସ୍କୁଲ ଫର ଦି ବ୍ଲାଇଣ୍ଡର ୪ ଜଣ ପ୍ରତିଭାବାନ ଛାତ୍ର ଏହି ଦଳରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି।

ନିକଟରେ ଅନୁଷ୍ଠିତ ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ଲୁଇସ୍ ବ୍ରେଲି ସ୍କୁଲକୁ ସ୍ଥାୟୀତ୍ୱ ଏବଂ ଜଳ ସଂରକ୍ଷଣ ଉପରେ ଏକ ଉତ୍କୃଷ୍ଟ ପ୍ରକଳ୍ପ ଉପସ୍ଥାପନ କରିଥିବାରୁ ସମ୍ମାନିତ କରାଯାଇଛି। 'ଭିଜନ୍ ଏମ୍ପାୱାର' ସଂସ୍ଥାର ବୈଷୟିକ ସହାୟତା ଏବଂ ମାର୍ଗଦର୍ଶନରେ ଏହି ପ୍ରକଳ୍ପଟି ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲା। ସାରା ଦେଶର ପ୍ରାୟ ୨୨୦୦ରୁ ଅଧିକ ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଲୁଇସ୍ ବ୍ରେଲି ସ୍କୁଲ ଏକମାତ୍ର ଦୃଷ୍ଟିବାଧିତ ବିଦ୍ୟାଳୟ ଭାବେ ଏହି ସମ୍ମାନଜନକ ମାନ୍ୟତା ହାସଲ କରି ଏକ ନୂତନ ଇତିହାସ ରଚିଛନ୍ତି। ୱିପ୍ରୋ ଲିମିଟେଡ୍‌ର ଗ୍ଲୋବାଲ୍ ହେଡ ନାରାୟଣ ପି ଏସ୍, ୱିପ୍ରୋ ଫାଉଣ୍ଡେସନ୍‌ର ମ୍ୟାନେଜିଂ ଟ୍ରଷ୍ଟି ଅନୁରାଗ ବେହାର ଏବଂ ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଉପସ୍ଥିତିରେ କୃତୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଏହି ପ୍ରଶଂସନୀୟ ପ୍ରୟାସ ଜଳ ସଂରକ୍ଷଣ ଦିଗରେ ସମାଜକୁ ଏକ ନୂତନ ଦିଶା ଦେଖାଇବା ସହ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବ।

## ୟଙ୍ଗ ମେନ୍ସ ସ୍ପୋର୍ଟିଂ କ୍ଲବ୍‌ର ଫୁଟବଲ ଟୁର୍ଣ୍ଣାମେଣ୍ଟ



**କଟକ, ୧୬।୨ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ନାରପଡ଼ାଠାରେ ୟଙ୍ଗ ମେନ୍ସ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ୍ ଅନୁଷ୍ଠିତ ହୋଇଛି। ଏଥିରେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନାରପଡା ୟଙ୍ଗ ମେନ୍ସ ସ୍ପୋର୍ଟିଂ କ୍ଲବର ଅଧକ୍ଷ ତଥା ଅବସରପ୍ରାପ୍ତ ଆଇଜି ତ୍ରୈଲୋକ୍ୟନାଥ ଖୁଣ୍ଟିଆ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ୍‌ରେ ଆଖପାଖ ଅଞ୍ଚଳର ୮ଟି ଟିମ ଭାଗନେଇଥିବା ବେଳେ ଟାଙ୍ଗୀ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଓ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ୍‌ର ଅଧକ୍ଷ ତ୍ରିଦେବ ବେହେରା ବିଜୟୀ ଟିମକୁ ଶୁଭେଚ୍ଛା ଜଣାଇଥିଲେ।

## ୧୧ ମାସରେ ଆସିଲା ହାମ୍ପି ହରର ରାୟ
# ୩ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ



**ବେଙ୍ଗାଲୁରୁ, ୧୬।୨ :** ୧୧ ମାସରେ ଆସିଲା ହାମ୍ପି ହରର ରାୟ । ଓଡ଼ିଆ ଯୁବକଙ୍କ ହତ୍ୟାକାରୀଙ୍କୁ ମିଳିଲା ମୃତ୍ୟୁ ଦଣ୍ଡ । ୨ ଜଣ ଯୁବତୀଙ୍କୁ ଗଣ ଦୁଷ୍କର୍ମ ଓ ଜଣଙ୍କୁ ହତ୍ୟା ମାମଲାରେ ୩ ଜଣଙ୍କୁ ମୃତ୍ୟୁଦଣ୍ଡ ମିଳିଛି। କର୍ଣ୍ଣାଟକର ସେସନ୍ସ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି । ତିନି ଅଭିଯୁକ୍ତ ହେଲେ ମାଲେଶ, ସାଇ ଓ ସରନପ୍ପା । କର୍ଣ୍ଣାଟକ ହାମ୍ପି ନିକଟ ସନପୁରାରେ ତୁଙ୍ଗଭଦ୍ରା କେନାଲ ନିକଟରେ ଦୁଷ୍କର୍ମ ଓ ହତ୍ୟା ଘଟଣା ଘଟିଥିଲା। ଗତ ବର୍ଷ ମାର୍ଚ୍ଚ ୬ ତାରିଖରେ ଓଡ଼ିଆ ଯୁବକ ବିଭାସ ନାୟକ ୨ ଜଣ ବନ୍ଧୁ ଏବଂ ଇସ୍ରାଏଲ ଯୁବତୀ ଓ ପେଇଂ ଗେଷ୍ଟ ଓନର ହାମ୍ପି ହ୍ରଦକୂଳକୁ ଯାଇଥିଲେ। ଏହି ସମୟରେ ବାଇକରେ ୩ଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ଦୁର୍ବୃତ୍ତମାନେ ବିଭାସଙ୍କ ସମେତ ୨ ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ତୁଙ୍ଗଭଦ୍ରା ଦକ୍ଷିଣ କେନାଲକୁ ଫିଙ୍ଗିଦେଇଥିଲେ। ପରେ ଇସ୍ରାଏଲ ଯୁବତୀ ଓ ପିଜି ଓନରଙ୍କୁ ଗଣଦୁଷ୍କର୍ମ କରିଥିଲେ । ୨ଜଣ ଯୁବକ ଜୀବନ ରକ୍ଷା କରି କୂଳକୁ ଆସିପାରିଥିବା ବେଳେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ହୋଇଥିଲା । ମୃତକ ଜଣକ ଥିଲେ ଓଡ଼ିଶାର କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ିର ବିଭାସ ନାୟକ। ବିଦେଶୀ ମହିଳାଙ୍କୁ ଦୁଷ୍କର୍ମ ସହ ଜଣଙ୍କୁ ହତ୍ୟା ଘଟଣା, ସେତେବେଳେ ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା । ଗଙ୍ଗାବତୀର ଫାଷ୍ଟ ଆଡିସନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ସ କୋର୍ଟ ଫେବ୍ରୁଆରୀ ୬ରେ ତିନିଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ସେମାନଙ୍କୁ ହତ୍ୟା, ଗଣ ଦୁଷ୍କର୍ମ, ହତ୍ୟା ଉଦ୍ୟମ, ଲୁଟ୍ ଆଦି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଆଜି ତିନିଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଛି ।

## ଭାରତୀୟ ଜଳସୀମାରେ ଅବୈଧ ପ୍ରବେଶ ଉଦ୍ୟମ



**କୋଲକାତା, ୧୬।୨ (ସଂଚାର ବ୍ୟୁରୋ):** ଭାରତୀୟ ଜଳସୀମାରେ ପ୍ରବେଶ କରିବା ଅଭିଯୋଗରେ ରବିବାର ରାତିରେ ଭାରତୀୟ ତଟରକ୍ଷୀ ବାହିନୀ ଏକ ବାଂଲାଦେଶୀ ଟ୍ରଲରକୁ ଜବତ କରିଛି। ଟ୍ରଲରରେ ୨୮ ଜଣ ମତ୍ସ୍ୟଜୀବୀ ଥିଲେ। ରବିବାର ରାତିରେ ତଟରକ୍ଷୀ ବାହିନୀ ଭାରତ-ବାଂଲାଦେଶ ଜଳସୀମାରେ ପାଟ୍ରୋଲିଂ କରୁଥିବା ସମୟରେ ସେମାନେ ଏକ ଟ୍ରଲରକୁ ଭାରତୀୟ ଜଳସୀମା ଭିତରକୁ ଗତି କରୁଥିବାର ଦେଖିଥିଲେ। ତଟରକ୍ଷୀ ବାହିନୀ ସନ୍ଦେହ କରି ଟ୍ରଲରକୁ ପିଛା କରିଥିଲା। ତା'ପରେ ୨୮ ଜଣ ମତ୍ସ୍ୟଜୀବୀଙ୍କ ସହିତ 'ଏଫ୍‌ବି ସାଗର' ନାମକ ବାଂଲାଦେଶୀ ଟ୍ରଲରକୁ ଜବତ କରାଯାଇଥିଲା। ମତ୍ସ୍ୟଜୀବୀଙ୍କ ସହିତ ଜବତ ଟ୍ରଲରକୁ ସୋମବାର ସକାଳେ ଫ୍ରେଜରଗଞ୍ଜ ମତ୍ସ୍ୟଜୀବୀ ବନ୍ଦରକୁ ଅଣାଯାଇଥିଲା। ତଟରକ୍ଷୀ ବାହିନୀ ମତ୍ସ୍ୟଜୀବୀଙ୍କୁ ପଚରାଉଚରା ଆରମ୍ଭ କରାଯାଉଛି।

## ଗଙ୍ଗାସାଗରରେ ଭୟଙ୍କର ଅଗ୍ନିକାଣ୍ଡ

**କୋଲକାତା, ୧୬।୨ (ସଂଚାର ବ୍ୟୁରୋ):** ମହାଶିବରାତ୍ରିରେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଗଙ୍ଗାସାଗରରେ ଏକ ଭୟଙ୍କର ଅଗ୍ନିକାଣ୍ଡରେ ଏକ ପରିବାର ନିଃସହାୟ ହୋଇଯାଇଛି। ଶିବରାତ୍ରୀରେ ସ୍ଥାନୀୟ ବିଷ୍ଣୁପୁର ଅଞ୍ଚଳର ବିମଳେନ୍ଦୁ ଜାନା ନାମକ ଜଣେ ବ୍ୟକ୍ତିଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ନିଆଁ ସମଗ୍ର ଘରକୁ ପୋଡ଼ି ଦେଲା। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାତିରେ ବିମଳେନ୍ଦୁ ବାବୁଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ପ୍ରାରମ୍ଭିକ ଅନୁମାନ କରାଯାଉଛି ଯେ ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଆରମ୍ଭ ହୋଇଥିଲା। ଘରେ ନଡ଼ା ଏବଂ ଦହନଶୀଳ ସାମଗ୍ରୀ ଥିବାରୁ ନିଆଁ ଶୀଘ୍ର ଭୟଙ୍କର ରୂପ ନେଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଖୁବ୍‌ଶୀଘ୍ର...

ସୂଚନାଯୋଗ୍ୟ ଯେ ଶେଷ ଗଣତି ମଣତି ପ୍ରକ୍ରିୟା ଦୀର୍ଘ ୪୮ ବର୍ଷ ତଳେ ଅର୍ଥାତ୍ ଗତ ୧୯୭୮ରେ ହୋଇଥିଲା। ତେଣୁ ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହ ମେଳକ କରାଯାଇ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ। ଏଥିସହ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଫଟୋଗ୍ରାଫି ସହ ଡିଜିଟାଲ୍ କାଟାଲଗ୍ ପ୍ରସ୍ତୁତ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି।

ସେହିପରି ବୈଠକରେ ଚଳିତ ବର୍ଷର ରଥଯାତ୍ରା ନେଇ ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ବି ଆଲୋଚନା ହୋଇଛି। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାସି କାଠ ଓ ଚନ୍ଦନ କାଠର ବ୍ୟାପକ ଆବଶ୍ୟକତା ରହୁଥିବାରୁ ଏଥିପାଇଁ ବନ ପ୍ରକଳ୍ପ ଜରିଆରେ ଏହି ଗଛଗୁଡ଼ିକ ଲଗାଇବା ପାଇଁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ଓ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ବିଶ୍ୱ ଦରବାରରେ...

କୃଷି ଯନ୍ତ୍ରପାତି ମେଳା-୨୦୨୬କୁ ଉଦଘାଟନ କରିବା ସହ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ହିତାଧିକାରୀଙ୍କୁ ସରକାରୀ ଯୋଜନାର ଲାଭ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ସେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ମାଧ୍ୟମରେ ସମ୍ବଲପୁରର ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଜବୁତ କରିବା ପାଇଁ ଡବଲ ଇଞ୍ଜିନ ସରକାରଙ୍କ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ 'ସମୃଦ୍ଧ କୃଷକ, ସମୃଦ୍ଧ ସମ୍ବଲପୁର' ଏହି ସଂକଳ୍ପକୁ ପାଥେୟ କରି ଜିଲ୍ଲାର କୃଷି ଅର୍ଥନୀତିକୁ ଆଗକୁ ନେବା ଡବଲ ଇଞ୍ଜିନ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସମ୍ବଲପୁର ଏକ କୃଷିଭିତ୍ତିକ ଜିଲ୍ଲା ହୋଇଥିବାରୁ ଏଠାରେ ସାଧାରଣ ଚାଷ ସହ ମତ୍ସ୍ୟ ଓ ଦୁଗ୍ଧ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ଏମସିଏଲ ସହାୟତାରେ ନୂତନ ଗୋଦାମ ନିର୍ମାଣ ପାଇଁ ସହାୟତା ଦିଆଯାଇଛି। ସମ୍ବଲପୁରରେ ଥିବା ଓମଫେଡ୍ ପ୍ଲାଣ୍ଟରୁ କ୍ଷୀର ପାଉଡର, ଦହି ସମେତ ଅନ୍ୟାନ୍ୟ କ୍ଷୀର ଉତ୍ପାଦିତ ସାମଗ୍ରୀ ଉତ୍ପାଦନ କରାଯିବାର ଯୋଜନା ହେଉଛି, ଯାହାକି ସ୍ଥାନୀୟ ଚାଷୀଙ୍କୁ ବହୁଳ ଭାବେ ଲାଭବାନ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଦ୍ୟାବଧି ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୩୧ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ କିଣାସାରିଛି। ବଳକା ପ୍ରାୟ ୧ ଲକ୍ଷ କ୍ୱିଣ୍ଟାଲ ଧାନ ପାଇଁ ରାଜ୍ୟ ସରକାର ଚାଷୀଙ୍କୁ ଟୋକନ ଦେଇସାରିଛନ୍ତି। ଏଥିସହ 'କୃଷି ଉଦ୍ୟମୀ' ଯୋଜନାରେ କୋଟି କୋଟି ଟଙ୍କାର ଋଣ ସହାୟତା ପ୍ରଦାନ ପୂର୍ବକ ଯୁବପିଢ଼ିକୁ ଏ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଦିଗରେ ପ୍ରୟାସ ଜାରି ରହିଛି। ଜିଲ୍ଲାର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପିଡବ୍ଲ୍ୟୁଡି ଓ ଆରଡି ପକ୍ଷରୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ପାଖାପାଖି ସାଢ଼େ ୩ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସମ୍ବଲପୁରରେ କ୍ରିୟାନ୍ୱୟନ ହେଉଥିବା ରିଙ୍ଗ୍ ରୋଡ୍ ପ୍ରକଳ୍ପ ସମେତ ବିଭିନ୍ନ ସ୍ଥାନରେ ସଡ଼କପଥ ଭିତ୍ତିଭୂମିର ବିକାଶ, ଓଭରବ୍ରିଜ୍ ନିର୍ମାଣ ଏବଂ ଆନୁଷଙ୍ଗିକ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯାଉଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କେତେକ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିବା ସହ ଏମସିଏଲର ସିଏସଆର ପଦକ୍ଷେପ ଅନ୍ତର୍ଗତ ଚାଷୀମାନଙ୍କୁ ଅଧିକ କ୍ଷୀର ଦେଉଥିବା ଗାଈ ବିତରଣ କରିଛନ୍ତି।

## ପୂର୍ବତନ ବିଧାୟିକା...

ବେଶ୍ ସୁନାମ ଅର୍ଜନ କରିଥିଲେ। ରାଉରକେଲାସ୍ଥିତ ଇସ୍ପାତ୍ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଡା. ପାଣିଗ୍ରାହୀ ଗଙ୍ଗାଧର ବେହେର କଲେଜରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ପରେ ସେ ବୁର୍ଲାସ୍ଥିତ ତତ୍କାଳୀନ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ମହାବିଦ୍ୟାଳୟରେ ଏମ୍‌ବିବିଏସ୍ ପାଠପଢ଼ା ଶେଷ କରି ଡାକ୍ତର ପାଣିଗ୍ରାହୀ ୧୯୭୨ରେ ଓଡ଼ିଶା ସରକାରଙ୍କ ଅଧୀନରେ ଜଣେ ଚିକିତ୍ସକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ପ୍ରମୁଖ ବ୍ୟକ୍ତିବିଶେଷମାନେ ଶୋକ ବ୍ୟକ୍ତ କରିଛନ୍ତି। ଡା. ପାଣିଗ୍ରାହୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଜଣେ ବରିଷ୍ଠ ନେତ୍ରୀ ତଥା ବିଶିଷ୍ଟ ଚିକିତ୍ସକ ଭାବେ ତାଙ୍କ ଅବଦାନ ସ୍ମରଣୀୟ। ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସେହିପରି ଶ୍ରୀ ପ୍ରଧାନ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଡାକ୍ତର ପାଣିଗ୍ରାହୀଙ୍କ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ସେ କେବଳ ଜଣେ ଜନପ୍ରତିନିଧି ନ ଥିଲେ, ବରଂ ଜଣେ ସେବାଭିମୁଖୀ ବ୍ୟକ୍ତିତ୍ୱ ଭାବେ ସମ୍ବଲପୁରର ଘରେ ଘରେ ସୁପରିଚିତ ଥିଲେ। ଜଣେ ଦକ୍ଷ ଡାକ୍ତର ଭାବେ ଦୀର୍ଘ ବର୍ଷ ଧରି ସାଧାରଣ ଲୋକଙ୍କ ସେବା କରି ସେ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ସମ୍ବଲପୁର ବିଧାୟିକା ଭାବେ କାର୍ଯ୍ୟ କରିବା ସମୟରେ ସେ ଅଞ୍ଚଳର ବିକାଶ ପାଇଁ ସର୍ବଦା ଚେଷ୍ଟା କରୁଥିଲେ। ବିଶେଷକରି ଶିକ୍ଷା ଏବଂ ନାରୀ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ଓ ଅବଦାନ ଚିରସ୍ମରଣୀୟ ହୋଇ ରହିବ। ତାଙ୍କର ବିୟୋଗ ଓଡ଼ିଶାର ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି। ଶ୍ରୀ ପ୍ରଧାନ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି ମଧ୍ୟ କାମନା କରିଛନ୍ତି। ତା'ଛଡ଼ା ନବୀନ ଏକ ଶୋକାବାର୍ତ୍ତାରେ କହିଛନ୍ତି ଯେ ସମ୍ବଲପୁରର ପୂର୍ବତନ ବିଧାୟିକା ଡ଼ା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ସ୍ୱାସ୍ଥ୍ୟସେବା ସହ ଜନପ୍ରତିନିଧି ଭାବେ ଲୋକଙ୍କ ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ୨୪ ଘଣ୍ଟା...

ନିଷିଦ୍ଧ କରାଯାଇଛି। କପି ସହିତ ଜଡିତ ଯେକୌଣସି ସାମଗ୍ରୀ ରଖିବା ନିଷେଧ। ସମସ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରରେ ସମୟସୀମା ମଧ୍ୟରେ ଉପସ୍ଥିତ ରହିବାକୁ ପଡିବ। ଯେକୌଣସି ବିଳମ୍ବ ପାଇଁ ଛାତ୍ରଛାତ୍ରୀ ନିଜେ ସମ୍ପୂର୍ଣ୍ଣ ଦାୟୀ ରହିବେ। ଫେବ୍ରୁଆରୀ ୧୭ରୁ ମାର୍ଚ୍ଚ ୧୧ ତାରିଖ ପର୍ଯ୍ୟନ୍ତ ଦଶମ ଶ୍ରେଣୀ ପରୀକ୍ଷା ଚାଲିବ। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫେବ୍ରୁଆରୀ ୧୭ରୁ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ହେବ। ବୋର୍ଡ ପରୀକ୍ଷା ଗୋଟିଏ ଶିଫ୍ଟରେ ଅନୁଷ୍ଠିତ ହେବ। ପରୀକ୍ଷା ସମୟ ସକାଳ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ରହିବ। କେତେକ ବିଷୟ ପାଇଁ ପରୀକ୍ଷା ସମୟ ସକାଳ ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ହେବ ।

ସେହିଭଳି ଦ୍ୱାଦଶ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ନିୟମ ଘୋଷଣା କରିଛି ସିବିଏସଇ। ଏଣିକି ଦ୍ୱାଦଶ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରମାନେ ସେମାନଙ୍କର ସ୍କୋର ବଢ଼ାଇବାକୁ କେବଳ ଗୋଟିଏ ବିଷୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇପାରିବେ। ସିବିଏସଇର ଏହି ନିଷ୍ପତ୍ତି ଦେଶବ୍ୟାପୀ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିପାରେ। ପୂର୍ବରୁ ଦ୍ୱାଦଶ ଫଳାଫଳ ଘୋଷଣା ହେବା ପରେ, ଛାତ୍ରଛାତ୍ରୀମାନେ ଗୋଟିଏରୁ ଅଧିକ ବିଷୟରେ ସେମାନଙ୍କର ସ୍କୋର ଉନ୍ନତ କରିବା ପାଇଁ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇପାରୁଥିଲେ। ଏହି ସପ୍ଲିମେଣ୍ଟାରୀ ପରୀକ୍ଷା ଫଳାଫଳ ପ୍ରକାଶିତ ହେବାର ଦୁଇ ମାସ ମଧ୍ୟରେ ଅନୁଷ୍ଠିତ ହେଉଥିଲା। ଛାତ୍ରୀଛାତ୍ରମାନେ ଏକାଧିକ ବିଷୟରେ ସେମାନଙ୍କର ସ୍କୋର ଉନ୍ନତ କରିବାକୁ ଚାହୁଁଥିବା ପରବର୍ତ୍ତୀ ବର୍ଷ ମୁଖ୍ୟ ପରୀକ୍ଷାରେ ଯୋଗଦେବାକୁ ପଡିବ। ଏଥିସହିତ ୨୦୨୬ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଏକ ଆପାତକାଳୀନ କାର୍ଯ୍ୟସୂଚୀ ମଧ୍ୟ ପ୍ରକାଶ ପାଇଛି। ୨୦୨୬ରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ଛାତ୍ରୀଛାତ୍ରଙ୍କ ପାଇଁ ସପ୍ଲିମେଣ୍ଟାରୀ ପରୀକ୍ଷା ଆସନ୍ତା ଜୁଲାଇ ୧୫ରେ ହେବ।

## ଆଜିଠୁ ବିଧାନସଭା...

ଅଛନ୍ତି। ଏହି ପ୍ରସଙ୍ଗରେ ବିଧାନସଭା ଏକରକମ ହୁଲସ୍ଥୁଲ ହେବ।

ସେହିପରି ଗୃହରେ ମହାନଦୀ ଜଳ ବିବାଦ ପ୍ରସଙ୍ଗ ବି ଉଠିବ। ମହାନଦୀ ଜଳବିବାଦ ପ୍ରସଙ୍ଗରେ ଓଡ଼ିଶା ଲଗାତାର କ୍ଷତି ସହି ଚାଲିଛି। ଦୁଇ ରାଜ୍ୟ ମଧ୍ୟରେ ଆପୋଷ ସମାଧାନ ପ୍ରକ୍ରିୟା ଆଗେଇପାରୁନାହିଁ। ମନ୍ତ୍ରୀସ୍ତରୀୟ କମିଟିର ଛତିଶଗଡ଼ ଗସ୍ତ ବି ସମ୍ଭବପର ହୋଇପାରୁନାହିଁ। ଛତିଶଗଡ଼ ସରକାର ଅସହଯୋଗ କରୁଥିବା ଜଣାପଡ଼ିଛି। ଓଡ଼ିଶା ସରକାର ଏବେ କେନ୍ଦ୍ର ସରକାରଙ୍କ ସିଧାସଳଖ ହସ୍ତକ୍ଷେପ ଲୋଡ଼ିଥିଲେ ମଧ୍ୟ କୌଣସି ଉତ୍ସାହଜନକ ପ୍ରତିକ୍ରିୟା ସେପଟୁ ମିଳିପାରିନାହିଁ। ମହାନଦୀ ପ୍ରସଙ୍ଗରେ ବିଜେଡି ଓ ବିଜେପି ମଧ୍ୟରେ ବୟାନବାଜି ଚରମ ସ୍ଥିତିରେ ପହଞ୍ଚିଛି। ବିଧାନସଭାରେ ଦୁଇ ଦଳ ଏହି ପ୍ରସଙ୍ଗରେ ମୁହାଁମୁହିଁ ହେବା ଥୟ। କଂଗ୍ରେସ ଉଭୟଙ୍କୁ ଦାୟୀ କରି ଆକ୍ରମଣ କରିବ। ମୋଟର ଯାନ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) କଟକଣାରୁ ନେଇ ଆଇନଶୃଙ୍ଖଳା ଓ ଏସଆଇଆର୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ହରଡ଼ଘଣାରେ ପକାଇବାକୁ ପ୍ରୟାସ କରିବେ ବିରୋଧୀ ବିଜେଡି ଓ କଂଗ୍ରେସ। ଗୋଟି ଗୋଟି କରି ଜବାବ ମାଗି ସରକାରଙ୍କୁ ଘେରିବେ। ସେପଟେ ବିରୋଧୀଙ୍କୁ ଚେକ୍ ଦେବାକୁ ରଣନୀତି ପ୍ରସ୍ତୁତ କରୁଛି ଶାସକ ବିଜେପି।

ଆଜିର ସର୍ବଦଳୀୟ ବୈଠକରେ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସୁରମା ପାଢ଼ୀ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଯୋଗ ଦେଇଥିଲେ। ପ୍ରଥମ ଦିନ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ଗୃହ କାର୍ଯ୍ୟ। ଆସନ୍ତା ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ଏହାପରେ ଆସନ୍ତା ୨୦ରେ ବଜେଟ୍ ଉପସ୍ଥାପିତ ହେବ। ତେଣୁ ଚଳିତ ଅଧିବେଶନରେ ସମସ୍ତ ସଦସ୍ୟ ସହଯୋଗ କରିବା ଉପରେ ଆଲୋଚନା କରାଯାଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ବିଜେଡି ମୁଖ୍ୟତଃ ଚାଷୀଙ୍କ ପ୍ରସଙ୍ଗ ଉଠାଇବ। ବର୍ତ୍ତମାନ କଟନୀ ଛଟନୀ ବନ୍ଦ ହେଉନାହିଁ। ଏହାକୁ ଆମେ ବିଧାନସଭାରେ ପ୍ରଥମେ ଉଠାଇବୁ। ସେହିଭଳି କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡାମ୍ କହିଛନ୍ତି ଯେ ବାଚସ୍ପତି ବିରୋଧୀଙ୍କୁ ସମୟ ଦେବା ପାଇଁ ଆମେ ନିବେଦନ କରିଛୁ। କୋଟିଆ, ଚାଷୀ, ନାରୀ ସୁରକ୍ଷା କଥା ଆମେ ଉଠାଇବୁ। ଏସସିଏସଟି ଓ ଓବିସି ପ୍ରସଙ୍ଗ ମଧ୍ୟ ଉଠାଇବୁ ବୋଲି ସେ କହିଛନ୍ତି।

## ରାଷ୍ଟ୍ର ମୁଖ୍ୟ...

ପାଇଁ ବିଶ୍ୱସ୍ତରୀୟ ସହଯୋଗ ଏବଂ ଭାରତର ଦୃଷ୍ଟିକୋଣ ଉପସ୍ଥାପନ କରିବେ। ଏହି ପାଞ୍ଚଦିନିଆ ସମ୍ମିଳନୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ୧୦୦ରୁ ଅଧିକ ସରକାରୀ ପ୍ରତିନିଧିଙ୍କ ମହାମିଳନ ହୋଇଛି। ଏମାନଙ୍କ ମଧ୍ୟରେ ୨୦ ଜଣ ରାଷ୍ଟ୍ର ଓ ସରକାରୀ ମୁଖ୍ୟ, ୬୦ ମନ୍ତ୍ରୀ ଓ ଉପମନ୍ତ୍ରୀଙ୍କ ସହ ସିଇଓ, ପ୍ରତିଷ୍ଠାତା, ଶିକ୍ଷାବିତ, ଗବେଷକ, ସିଟିଓ ଓ ଦାତବ୍ୟ ସଂଗଠନର ପ୍ରତିନିଧିଙ୍କ ସମେତ ୫୦୦ରୁ ଅଧିକ ଏଆଇ ନେତୃବର୍ଗ ଭାଗ ନେଇଛନ୍ତି।

ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପପତିମାନଙ୍କ ଦ୍ୱାରା ଏକ ସମ୍ପୂର୍ଣ୍ଣ ବହୁସ୍ତରୀୟ ମୂଲ୍ୟାଙ୍କନ ପରେ ୩ଟି ବର୍ଗର ଶ୍ରେଷ୍ଠ ୭୦ ଦଳକୁ ଫାଇନାଲିଷ୍ଟ ଭାବେ ଚୟନ କରାଯାଇଛି। ସେମାନେ ଆଜି ଓ ଆସନ୍ତାକାଲି ନୂଆଦିଲ୍ଲୀର ଭାରତ ମଣ୍ଡପମ ଏବଂ ସୁଷମା ସ୍ୱରାଜ ଭବନରେ ଅନୁଷ୍ଠିତ ହେବାକୁ ଥିବା ଏକ ମହାନ ସମାପନ ଏବଂ ପୁରସ୍କାର ସମାରୋହରେ ସେମାନଙ୍କ ସମାଧାନ ଉପସ୍ଥାପନ କରିବେ। ଫାଇନାଲିଷ୍ଟମାନେ ନୀତି ନିର୍ଦ୍ଧାରକ, ଶିଳ୍ପପତି, ନିବେଶକ ଓ ଶିକ୍ଷାବିତଙ୍କ ସଂସ୍ପର୍ଶରେ ଆସିବେ। ଆସନ୍ତା ୧୮ ତାରିଖରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ହାଇଦ୍ରାବାଦର ସହଯୋଗରେ ଆୟୋଜିତ ଏଆଇ ଏବଂ ଏହାର ପ୍ରଭାବ ଉପରେ ଗବେଷଣା ସିମ୍ପୋଜିମ୍ ହେଉଛି ଶିଖର ସମ୍ମିଳନୀର ମୁଖ୍ୟ ଶୈକ୍ଷିକ ମଞ୍ଚ। ଏହି ସିମ୍ପୋଜିୟମରେ ଅଂଶଗ୍ରହଣ ଲାଗି ଆଫ୍ରିକା, ଏସିଆ ଏବଂ ଲାଟିନ୍ ଆମେରିକାର ପ୍ରାୟ ୨୫୦ ଗବେଷଣା ଉପସ୍ଥାପନା ହସ୍ତଗତ ହୋଇଛି। ଏଥିରେ ଇଷ୍ଟୋନିଆ ଗଣରାଜ୍ୟର ରାଷ୍ଟ୍ରପତି ଆଲାର କରିସ୍, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ଯୋଗଦେବେ। ଏହି ସିମ୍ପୋସିୟମ ବିଶ୍ୱସ୍ତରୀୟ ପ୍ରସିଦ୍ଧ ଏଆଇ ବିଶେଷଜ୍ଞ ଏବଂ ଅଗ୍ରଣୀ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଏକତ୍ରିତ କରି ଏଆଇ-ଚାଳିତ ବୈଜ୍ଞାନିକ ଆବିଷ୍କାର, ସୁରକ୍ଷା ଓ ଶାସନ ଢାଞ୍ଚା, କମ୍ପ୍ୟୁଟିଂ ଭିତ୍ତିଭୂମିର ସମାନ ପ୍ରବେଶ ଏବଂ ଗ୍ଲୋବାଲ୍ ସାଉଥ୍‌ରେ ଗବେଷଣା ସହଯୋଗ ଉପରେ ଆଲୋଚନା କରିବ।

## ୮ରେ 'ସୁଭଦ୍ରା'ର...

ଲାଗୁ କରିଥିଲେ। ୨୦୨୪ ସେପ୍ଟେମ୍ବରରୁ ହିତାଧିକାରୀଙ୍କୁ ସର୍ବପ୍ରଥମ କିସ୍ତି ପ୍ରଦାନ କରାଯାଇଥିବା ବେଳେ ଅଦ୍ୟାବଧି ସେମାନେ ୧୫ ହଜାର ଟଙ୍କା ପାଇସାରିଛନ୍ତି। ଏହାଛଡ଼ା ଗତ ୨୨ ତାରିଖରେ ନୂଆ କରି ହୋଇଥିବା ଓ ପୂର୍ବରୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ମଧ୍ୟ ସହାୟତା ରାଶି ମିଳିଛି। ସେତେବେଳେ ମୋଟ ୪ ଲକ୍ଷ ୫୭ ହଜାର ୬୮୧ ଜଣ ହିତାରଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ନୂଆ ପଞ୍ଜୀକରଣ କରିଥିବା ୧ ଲକ୍ଷ ୭୮ ହଜାର ୩୯୮ ଜଣଙ୍କୁ ବି ସାମିଲ କରାଯାଇଥିଲା। ତୃତୀୟ କିସ୍ତି ପାଇଥିଲେ ବି ଟେକ୍ନିକାଲ ସମସ୍ୟା ପାଇଁ ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣ ମଧ୍ୟ ସେଥିରେ ସାମିଲ ହୋଇଥିଲେ।

## ଡବ୍ଲୁଓଡିସି...

ଦଳ ଅର୍ଥ ଖର୍ଚ୍ଚ ପ୍ରସଙ୍ଗରେ ଗତ ବଜେଟ୍ ଅଧିବେଶନ କାଳରେ ଘେରିଥିବା ବେଳେ ସରକାର ନୂଆ କରିଆସିଛନ୍ତି କହି କଥା ଟାଳି ଦେଇଥିଲେ। ଏଥର କିନ୍ତୁ ବିରୋଧୀ ପ୍ରସଙ୍ଗକୁ ହାତଛଡା କରିବା ମତଲବ୍‌ରେ ନାହାନ୍ତି। ଅମଲାଙ୍କ ଢିଲାପଣ ପାଇଁ ଅର୍ଥ ବ୍ୟୟ କ୍ଷେତ୍ରରେ ପଛରେ ପଡ଼ିଥିବା ବିଭାଗର ମନ୍ତ୍ରୀମାନେ କି ଉତ୍ତର ରଖିବେ ଜାଣିପାରୁନାହାନ୍ତି।

ତେବେ ଅର୍ଥ ବ୍ୟୟ ନହେବାର ଅନ୍ୟତମ କାରଣ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଖାଲି ବୋଲି କୁହାଯାଉଛି। ରାଜ୍ୟ ଓ ଜିଲ୍ଲା ଯୋଜନା ବୋର୍ଡଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଖାଲି ପଡ଼ିଛି। କେବିକେ ଅଞ୍ଚଳରେ ଅର୍ଥ ବ୍ୟୟ ପାଇଁ ପ୍ରସ୍ତାବ ଆସି ପାରୁନାହିଁ। କେବଳ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବାର୍ଷିକ ବଜେଟ୍ ୫୦୦ କୋଟି ଟଙ୍କାରୁ ଅଧିକ। ପରିଷଦର ଅଧକ୍ଷ ଓ ସଦସ୍ୟ ପଦ ଫାଙ୍କା ପଡିଥିବାରୁ ଏହି ଅର୍ଥ ବି ଖର୍ଚ୍ଚ ହୋଇପାରୁନାହିଁ। କେବଳ ରାଜନୈତିକ ନିଯୁକ୍ତି ନୁହେଁ, ଦୀର୍ଘଦିନ ଧରି କୃଷି ଉତ୍ପାଦନ କମିଶନର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଟି ଫାଙ୍କା ପଡିଥିବା ବେଳେ ଜଣେ ଜଣେ ସଚିବଙ୍କ ହାତରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ବି ଅର୍ଥ ଖର୍ଚ୍ଚ ଦିଗରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି।

ସେହିଭଳି ରାଜ୍ୟ ଯୋଜନା ବୋର୍ଡ ସମେତ ଜିଲ୍ଲାସ୍ତରୀୟ ଯୋଜନା କମିଟିର ପଦପଦବୀ ପୂରଣ ହୋଇପାରୁନାହିଁ। ଏଥିଯୋଗୁଁ ନୂଆ ସରକାରଙ୍କ ପାଇଁ ଜିଲ୍ଲା ସ୍ତରର ଆବଶ୍ୟକତା ଓ ଆର୍ଥିକ ପରିଚାଳନାର ବିସ୍ତୃତ ତଦାରଖ ନ ହେବାରୁ ଅର୍ଥ ବ୍ୟୟ ମଧ୍ୟ ଧିମେଇଯାଉଛି। ଅର୍ଥ ଖର୍ଚ୍ଚ ଧିମା ହେଉଥିବାରୁ ଗୋଟିଏ ପଟେ ସମାଲୋଚନା ଓ ଅନ୍ୟପଟେ ଲୋକଙ୍କ ନିକଟତର ହେବା ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ଅଧାପନ୍ତରିଆ ଅବସ୍ଥାରେ ରହିବା ଏବେ ସରକାରଙ୍କୁ ଚିନ୍ତାରେ ପକାଇଥିବା ବେଳେ ବିଧାନସଭାରେ ଏହାର ଅନେକ ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି।

### ରାଜ୍ୟ ମହିଳା କମିଶନର ପ୍ରତିଷ୍ଠା ଦିବସ

# ସମ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ସମ୍ମାନିତ



**ଭୁବନେଶ୍ୱର,୧୬।୨ (ସଂଚାର ବ୍ୟୁରୋ):** ରାଜ୍ୟ ମହିଳା କମିଶନର ୩୩ତମ ପ୍ରତିଷ୍ଠା ଦିବସ ଅବସରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଂଟ ମିନତୀ ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀମତି ମିଶ୍ରଙ୍କୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓ ରାଜ୍ୟ ମହିଳା କମିଶନ ଅଧକ୍ଷା ଶ୍ରୀମତି ଶୋଭନା ମହାନ୍ତି ପ୍ରମୁଖ ସମ୍ମାନିତ କରିଥିଲେ। ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ଅବଦାନ ନିମନ୍ତେ ସଫଳ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନର୍ସିଂ ସେବା କ୍ଷେତ୍ରରେ ଶ୍ରୀମତି ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ହେବା ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଓ ବିଶ୍ୱବିଦ୍ୟାଳୟକୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀମତି ମିଶ୍ର।

# ଚାଷୀଙ୍କୁ ସ୍ୱାବଲମ୍ବୀ କରୁଛି ଏକ୍ରିକ ପ୍ରକଳ୍ପ

### କୃଷି ଉପକରଣ ବଣ୍ଟନ, ଉପକୃତ ହେବେ ଚାଷୀ



**କାକଟପୁର /ଅସ୍ତରଙ୍ଗ, ୧୬।୨ (ସଂଚାର ବ୍ୟୁରୋ):** ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ କାକଟପୁର ତହସିଲ ପଡ଼ିଆରେ ଭାରତୀୟ ଉପକୂଳବର୍ତ୍ତୀ ଅଧିବାସୀ ଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପାଇଁ ଚାଷୀ ମାନଙ୍କୁ ଯାନ୍ତ୍ରିକ କୃଷି ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଚାଷୀ ମାନଙ୍କୁ କୃଷି ଉପକରଣ ବଣ୍ଟନ କରିଛନ୍ତି। ଜଳବାୟୁ ସହନଶୀଳତା ବୃଦ୍ଧି ପରିପ୍ରେକ୍ଷୀରେ ଭାରତର କୋଷ୍ଟାଲ କମ୍ୟୁନିଟି ମାନଙ୍କର ଇସିଆରଆଇସିସି (ଏକ୍ରିକ )ପ୍ରକଳ୍ପ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ଦେବୀ ନଦୀ ସନ୍ନିକଟ ଅଞ୍ଚଳରେ ଜଳବାୟୁ ସହନଶୀଳ ଜଳଚାଷ ଓ ସମାବେଶ ଗୋଷ୍ଠୀ ଭିତ୍ତିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରୟାସ କୁ ପ୍ରତିଫଳିତ କରିଛି। ସୋମବାର ପୁରୀ ଜିଲ୍ଲା କାକଟପୁର ତହସିଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମ ରେ ପୁରୀ ବନଖଣ୍ଡ ଅଧିକାରୀ ମଗର ଧନୋଜି ରାସୋ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ମୁଖ୍ୟ ବକ୍ତା ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ସଂମ୍ମାନିତ ଅତିଥି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ସହକାରୀ ବନସଂରକ୍ଷକ ସମ୍ବିତ ପଣ୍ଡା, ଅଶୋକ ବେହେରା, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର। ଏଥିରେ ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ଅଞ୍ଚଳର ମହିଳା ଙ୍କ କଙ୍କଡା ଚାଷ ଓଡିଶା ଜଳବାୟୁ ସହନଶୀଳ ସମ୍ପର୍କରେ ଆକର୍ଷଣୀୟ ଉପସ୍ଥାପନା କରାଯାଇଥିଲା।

### ଗୁଲମୀ ଜଳପ୍ରପାତରେ ଏଏସଆଇଙ୍କ ପାଣିରେ ବୁଡି ମୃତ୍ୟୁ

## ଏପର୍ଯ୍ୟନ୍ତ ଆକାଶଙ୍କ କୌଣସି ପତ୍ତା ମିଳୁନି



**ବୋରିଗୁମ୍ମା/କୋଟପାଡ଼,(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା କୋଟପାଡ଼ ଛୋଟର୍ଲା ପଞ୍ଚାୟତ ନିକଟସ୍ଥ ଗୁଲମୀ ଜଳପ୍ରପାତରେ ଜଣେ ସିଆଇଏସଏଫର ଏଏସଆଇଙ୍କ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ବେଳେ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ମୃତ ଏଏସଆଇ ଜଣଙ୍କ ଛତିଶଗଡ଼ ରାଜ୍ୟର ନଗରନାର ଥାନାରେ ଏଏସଆଇ ଭାବେ କାର୍ଯ୍ୟରତ ଆକାଶ ଚୌଧୁରୀ ବୋଲି ଜଣାପଡ଼ିଛି। କୋଟପାଡ଼ ଗୁଲମୀ ଜଳପ୍ରପାତକୁ ଗତକାଲି ଛତିଶଗଡ଼ ନଗରନାର ଥାନାର ୫ ଜଣ କର୍ମଚାରୀ ପିକନିକରେ ଆସିଥିଲେ। କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଥିବା ବେଳେ ଏଠାକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କ ସମେତ ଏହି ୫ ଜଣ ପୁଲିସ କର୍ମଚାରୀ ବିଭିନ୍ନ ସ୍ଥାନରେ ଫଟୋ ଉଠାଉଥିଲେ। କିନ୍ତୁ ଏହି ସମୟରେ ଅସାବଧାନତା ଯୋଗୁଁ ସେମାନଙ୍କ ମଧ୍ୟରୁ ଜଣେ ଏଏସଆଇ ଆକାଶ ଚୌଧୁରୀ ପ୍ରଖର ସ୍ରୋତରେ ଖସିପଡ଼ିଥିଲେ ସେମାନଙ୍କୁ ଅନ୍ୟମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଫଳରେ ସେମାନେ ନିକଟସ୍ଥ କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ମୃତ ବ୍ୟକ୍ତିଙ୍କ କୌଣସି ସନ୍ଧାନ ପାଇ ନଥିଲେ। ପରେ ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। ଆଜି ସକାଳେ ଜୟପୁରରୁ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି କୋଟପାଡ଼ ଅଗ୍ନିଶମବାହିନୀ ପକ୍ଷରୁ ମିଳିତ ଉଦ୍ଧାର କାର୍ଯ୍ୟ ଜାରିରହିଛି। କିନ୍ତୁ ନିଖୋଜ ପୁଲିସ ଏଏସଆଇ ଆକାଶ ଚୌଧୁରୀଙ୍କର କୌଣସି ପତ୍ତା ମିଳିପାରିନାହିଁ। କୋଟପାଡ଼ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

## ଷ୍ଟ୍ରିଟ୍ ପ୍ଲେ ମାଧ୍ୟମରେ ସ୍ୱଚ୍ଛ ସର୍ବେକ୍ଷଣ ସଚେତନତା



**ଛତ୍ରପୁର,୧୬।୨(ସଂଚାର ବ୍ୟୁରୋ):** ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଲକ୍ଷ୍ୟରେ ଗଞ୍ଜାମ ଏନଏସି ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ଅର୍ପଣା ଡାଙ୍ଗୁଆଙ୍କ ଦୃଢ଼ ଓ ସକ୍ରିୟ ନେତୃତ୍ୱରେ, ଅଧକ୍ଷା ପ୍ରତିଭା ପାଢ଼ୀଙ୍କ ଶୁଭାରମ୍ଭ ସହ "ସ୍ୱଚ୍ଛ ସର୍ବେକ୍ଷଣ" ଅଭିଯାନକୁ ଜୋରଦାର କରାଯାଇଛି। ଏହାର ଅଂଶ ଭାବେ ଏନଏସି ଅଧୀନସ୍ଥ ସମସ୍ତ ୱାର୍ଡ ଓ ବିଭିନ୍ନ ସ୍କୁଲରେ ସଚେତନତା ସୃଷ୍ଟି ପାଇଁ ଷ୍ଟ୍ରିଟ୍ ପ୍ଲେ (ପଥନାଟକ) ଆୟୋଜନ କରାଯାଉଛି। ଇଓ ଅର୍ପଣା ଡାଙ୍ଗୁଆ ସ୍ୱୟଂ କାର୍ଯ୍ୟକ୍ରମ ଉପରେ ନଜର ରଖି ଲୋକସମ୍ପୃକ୍ତି ବଢ଼ାଇବା ଓ ସ୍ୱଚ୍ଛତା ନିୟମକୁ କଡାକଡି ଭାବେ ଅନୁସରଣ କରାଇବାରେ ଜୋର ଦେଉଛନ୍ତି। ଏହି ପଥନାଟକ ମାଧ୍ୟମରେ ପ୍ଲାଷ୍ଟିକ ବ୍ୟବହାର ନିୟନ୍ତ୍ରଣ, ଘରୋଇ ଆବର୍ଜନାକୁ ଭିନ୍ନ ଭିନ୍ନ ଡଷ୍ଟବିନରେ ପକାଇବା, ଖୋଲା ଜାଗାରେ ମଳମୁତ୍ର ବିସର୍ଜନ ନ କରିବା ଏବଂ ସରକାରୀ ସଫାଇ ବ୍ୟବସ୍ଥାକୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଛାତ୍ରଛାତ୍ରୀମାନେ ଅଭିନୟ ଓ ସନ୍ଦେଶ ମାଧ୍ୟମରେ "ମୋ ସହର – ମୋ ଦାୟିତ୍ୱ" ଭାବନାକୁ ଉତ୍ତେଜିତ କରୁଛନ୍ତି। ଏନଏସି ପରିମଳ ବିଶେଷଜ୍ଞ ନୋମେଶ କୁମାରଙ୍କ କହିବା ଅନୁସାରେ, ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ମାର୍କ ପାଇବା ସହିତ ସହରର ସାର୍ବିକ ପରିବେଶ ଉନ୍ନତି ହେଉଛି ମୁଖ୍ୟ ଲକ୍ଷ୍ୟ। ପଥନାଟକ ଦେଖି ଅନେକ ଅଞ୍ଚଳବାସୀ ଘରେ ଘରେ ତ୍ରାଶ ବିଭାଜନ କରିବା ଓ ସଫା ସୁଥା ରଖିବାର ପ୍ରତିଶ୍ରୁତି ଦେଇଛନ୍ତି।

## ଘରୋଇ ମେଡିକାଲରେ ନାବାଳିକାର ପ୍ରସବ, ନବଜାତ ଶିଶୁର ମିଳୁନି ପତ୍ତା

**ଯାଜପୁର ରୋଡ଼,୧୬।୨(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ନାବାଳିକା ଓ ମହିଳା ମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେଉଥିବା ବେଳେ ଯାଜପୁର ରୋଡ଼ ଥାନା ଅଞ୍ଚଳରେ ଏକ ନାବାଳିକା'କୁ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଯାଇଛି। ଜଣେ ନାବାଳିକା ଏକ ଘରୋଇ ମେଡିକାଲରେ ନବଜାତ ଶିଶୁକୁ ଜନ୍ମ ଦେଇଥିବା ବେଳେ ସେହି ଶିଶୁର କୌଣସି ପର୍ତା ମିଳୁନାହିଁ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ଏବେ ହୋଇଛି। ଖବରର ସୂଚନା ଅନୁଯାୟୀ, ନାବାଳିକାର ବାପା ଓ ଝିଅ ଦୀର୍ଘ ଦିନଧରି ବ୍ୟାସନଗର ଅଞ୍ଚଳର କୋପଣ୍ଡ ଏରିଆରେ ଏକ ଭଡ଼ା ଘରେ ରହୁଥିଲେ। ଆଶ୍ଚର୍ଯ୍ୟର କଥା, ଉକ୍ତ ନାବାଳିକାଟି ଗର୍ଭବତୀ ହୋଇଥିଲେ ଏବଂ ଏକ ଘରୋଇ ଡାକ୍ତରଖାନାରେ ପିଲାଟକୁ ଜନ୍ମ କରିଥିଲେ। ଯନ୍ତ୍ରଣାର ସମ୍ମୁଖୀନ ହୋଇ ପ୍ରସବ କରିବା ପରେ ବାପା ସହିତ ନାବାଳିକାଟି ଘରକୁ ଫେରୁଥିଲେ, କିନ୍ତୁ ପଡୋଶୀଙ୍କ ଭୟରେ ଘର ଛାଡ଼ି ଚାଲି ଯାଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରିଥିଲେ। ମହନ୍ତ ସାହିର କିଛି ମହିଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ନିକଟରେ ଥିବା ଫାଣ୍ଡିରେ ସେମାନଙ୍କୁ ଅଟକାଇ ଜନ୍ମଗ୍ରହଣ କରିଥିବା ପିଲା କାହିଁ ବୋଲି ପଚାରିଥିଲେ। ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହେବାରୁ ଫାଣ୍ଡି କର୍ମଚାରୀମାନେ ମାଆ' ଓ ଝିଅକୁ ଅଟକ ରଖି ଥାନାକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଂଚି ବାପା ଓ ନାବାଳିକାକୁ ଥାନାକୁ ନେଇ ପଚ୍ ରାଉଚୁରା କରୁଥିବା ବେଳେ ଏହି ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି? ନାବାଳିକାକୁ କିଏ ଗର୍ଭବତୀ କରିଥିଲା ?

## ୧୭୦ ବୋତଲ ନିଷିଦ୍ଧ କଫ ସିରପ ଜବତ, ୩ ଗିରଫ



**ଖୋର୍ଦ୍ଧା,୧୬।୨(ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ଖୋର୍ଦ୍ଧା ମଡେଲ ପିଏସ୍ ଅଧୀନରେ ପଲ୍ଲା, ମାଝୀ ସାହିରୁ ନିଷିଦ୍ଧ କୋଡିନ୍ କଫ ସିରପର ଏକ ପାତ୍ର ଜବତ କରିଛି ଏବଂ ତିନି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛନ୍ତି ମୋନାଲିସା ସାହୁ (୨୯) ତ୍ରିନାଥ ସାହୁ (୪୦) ବିଜୟା ସାହୁ, ଖୋର୍ଦ୍ଧା ଗ୍ରାମର - ପଲ୍ଲା ମାଝୀ ସାହି ଏବଂ ର୍‌ୟାକେଟର ମାଷ୍ଟରମାଇଣ୍ଡ ରଞ୍ଜିତ କୁମାର ସାହୁ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥିଲେ ଏବଂ ଅବକାରୀ ବିଭାଗ ୧୭୦ ବୋତଲ କୋଡିନ୍ କଫ ସିରପ ଜବତ କରିଥିଲା। ଅବକାରୀ ଅଧୀକ୍ଷକ ଖୋର୍ଦ୍ଧା, ସୁଶ୍ରୀ ସୁମତି ତ୍ରିପାଠିଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଅବକାରୀ ବିଭାଗ ଏହି ଅଞ୍ଚଳରେ ସତର୍କତା ବୃଦ୍ଧି କରିଛି। ମୋବାଇଲ୍ ୟୁନିଟ୍ ଆଇଆଇସି, ତପସ୍ୱିନୀ ବରାଳ, ଏସଆଇ, ମିତ୍ରବିନ୍ଦ ପରିଡା ଏବଂ ଖୋର୍ଦ୍ଧା ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ।

### ଧାମନଗର ବିଡିଓଙ୍କ ବଦଳି କେବେ

# ୩ ବର୍ଷରୁ ଅଧିକ ସମୟ ଧରି ଗାଦି ମାଡି ବସିଛନ୍ତି



**ଧାମନଗର,୧୬।୨(ସଂଚାର ବ୍ୟୁରୋ):** ଧାମନଗର ବ୍ଲକର କାର୍ଯ୍ୟରତ ବିଡିଓ ବନବିହାରୀ ଦିନ୍ଦା ୨୦୨୨ ମସିହାରେ ଓଡିଶାରେ ବିଜେଡି ସରକାର ଥିବା ସମୟରେ ଧାମନଗର ବ୍ଲକ ଉନ୍ନୟନ ଅଧିକାରୀ ଭାବରେ ଯୋଗ ଦେଇ ବହୁ ସରକାରୀ ଯୋଜନାକୁ କାଗଜ କଲମରେ ପାସ କରିବା ସହିତ ଡିଗି ପାର୍କ ଓ ପଞ୍ଚାୟତକୁ ଆସିଥିବା ଖେଳ ସାମଗ୍ରୀ କିଣାରେ କୋଟି କୋଟି ଟଙ୍କାର ହେରଫେର କରି ବିଜେଡି ନେତାଙ୍କର ପ୍ରିୟପାତ୍ର ହୋଇ ବହୁ ଅର୍ଥ ଉପାର୍ଜନ କରିବାରେ ସମର୍ଥ ହୋଇଥିଲେ। ସେହି ସମୟରେ ବିଜେପି ଦଳର କିଛି ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟା ଏହାକୁ ବିରୋଧ କରିବା ସହିତ ନିଜ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାମକୁ ନେଇ ବହୁବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ମଧ ତାହାକୁ ଭ୍ରୁକ୍ଷେପ ନକରି ସେହି ସମୟରେ ବିଜେଡି ଦଳର କ୍ରୀତଦାସ ସାଜି ସମସ୍ତ ସରକାରୀ ନିୟମକୁ ଖୋଲମ ଖୋଲା ଉଲଙ୍ଘନ କରି ସାଧାରଣ ଲୋକଙ୍କ ସୁବିଧି ପାଇଁ ଆସୁଥିବା ଅର୍ଥକୁ ଦିନ ଦ୍ୱିପହରେ ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି କେବଳ କାଗଜ କଲମରେ ଦର୍ଶାଇ ହଡପ କରୁଥିଲେ। ଏପରିକି ବର୍ତ୍ତମାନର ଓଡିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେହି ସମୟରେ ବିଜେପି ଦଳର ବିଧାୟକ ଥିଲେ ମଧ ତାଙ୍କ କଥାକୁ ତିଳେମାତ୍ର ଖାତିରି ନକରିବା ସହିତ କୌଣସି କଥାକୁ ଗୁରୁତ୍ୱ ଦେଉନଥିଲେ। କିନ୍ତୁ ସେହି ବିଡ଼ିଓ ୩ବର୍ଷରୁ ଅଧିକ ସମୟ ଧରି ସରକାରଙ୍କ ନିୟମକୁ ଉଲଙ୍ଘନ କରି ଗୋଟିଏ ସ୍ଥାନରେ କିପରି ରହିଛନ୍ତି ଯାହାକୁ ନେଇ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ଆଙ୍ଗୁଳି ଉଠୁଛି।

## ଅରବିନ୍ଦ ୟୁଥ ଆଣ୍ଡ ସୋସିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



**ବାଲିଅନ୍ତା,୧୬।୨(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ସ୍ଥିତ ଶ୍ରୀ ଗୀତଗୋବିନ୍ଦ ଭବନରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ବରିଷ୍ଠ ନେତା ଡ ଅରବିନ୍ଦ ଢ଼ାଲିଙ୍କ ଦ୍ୱାରା ସ୍ଥାପିତ ସାମାଜିକ ଅନୁଷ୍ଠାନ 'ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ' ର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସମାଜସେବୀ ତଥା ସଂଗଠକ ରଂଜନ କୁମାର ମହାପାତ୍ର ଓ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପରିଚାଳନା କରିଥିଲେ। ଡ ଢ଼ାଲି ପ୍ରାରମ୍ଭରୁ ସଂଗଠନର ଆଭିମୁଖ୍ୟ ତଥା ବିଗତ ଦିନରେ କରିଥିବା କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲି। ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି କୃଷକ ମୋର୍ଚ୍ଚା ସଭାପତି ଦିଲ୍ଲୀପ ସ୍ୱାଇଁ, ଅନୁସୂଚିତ ଜାତି ସେଲ ର ମାଗୁଣି ଚରଣ ସେଠୀ, ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ବରିଷ୍ଠ ପ୍ରଶାସକ ଡ ବି କେ ଦେବବ୍ରତ ସ୍ୱାଇଁ, ଭୁବନେଶ୍ୱର ଜିଲ୍ଲା ପ୍ରଭାରୀ ସରୋଜ କର ତଥା ଅନ୍ୟମାନେ ଉପସ୍ଥିତ ଥିଲେ।ଏହି ଅବସରରେ ଜୟଦେବ ନିର୍ବାଚନ ମଣ୍ଡଳୀର ବହୁ ସକ୍ରିୟ କର୍ମୀ ମାନଙ୍କୁ ଉତ୍ତରୀୟ ଓ ଡାଇରୀ ଦେଇ ସମ୍ମାନିତ କରାଯାଇଥିଲା।ପରେ ଉଭୟ ବାଲିପାଟଣା ଓ ବାଲିଅନ୍ତା ବ୍ଲକର କିଛି ବରିଷ୍ଠ ସାମ୍ବାଦିକ, ସାମାଜିକ କର୍ମୀ, ଆଶାକର୍ମୀ, ମହିଳା ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲାଞ୍ଚ।

## ଜିଲ୍ଲା ବିଜେଡି ମହିଳା ସଭାପତି ହେଲେ କସ୍ତୁରୀବାଳା



**ଗୋପ,୧୬।୨(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ତରଫରୁ ବିଭିନ୍ନ ଜିଲ୍ଲା ମହିଳା ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ବିଧିବଦ୍ଧ ଭାବେ ଶଙ୍ଖ ଭବନ ତରଫରୁ ପ୍ରକାଶ ପାଇଛି। ସେହିପରି ପୁରୀ ଜିଲ୍ଲା ମହିଳା ସଭାପତି ଭାବେ ନାରୀନେତ୍ରୀ କସ୍ତୁରୀବାଳା ସ୍ୱାଇଁଙ୍କୁ ମନୋନୀତ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟନାୟକ। କସ୍ତୁରୀବାଳା ବିଜେଡି ନାରୀନେତ୍ରୀ ଭାବେ ନିମାପଡା ନିର୍ବାଚନ ମଣ୍ଡଳୀରେ ସକ୍ରିୟ ଥିବା ବେଳେ ବିଜେଡି ସଂଗଠନକୁ ସୁଦୃଢ଼ କରିବା ପାଇଁ ଦୀର୍ଘ ଦିନ ହେବ କାର୍ଯ୍ୟକରୀ ଆସୁଛନ୍ତି। ବିଜେଡି ସଭାପତି ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ଓ ଭରସା ରଖି ପୁରୀ ଜିଲ୍ଲା ମହିଳା ସଭାପତି ଦାଇତ୍ୱ ଦେଇଥିବାରୁ ଦଳ ସଭାପତିଙ୍କୁ ଅନେକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି ପୁରୀ ଜିଲ୍ଲା ମହିଳା ସଭାପତି ଭାବେ ନୂତନ କରି ଦାଇତ୍ୱ ନେଇଥିବା କସ୍ତୁରୀବାଳା ସ୍ୱାଇଁ। ଦଳର ସଭାପତି ସଦା ସର୍ବଦା ନାରୀ ମାନଙ୍କୁ ସଶକ୍ତି ଏବଂ ଆତ୍ମ ନିର୍ଭରଶୀଳ କରିବା ପାଇଁ କାର୍ଯ୍ୟକାରୀ ଆସିଛନ୍ତି ତାଙ୍କରି କାର୍ଯ୍ୟାଧାରକୁ ଅନୁସରଣ କରି ମୁଁ କାର୍ଯ୍ୟକରିବି। ମୁଁ ସଦା ସର୍ବଦା ଦଳର ଆଦର୍ଶକୁ ମାନି, ନିଷ୍ଠା ଓ ସମର୍ପଣର ସହିତ କାମ କରିବି ଏବଂ ମହିଳାମାନଙ୍କ ସଶକ୍ତିକରଣ, ଦଳୀୟ ସଂଗଠନ ଶକ୍ତିବୃଦ୍ଧି ଓ ଲୋକସେବା ହେବ ମୋର ପ୍ରଥମ ଲକ୍ଷ୍ୟ। ମହିଳା ସଶକ୍ତିକରଣ, ସ୍ୱାଭିମାନ, ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ଓ ଲୋକସେବାରେ ସଦା ନିଜକୁ ନିୟୋଜିତ ଦୃଷ୍ଟିରେ ରଖିବି ବୋଲି କସ୍ତୁରୀବାଳା କହିଛନ୍ତି। ତାଙ୍କ ଉପରେ ଭରଷା କରିଥିବାରୁ ରାଜ୍ୟ ତଥା ଜିଲ୍ଲାର ବରିଷ୍ଠ ବିଜେଡି ନେତା ଓ କର୍ମୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ୪୪ କେଜି ଗଞ୍ଜେଇ ଜବତ, ମାଫିଆ ଫେରାର



**ଫୁଲବାଣୀ,୧୬।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ପକ୍ଷରୁ ଧୁଙ୍ଗିଆଦେବୀ ମନ୍ଦିର ନିକଟରେ ପୋଲିସ ଦଳର ପେଟ୍ରୋଲିଂ ବେଳେ ବସ୍ ଯୋଗେ ଜଣେ ଗଞ୍ଜେଇ ଚୋରା ଚାଲାଣକାରୀ ମାଫିଆ ଚାଲାଣ କରିବା ପାଇଁ ଅପେକ୍ଷା କରିଥିବା ବେଳେ ପୋଲିସ ଗାଡିକୁ ଦେଖି ଚମ୍ପଟ ମାରିଥିବା ସୂଚନା ମିଳିଛି। ମାଫିଆ ଦୁଇ ଜରି ବସ୍ତା ଛାଡ଼ି ଦୌଡ଼ିବା ପରେ ପୋଲିସ ଦଳ ସହ ଥାନା ଅଧିକାରୀ ଆଶୁତୋଷ ଜେନା ସନ୍ଦେହ କରି ତନଖି କରିବା ପରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପରେ ଉକ୍ତ ସ୍ଥାନରେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ବସୁଧା ପ୍ରଧାନଙ୍କ ଉପସ୍ଥିତିରେ ଅଖାରେ ଥିବା ୪୪ କେଜି ଗଞ୍ଜେଇ ଜବତ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ସମାବେଶ

### ● ଗୋଟିଏ ପ୍ରତିଜ୍ଞା ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଞ୍ଚଳର ବିକାଶ: ଶାରଦା



**ନିଶ୍ଚିନ୍ତକୋଇଲି,୧୬।୨ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକର ବହୁ ପଞ୍ଚାୟତକୁ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ଏକ ବିରାଟ ପଟୁଆରେ ବହୁ ସମର୍ଥକଙ୍କ ସହ ଗ୍ରସ୍ତ କରି ବହୁ ବିକାଶମୂଳକ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିବା ସହିତ ଶେଷରେ ଏକ ବିକାଶ ସମାବେଶରେ ଯୋଗଦାନ କରିଥିଲେ। ବିଧାୟକ ଶ୍ରୀ ପ୍ରଧାନ କୋଲଣପୁର ପଞ୍ଚାୟତର କଳାଗ୍ନୀ କୋଲଣପୁର ରାସ୍ତା, କୁଳିଆ ନିୟନ୍ତ୍ରିତ ବଜାର କମିଟିର ନୂତନ ଗୋଦାମ ଗୃହ, କେନ୍ଦୁପାଟଣା ପ୍ରାଥମିକ କୃଷି ସମବାୟ ସମିତି ଲିଃ, ଗ୍ରାମ୍ୟ ଉନ୍ନୟନ ବିଭାଗର ଜିଗ୍ନୀପୁର ଜଗନ୍ନାଥ ମନ୍ଦିର ଠାରୁ ଜୟରାମପୁର ଭାୟା ପାଇକରାପୁର ନୂତନ ରାସ୍ତା ନିର୍ମାଣ, ଫଗୋଲ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି କାଜିହାଟ ରାସ୍ତା କାର୍ଯ୍ୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଓଥକା ଠାରୁ ରାମକୃଷ୍ଣପୁର ରାସ୍ତା କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ। ଶେଷରେ ରାମକୃଷ୍ଣପୁର ସର୍ପଯୋଡ଼ି ପଡ଼ିଆ ଠାରେ ଆୟୋଜିତ ବିକାଶ ସମାବେଶରେ ଯୋଗ ଦେଇଥିଲେ। ସମାବେଶର ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ପ୍ରଧାନ ଯୋଗ ଦେଇ ଦିନରାତି ଅହରହ ଗୋଟିଏ ଚିନ୍ତା, ଗୋଟିଏ ପ୍ରତିଜ୍ଞା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିକାଶ ଏବଂ କିଭଳି ଭାବେ ଏହି ବିକାଶର ଧାରାକୁ ତ୍ୱରାନ୍ୱିତ କରାଯାଇ ଶତଗୁଣିତ ବିକାଶ ହୋଇପାରିବ ଯାହାଦ୍ୱାରା ସମସ୍ତେ ରୋଜଗାରକ୍ଷମ ହେବା ସହ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ।

## ମନ୍ଦିରକୁ ନେଇ ୨ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ



**ସତ୍ୟବାଦୀ,୧୬।୨ (ସଂଚାର ବ୍ୟୁରୋ):** ସତ୍ୟବାଦୀ ଥାନା ଅନ୍ତର୍ଗତ ମୂଳଅଳସା ଗ୍ରାମ ପଞ୍ଚାୟତର ବଗୁଲାପାରି ଓ ତେନ୍ତୁଳିଆ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ପୁରୀ ବଡ ଡାକ୍ତରଖାନାକୁ ପଠାଯାଇଛି। ଆହତ ମାନେ ହେଲେ ଗଦାଧର ବେହେରା (୫୨), ବିକ୍ରମ ପରିଡା (୩୯), ଅପର୍ତ୍ତି ବେହେରା (୪୨), ପ୍ରମୋଦ ପରିଡା, (୪୪) କାଞ୍ଚିକା କାବେରୀ ସାହୁ (୩୭), ସୁଦର୍ଶନ ବେହେରା (୫୫), ଚଞ୍ଚଳା ବେହେରା (୪୭), ସିଲୁ ସାହୁ (୨୮), ରଞ୍ଜନ କୁମାର ଜେନା (୧୬), ସୀତା ପ୍ରଧାନ (୪୭), ବାବୁନା ଭଟ (୨୮)। ଆହତମାନେ ସମସ୍ତେ ତେନ୍ତୁଳିଆ ଗ୍ରାମର। ଆଜି ସନ୍ଧ୍ୟାରେ ତେନ୍ତୁଳିଆ ଗ୍ରାମର ପ୍ରଭାତୀ ବେହେରା ଗାଁ ମୁଣ୍ଡ ଠାକୁରାଣୀ ମନ୍ଦିରକୁ ସନ୍ଧ୍ୟା ଦେବାପାଇଁ ଯିବାବେଳେ ବଗୁଲାପରି ଗ୍ରାମବାସୀ ଟେକା ପଥର ଫୋପଡ଼ି ଥିଲେ। ଖବର ପାଇ ତେନ୍ତୁଳିଆ ଗ୍ରାମବାସୀ ଯିବାରେ ବଗୁଲାପରି ଗ୍ରାମବାସୀ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

## ଅନ୍ନପୂର୍ଣ୍ଣା ଦେବୀଙ୍କ ବିୟୋଗରେ ଶୋକ



**ମାହାଙ୍ଗା,୧୫।୨(ସଂଚାର ବ୍ୟୁରୋ):** ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଅତମ ମହେଶପୁର ଗ୍ରାମର ଧର୍ମପ୍ରାଣା ମହିଳା ଅନ୍ନପୂର୍ଣ୍ଣା ନାୟକଙ୍କ ୯୦ ବର୍ଷ ବୟସରେ ହୃଦଘାତରେ ପରଲୋକ ଘଟିଛି। ସ୍ୱର୍ଗତ ସଦାଶିବ ନାୟକଙ୍କ ସହଧର୍ମିଣୀ ଅନ୍ନପୂର୍ଣ୍ଣା ଦେବୀ ଜଣେ ପରୋପକାରୀ, ମିଷ୍ଟଭାଷୀ ଏବଂ ଆଧାତ୍ମିକବାଦୀ ମହିଳା ଥିଲେ। ଅତମ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ଅକ୍ଷୟ ନାୟକ ମୁଖାଗ୍ନି ପ୍ରଦାନ କରିଥିଲେ। ଅନ୍ତିମ ଯାତ୍ରାରେ ବଡପୁଅ ଅମର ନାୟକ, ଅଜୟ ନାୟକ, ଅକ୍ଷୟ ନାୟକ, ଅଭୟ ନାୟକ, ଝିଅ ମମତା ରାଉତରାୟ, ଯଦୁନାଥ ନାୟକ, ସୁଶାନ୍ତ ବିଶ୍ୱାଳ, ଦିଲୀପ ବିଶ୍ୱାଳ ଏବଂ ପରିବାର ଓ ଆତ୍ମୀୟ ମାନେ ସାମିଲ ହୋଇଥିଲେ । ଅନ୍ନପୂର୍ଣ୍ଣା ଦେବୀଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଶାରଦା ପ୍ରଧାନ, ଯୁବନେତା ଶୋଭନ କର, ବିଜେପି ନେତା ସୁମନ୍ତ ଘଡେଇ, ଚୌଧୁରୀ ପ୍ରଭାତ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ସରୋଜବନ୍ଧୁ ଦାଶ, ପ୍ରାକ୍ତନ ବ୍ଲକ ଅଧକ୍ଷ ରାଜକିଶୋର ଜେନା, ପୂର୍ବତନ ବ୍ଲକ ଅଧଖ୍ୟା କନକଲତା ବେହେରା, ସାମାଜିକକର୍ମୀ ଅଖିଳେଶ ମହାନ୍ତି, ନରହରି ବିଶ୍ୱାଳ, ଶିକ୍ଷାବିତ ଅଭୟ ଚରଣ ପଣ୍ଡା, ଯାଦବ ଦାଶ, ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

### କୁନ୍ଦେଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

# ପିଇଓଙ୍କୁ ତାଲା ପକାଇଲେ ପଞ୍ଚାୟତ ବାସୀ



**ନବରଂଗପୁର/ରାଇଘର,୧୬।୨ (ସଂଚାର ବ୍ୟୁରୋ):** ରାଇଘର ବ୍ଲକ କୁନ୍ଦେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ନେଇ ଆଜି ସୋମବାର ଦିନ ଚାରି ଖଣ୍ଡ ଗ୍ରାମବାସୀ ନାନା ସମସ୍ୟାର ଅଭିଯୋଗ କରି ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବା ସହ ପି ଇ ଓ ଭୋଳା ନାଥ ବିଶୋଇ ଙ୍କୁ ତାଲା ମାରିଥିଲେ। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନରାଜ ଗଣ୍ଡ ସହ ଶତାଧିକ ମହିଳା ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ ପଞ୍ଚାୟତ ଅଧିକାରୀ ସହ ଆଲୋଚନା କରିଥିଲେ ଏହା ପରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ମାରି ଅଭିଯୋଗର ସମାଧାନ ଦାବୀ କରିଥିଲେ। ପଞ୍ଚାୟତ ବାସୀଙ୍କ ଅଭିଯୋଗ ଗୁଡିକ ହେଲା ଭୁରକାମୋହାଲି, ସେମରଢ଼ିହି ଠାରେ ଦୁଇ ଗୋଟି ନଳକୂପ ଖନନ କରିବା ଭୁରକାମୋହାଲି, ସେମାରଢ଼ିହି, ସମ୍ବଲପୁର, ଖିଲୋଲି ଗ୍ରାମ ଗୁଡିକ ରେ ପାଇପ ଯୋଗେ ଜଳ ଯୋଗାଣ ପ୍ରକଳ୍ପ କୁ କାର୍ଯ୍ୟକାରୀ କରିବା, ଭୁରଖାମୋହାଲି ପୋଖରୀକୁ ଆଗକୁ ଖରାଦିନ ଥିବାରୁ ଗାଧୋଇବା ଏବଂ ଗାଈ ଗୋରୁଙ୍କ ପିଇବା ସମସ୍ୟା ଯଥାଶୀଘ୍ର ଦୂର କରିବା।

## ସୋନନଦୀ ଆଡି ପଥର ପେଚିଂ ଓ ରାସ୍ତା ଉନ୍ନତିକରଣର ରଶିଳାନ୍ୟାସ



**ନୀଳଗିରି,୧୬।୨(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ନରସିଂହପୁର ଗ୍ରାମ ପଞ୍ଚାୟତ ଅମ୍ବିକାପୁର ଗାଁ ର ନଦୀକୁ ଲାଗିଥିନା ଜମି ପାଣି ସୁଅରେ ଧୋଇ ଯାଉଥିଲା। ଏହି ଧୋଇ ରୁ ଗାଁ ଲୋକଙ୍କ ଜମିକୁ ରକ୍ଷା କରିବା ପାଇଂ ଆଡିବନ୍ଧ ଓ ପଥର ପେକିଙ୍ଗ ଦରକାରୀ ଓଡିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ପକ୍ଷରୁ ୫୪ଲକ୍ଷ ୫୪ ହଜାର ୩୦୬ ଟଙ୍କାଅନୁଦାନ ରାଶିର ଅମ୍ବିକାପୁର ଠାରେ ସୋନ ନଦୀର ବାମପାର୍ଶ୍ୱ ନଦୀବନ୍ଧ ରାସ୍ତାର ଉନ୍ନତିକରଣ ପାଇଁ ଆଜି ଶିଳାନ୍ୟାସ ହୋଇଯାଇଛି।ବିଶେଷ ଭାବେ ନଦୀ ଆଡି ର ଉନ୍ନତିକରଣ ଓ ପଥର ପେକିଂ ହେଲେ ନଦୀକୂଳ ପାଖ ଗ୍ରାମରେ ବନ୍ୟା ଜଳ ପ୍ରବେଶ ରୋକିବା ସହିତ ଗ୍ରାମ ଜମି ଅତଡ଼ା ଖାଇବାରୁ ରୋକାଯାଇ ପାରିବ। ଉକ୍ତ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଭିତ୍ତିପ୍ରସ୍ତର ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ୧୩ ନମ୍ବର ଜୋନ ଜିଲ୍ଲାପରିଷଦସଦସ୍ୟ ଗତିକୃଷ୍ଣ ନନ୍ଦ, ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ସିଂ, ସମିତି ସଭ୍ୟା ଅହଲ୍ୟା ନାୟକ, ଯୁବନେତା ତାପସ ମହାନ୍ତି ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ସ୍ୱାଭାବିକ ହେଲା ନୂଆଗାଁ ଅଙ୍ଗନବାଡ଼ି

- ପିଲାଙ୍କୁ ଘରୁ କାଖେଇ ଆଣିଲେ ବିଧାୟକ
- ଆର୍‌ଏଡିରୁ ଦେଲେ ୭ ଲକ୍ଷ ଅନୁଦାନ
- ଅନ୍ ଦି ସ୍ପଟ୍ କେନ୍ଦ୍ର ଓ ରାସ୍ତା ପାଇଁ ଶିଳାନ୍ୟାସ



**ରାଜନଗର,୧୬।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଅଧୀନସ୍ଥ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଜାତିଗତ ଭେଦଭାବ ବିବାଦରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ଦୀର୍ଘ ୮୮ ଦିନ ପରେ ସ୍ୱାଭାବିକ ହୋଇଛି ଅଙ୍ଗନବାଡି କେନ୍ଦ୍ର। ୨୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଜି ୧୬ ଜଣ ଶିଶୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିବା ସହ ପାଠ ପଢିଛନ୍ତି ଓ ଖାଦ୍ୟ ମଧ ଖାଇଛନ୍ତି। ଆଜି ସକାଳେ ରାଜନଗର ବିଧାୟକ ଧ୍ରୁବ ସାହୁ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ଓ ଭଲ ରାସ୍ତା ନଥିବାରୁ ପିଲାମାନେ କେଉଁଠି ଓ କେମିତି ପଢ଼ିବେ ବୋଲି ଲୋକେ ବିଧାୟକଙ୍କୁ ପ୍ରଶ୍ନ କରିଥିଲେ। ଏନେଇ ଆଲୋଚନା କରିବା ପରେ ବିଧାୟକ ଶ୍ରୀ ସାହୁ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଆର୍‌ଡିଏଫ୍)ରୁ ଅଙ୍ଗନବାଡ଼ି କେନ୍ଦ୍ରର ଘର ପାଇଁ ୫ ଲକ୍ଷ ଓ ଗାଁ ରାସ୍ତା ପାଇଁ ୨ ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ଘୋଷଣା କରିଥିଲେ। ଏଥିସହ ମଧ ବିଧାୟକ ଅନ୍ ଦି ସ୍ପଟ୍ ଦୁଇଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ ବି କରିଥିଲେ। ଏହାପରେ ଗାଁର ମୁରବି ଓ ଅଭିଭାବକମାନେ ସେମାନକ ପିଲାଙ୍କୁ ଅଙ୍ଗନବାଡ଼ିକୁ ଛାଡିଥିଲେ। ବିଧାୟକ ଶ୍ରୀ ସାହୁ ନିଜେ ଶିଶୁଙ୍କୁ କାଖେଇ ଅଙ୍ଗନବାଡ଼ି କେନ୍ଦ୍ରକୁ ଆଣିଥିଲେ। ବିଧାୟକଙ୍କ ସହ ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସମିତି ସଭ୍ୟାଙ୍କ ପ୍ରତିନିଧି ରାକେଶ କୁମାର ନାୟକ ପ୍ରମୁଖ ମଧ ବିଧାୟକଙ୍କୁ ଅନୁସରଣ କରି ପିଲାମାନଙ୍କୁ କାଖେଇ ଅଙ୍ଗନବାଡି କେନ୍ଦ୍ର ଯାଏଁ ଆଣିଥିଲେ। ଅଧିକନ୍ତୁ ଅଙ୍ଗନବାଡି କେନ୍ଦ୍ରରେ ପିଲାମାନଙ୍କୁ ବିଧାୟକ ଚକୋଲେଟ ବାଣ୍ଟିବା ସହ ସହାୟିକା ଶର୍ମିଷ୍ଠା ସେଠୀ ସେମାନଙ୍କୁ ମୁଢି ମୁଆଁ ଖାଇବାକୁ ଦେଇଥିଲେ। ସହାୟିକା ନିଜେ ଭାତ ଡାଲମା ରୋଷେଇ କରିବା ସହ ପିଲାମାନଙ୍କ ହାତ ଧୋଇଦେଇ ଖାଦ୍ୟ ପରଷିଥିଲେ।

ସୂଚନାଯୋଗ୍ୟ ଯେ ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଜାତିଗତ ଭେଦଭାବ ଘଟଣା ଜାତୀୟ ସ୍ତରରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଅନୁସୂଚିତ ଜାତିର ଯୁବତୀ ଶର୍ମିଷ୍ଠା ଗତ ବର୍ଷ ନଭେମ୍ବର ୨୦ରେ ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏପରି ଏକ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁନଥିବା ବେଳେ ଗର୍ଭବତୀ, ପ୍ରସୂତି ବି ତାଙ୍କ ହାତରୁ କିଛି ବି ଗ୍ରହଣ କରୁନଥିଲେ। ରାଜ୍ୟସଭାରେ ବିରୋଧୀ ଦଳ ନେତା ତଥା ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଏହି ପ୍ରସଙ୍ଗ ଉଠାଇବା ପରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଗତ ଶନିବାର ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସପି ସୁଧାକର ସାହୁ, ଜିଲ୍ଲା କଲ୍ୟାଣ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଆଇଆଇସି ନରେଶ କୁମାର ସାହୁ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସିଡିପିଓ ଦୀପାଳି ମିଶ୍ର ଗାଁରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ଏହାପରେ ଗ୍ରାମବାସୀ ଶପଥ ପାଠ କରି ସୋମବାରଠାରୁ ଶିଶୁ ଆସିବେ ପାଠ ପଢ଼ିବେ ଓ ଗ୍ରହଣ କରିବେ ବୋଲି କହିଥିଲେ।

# ଧାନ ପ୍ରସଙ୍ଗରେ ଗୃହ ଅଚଳ କରିବ ବିଜେଡି



- ସାମ୍ବିଧାନିକ ପ୍ରକ୍ରିୟାରେ ପ୍ରତିବାଦ କରିବାକୁ ନବୀନଙ୍କ ନିର୍ଦ୍ଦେଶ
- ପ୍ରାୟ ୧୦ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ସଭାପତି କ୍ଷୁବ୍ଧ

**ଭୁବନେଶ୍ୱର, ୧୬।୨ (ସଂଚାର ବ୍ୟୁରୋ) :** ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ବଜେଟ ଅଧିବେଶନରେ ଧାନ ପ୍ରସଙ୍ଗରେ ବିଧାନସଭା ଅଚଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଶଙ୍ଖ ଭବନରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ନବୀନ ବିଧାୟକଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଧାନ ପ୍ରସଙ୍ଗରେ ବିଜେଡି ପ୍ରଶ୍ନ, ବିକ୍ଷୋଭ ଓ କକ୍ଷତ୍ୟାଗ ଭଳି ସାମ୍ବିଧାନିକ ପ୍ରକ୍ରିୟାକୁ ଆପଣେଇ ଗୃହକୁ ଅଚଳ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି।

ବଜେଟ ଅଧିବେଶନକୁ ଗୁରୁତ୍ତର ସହ ନେଇ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ସବୁ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିଧାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ନବୀନ। ଡବଲ ଇଂଜିନ ସରକାର କେବଳ ଭାଷଣ ଓ ଫଟୋ ଉଠାଇବାରେ ବ୍ୟସ୍ତ ଥିବା ବେଳେ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ବିଜେଡି ସବୁ ଋତୁରେ ଚାଷୀ ସହ ଥିଲା ଓ ରହିଛି। କିନ୍ତୁ ବର୍ତ୍ତମାନର ସରକାରଙ୍କ ପାଇଁ ଲୋକେ ଜର୍ଜରିତ ହେଲେଣି। ଚାଷୀ ଠିକ ଭାବେ ଧାନ ବିକି ପାରୁନାହାଁନ୍ତି। ଅଭାବୀ ବିକ୍ରି ଓ କଟନୀ ଛଟଣୀ ପାଇଁ ଚାଷୀ ଉପଯୁକ୍ତ ମୂଲ୍ୟ ପାଉନାହାଁନ୍ତି ବୋଲି ନବୀନ କହିଛନ୍ତି।

ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ନାରୀ ନିର୍ଯାତନା ଏବେ ଦୈନିକ ଘଟଣା ହେଲାଣି। ସରକାରୀ ଅଫିସରେ ଦୁର୍ନୀତି ଖବର ବି ଆସୁଛି, ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ମହାନଦୀ ଓଡ଼ିଶାର ବଡ଼ ସମସ୍ୟା ହୋଇଥିବା ବେଳେ ଟ୍ରିପଲ ଇଂଜିନ ସରକାର ସମାଧାନ କରିପାରିଲେନି। ସେହିଭଳି ସରକାର ବଜେଟ ଅର୍ଥ ବି ଖର୍ଚ୍ଚ କରିପାରୁନାହାଁନ୍ତି ବୋଲି ନବୀନ କହିଛନ୍ତି। ଏହିସବୁ ପ୍ରସଙ୍ଗରେ ବିଜେଡି ଗୃହକୁ ଅଚଳ କରିବାକୁ ନବୀନ ସଙ୍କେତ ଦେଇଛନ୍ତି। ସେପଟେ ଆଜିର ବିଧାୟକ ଦଳ ବୈଠକକୁ ପ୍ରାୟ ୧୦ଜଣ ବିଧାୟକ ଆସିନଥିଲେ। ତାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ନବୀନ ସେମାନଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି।

## ସାତମାରି ପାହାଡ଼ରେ ମାଓକ୍ୟାମ୍ପ ଠାବ, କମ୍ବିଂ ଅପରେସନ ଜାରି



**ନୂଆପଡ଼ା, ୧୬।୨ (ସଂଚାର ବ୍ୟୁରୋ) :** ମାଓ ଦମନ ଅଭିଯାନରେ ବଡ଼ ସଫଳତା । ପାହାଡ଼ରୁ ଠାବ ହେଲା ମାଓକ୍ୟାମ୍ପ । ଛତିଶଗଡ଼ ଗରିଆବନ୍ଧ ଜିଲ୍ଲା ମେନପୁର ଥାନା ସାତମାରି ପାହାଡରେ ମାଓକ୍ୟାମ୍ପ ଠାବ ହୋଇଛି । ନୂଆପଡ଼ା ଡିଭିଜନ ମାଓ ସଂଗଠନ ଦ୍ୱାରା ମାଟିତଳେ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଲୁଚାଇଥିବା ଖବର ଜଣାପଡ଼ିଥିଲା। ସାତମାରି ପାହାଡ଼ରେ ମାଓକ୍ୟାମ୍ପ ନେଇ ଗୁଇନ୍ଦା ସୂଚନା ମିଳିଥିଲା । ସୂଚନା ପରେ ଗରିଆବନ୍ଧ ଜିଲ୍ଲା ଇ-୩୦ ପୁଲିସ ଟିମ୍ ପକ୍ଷରୁ ପାହାଡ଼ରେ ସର୍ଚ୍ଚ ଅପରେସନ କରାଯାଇଥିଲା। ମାଓକ୍ୟାମ୍ପରୁ ବନ୍ଧୁକ,ମାଗାଜିନ୍ ସହ ଅନେକ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି ଯବାନ। ସଂପୃକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ କମ୍ବିଂ ଅପରେସନ ଜାରି ରହିଥିବା ଗରିଆବନ୍ଧ ଏସପି ସୂଚନା ଦେଇଛନ୍ତି ।.

## ପୁରୀରୁ ନିଖୋଜ ଦୁଇ ନାବାଳକ ହାଇଦ୍ରାବାଦରୁ ଉଦ୍ଧାର

### ୫ ମାସ ପରେ ଠାବ, ଦୁଇ ଗିରଫ



**ପୁରୀ,୧୬।୨(ସଂଚାର ବ୍ୟୁରୋ):** ନିଖୋଜ ହେବାର ପ୍ରାୟ ୫ ମାସ ପରେ ଗୋଟିଏ ପରିବାରର ଦୁଇ ନିଖୋଜ ନାବାଳକଙ୍କୁ ଆଜି ଉଦ୍ଧାର କରାଯାଇଛି। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା କୁଞ୍ଜର ଗାଁର ଦୁଇ ନାବାଳକ ଗୋଟିଏ ପରିବାରର ହୋଇଥିବା ବେଳେ ସେମାନେ ଶ୍ରୀପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ। ଗତ ବର୍ଷ ସେପ୍ଟେମ୍ବର ୩୦ ତାରିଖରେ ସେମାନେ ଦୁଇଟି ସାଇକେଲ ନେଇ ଟିଉସନ ଯାଉଥିବା କହି ଘରୁ ଚାଲିଯାଇଥିଲେ। ପରେ ସେମାନେ ଆଉ ଘରକୁ ନ ଫେରିବାରୁ ପରିବାର ଲୋକେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ଏଥିରେ ବିଫଳ ହେବାରୁ ଶେଷରେ ସେମାନେ ଡେଲାଙ୍ଗ ଥାନାରେ ଏକ ମାମଲା ରୁଜୁ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ୍ ବିଭିନ୍ନ ସ୍ଥାନରେ ଉକ୍ତ ଦୁଇ ନାବାଳକଙ୍କ ପୋଷ୍ଟର ଲଗାଇଥିଲା। ପରେ ଉଭୟ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦରେ ଥିବା ପୁଲିସ୍ ଜାଣିବା ପରେ ସେଠାରୁ ଉଭୟଙ୍କୁ ଉଦ୍ଧାର କରିଛି। ଏଥିସହ ଏହି ମାମଲାରେ ମଧ ପୁଲିସ୍ ହାଇଦ୍ରାବାଦର ଏମ୍. ମହେଶ ରାଜ ଓ ଏମ. ମଲ୍ଲେଶ ରାଓଙ୍କୁ ଗିରଫ କରିଛି।

● ଆଜାଦନଗର ବିସ୍ଫୋରଣ ଘଟଣା

## ଖୋଳତାଡ଼ କରୁଛି ଏନ୍‌ଆଇଏ

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ତଦନ୍ତ ଚଳାଇଥିବା ବେଳେ ଏବେ ଏହାକୁ ଜୋରଦାର କରାଯାଇଛି। ସିସିଟିଭି ଫୁଟେଜକୁ ତନ୍ନ ତନ୍ନ କରି ଦେଖିବା ସହ ସଂସ୍ଥାର ଅଧିକାରୀମାନେ ଆର୍ଥିକ କାରବାର ଦିଗ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଦୁଇ ଜଣଙ୍କ ମୃତ୍ୟୁ ପରେ ଘଟଣାକୁ ଏନ୍‌ଆଇଏ ଟିମ୍ ବିଶେଷ ଗୁରୁତର ଭାବେ ନେଇଛି। ତଦନ୍ତକାରୀ ଟିମ୍ ବିସ୍ଫୋରକ ଯୋଗାଇଥିବା ସଂସ୍ଥାକୁ ଖୋଜୁଛି। ସେପଟେ ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଶୋହନବାଜ ମାଲିକ୍‌ର ଆକାଉଣ୍ଟ ମଧ ଯାଞ୍ଚ ହେଉଛି। ତାଙ୍କ ଆକାଉଣ୍ଟକୁ ଦେଣନେଣ ନେଇ ଏନ୍‌ଆଇଏ ଟିମ୍ ଛାନ୍‌ଭିନ୍ କରୁଛି। ବ୍ୟବହୃତ ବିସ୍ଫୋରକର କିଛି ନମୁନା ନେଇ ତଦନ୍ତ କରୁଛି ଟିମ୍। ଗତ ୨୭ ତାରିଖରେ ଭୁବନେଶ୍ୱର ସୁନ୍ଦରପଦା ଆଜାଦ ନଗରରେ ବୋମା ଭିଡ଼ିବା ବେଳେ ଛାତ ଉପରେ ଭୟଙ୍କର ବିସ୍ଫୋରଣ ହୋଇଥିଲା।

## ଏଲଟିଆର୍ ଆଶାୟୀ ଶିକ୍ଷକ ସଂଘର ଆନ୍ଦୋଳନ

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଏଲଟିଆର୍ ଆଶାୟୀ ଶିକ୍ଷକ ସଂଘ ପକ୍ଷରୁ ଆଜି ରାଜଧାନୀରେ ଏକ ବଡ଼ ଧରଣର ଆନ୍ଦୋଳନ ହୋଇଛି। ଏଥଇରେ ହଜାର ହଜାର ଚାକିରୀ ଆଶାୟୀ ଭାଗ ନେଇ ସ୍ଥାନୀୟ ଓଏସ୍‌ଏସ୍‌ସି କାର୍ଯ୍ୟାଳୟକୁ ଘେରିବା ସହ ଜୋରଦାର ପ୍ରତିବାଦ କରିଥିଲେ। ଓଡ଼ିଆ, ଆର୍ଟ୍ସ, ସଂସ୍କୃତ ଓ ହିନ୍ଦୀ ପରି ୪ଟି ବିଭାଗର ଏଲଟିଆର୍ ଆଶାୟୀ ଶିକ୍ଷକମାନେ ତୁରନ୍ତ ଫାଇନାଲ ମେରିଟ୍ ଲିଷ୍ଟ ପ୍ରକାଶ କରିବାକୁ ଦାବି ଉଠାଇ ଆଶାୟୀମାନେ ଧାରଣାରେ ବସିଥିଲେ। ଦୀର୍ଘଦିନ ଧରି ଫଳାଫଳ ପ୍ରକାଶ ନ ପାଇବାରୁ ପ୍ରାର୍ଥୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ହେଲେ ଏହି ଦାବି ପ୍ରତି ଓଏସ୍‌ଏସ୍‌ସି ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ନ ମିଳିବାରୁ ସଂଘ ଆଜି ଆନ୍ଦୋଳନକୁ ଓହ୍ଲାଇଛି। ଖୁବ୍ ଶୀଘ୍ର ମେରିଟ୍ ଲିଷ୍ଟ ପ୍ରକାଶ ନ ପାଇଲେ, ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।

# ସମୁଦ୍ର ଭିତରେ ଓଡ଼ିଆ କ୍ୟାପଟେନ୍‌ଙ୍କ ମୃତ୍ୟୁ

- ଆସିପାରୁନି ମୃତଦେହ, ପରିବାର ଲୋକ ଚିନ୍ତିତ
- ଶିପିଙ୍ଗ୍ କମ୍ପାନୀ ସହ ଯୋଗାଯୋଗରେ ଅଛି ସିଏଓ



**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଓଡ଼ିଆ ନାବିକ ସାର୍ଥକ ମହାପାତ୍ରଙ୍କ ନିଖୋଜକୁ ନେଇ ଓଡ଼ିଶାରୁ ସିଙ୍ଗାପୁର ଯାଏ ଆଶଙ୍କା ଲାଗିରହିଥିବା ବେଳେ ଇତିମଧ୍ୟରେ ଆଉ ଜଣେ ଓଡ଼ିଆ ନାବିକଙ୍କର ଦୁଃଖଦ ମୃତ୍ୟୁ ଘଟିଛି। ସମୁଦ୍ର ଭିତରେ ଜାହାଜରେ ଉକ୍ତ ଓଡ଼ିଆ କ୍ୟାପଟେନ୍‌ଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ନାମ କ୍ୟାପଟେନ୍ ପୂର୍ଣ୍ଣଚନ୍ଦ୍ର ପାତ୍ର। ତାଙ୍କ ଘର ନୟାଗଡ଼ ଓଡ଼ଗାଁରେ ହୋଇଥିବା ବେଳେ ପରିବାର ଲୋକ ବ୍ରହ୍ମପୁର ଅଞ୍ଚଳରେ ରହୁଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଲା, ପୂର୍ଣ୍ଣଚନ୍ଦ୍ରଙ୍କମୃତ୍ୟୁକୁ ଇତିମଧ୍ୟରେ ୩ ଦିନ ବିତିଯାଇଥିଲେ ମଧ ଅଦ୍ୟାବଧି ତାଙ୍କ ମୃତଦେହ ଫେରି ପାରିନାହିଁ, ଯାହାକୁ ନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି।

ମିଳିଥିବା ସୂଚନାନୁସାରେ, କ୍ୟାପ୍‌ଟେନ୍ ପୂର୍ଣ୍ଣଚନ୍ଦ୍ର ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ମର୍ଚ୍ଚାଣ୍ଟ ନାଭିରେ କାର୍ଯ୍ୟରତ ଥିଲେ। ସେ ଏକାଧିକ ଶିପିଙ୍ଗ୍ ସଂସ୍ଥାରେ କାମ କରିବାର ଅଭିଜ୍ଞତା ରଖିଥିଲେ। ସେ ଶେଷ ଥର ପାଇଁ ସପ୍ତାହେ ତଳେ ପରିବାର ଲୋକଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ସେତେବେଳେ ସେ ଏକ କାର୍ଗୋ ଶିପ୍ ନେଇ ଚୀନ ଅଭିମୁଖେ ଯାଉଥିବା ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଗତ ଗୁରୁବାର ତାଙ୍କର ହୃଦ୍‌ଘାତ ଯୋଗୁଁ ମୃତ୍ୟୁ ହୋଇଥିବା ନେଇ ଉକ୍ତ ଶିପିଙ୍ଗ ସଂସ୍ଥା ପକ୍ଷରୁ ପରିବାର ଲୋକଙ୍କୁ ଫୋନ୍ ଯୋଗେ ଅବଗତ କରାଯାଇଥିଲା।

ଏହା ଶୁଣି ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିଲେ। କିନ୍ତୁ କେବଳ ଫୋନ୍ ଯୋଗେ ସୂଚନା ଦିଆଯାଇଥିଲେ ହେଁ ଅଦ୍ୟାବଧି ବିଧିବଦ୍ଧ ଭାବେ ଇ-ମେଲ ଜରିଆରେ କିଛି ବି କୁହାଯାଇନାହିଁ। ଅନ୍ୟପକ୍ଷରେ ଚୀନରେ ନୂଆ ବର୍ଷ ଥିବାରୁ କ୍ୟାପ୍‌ଟେନ୍ ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ଓଡ଼ିଶାକୁ ପଠାଇବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ଏପରିସ୍ଥଳେ ସିଫେୟାର୍ସ ଆସୋସିଏସନ ଅଫ୍ ଓଡ଼ିଶା (ସିଏଓ) ପକ୍ଷରୁ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ଅବିଳମ୍ବେ ଫେରାଇ ଆଣିବାର ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ସଂଘ କର୍ତ୍ତୃପକ୍ଷ ମଧ ଉକ୍ତ ଶିପିଙ୍ଗ ସଂସ୍ଥା ସହ ଯୋଗାଯୋଗ କରିଛନ୍ତି।

● ଓଡ଼ିଆ ନାବିକ ନିଖୋଜ ମାମଲା

## ମା’ ଓ ମାମୁଙ୍କୁ ସହଯୋଗ କରୁନାହାନ୍ତି ଜାହାଜ କର୍ତ୍ତୃପକ୍ଷ



**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ସୁଦୂର ସିଙ୍ଗାପୁରରେ ଓଡ଼ିଆ ନାବିକ ସାର୍ଥକ ମହାପାତ୍ର ନିଖୋଜ ହୋଇଯାଇଥିବା ବେଳେ ତାଙ୍କୁ ଠାବ କରିବା ସକାଶେ ଚାଲିଥିବା ଉଦ୍ୟମରେ ସମ୍ପୃକ୍ତ ଜାହାଜ କର୍ତ୍ତୃପକ୍ଷ ସହଯୋଗ କରୁନଥିବା ଅଭିଯୋଗ ହୋଇଛି। ସାର୍ଥକଙ୍କୁ ଖୋଜିବା ସକାଶେ ତାଙ୍କ ମା’ ଓ ମାମୁ ଯାଇଥିଲେ ହେଁ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଅବଶ୍ୟ ସେମାନେ ପୁଅକୁ ପାଇବା ନେଇ ଆଶା ହରାଇନାହାନ୍ତି। ଗତକାଲି ଉଭୟ ସିଙ୍ଗାପୁରରେ ସାର୍ଥକ ନିଖୋଜ ହୋଇଥିବା ଜାହାଜରେ ପହଞ୍ଚିବା ପରେ ସେମାନଙ୍କୁ ଜାହାଜ ଭିତରକୁ ଯିବାକୁ ସୁଯୋଗ ମିଳିଥିଲା। ତେବେ ସେମାନଙ୍କୁ କେବଳ ସାର୍ଥକଙ୍କ ଚାମ୍ବର ବୁଲି ଦେଖିବାକୁ ଅନୁମତି ମିଳିଥିବାରୁ ଏନେଇ ସାର୍ଥକଙ୍କ ମା’ ଓ ମାମୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କୁ ଜାହାଜରେ ମହଜୁଦ ଥିବା ଆଇନଜୀବୀମାନେ ସେମାନଙ୍କୁ ପ୍ରତିଟି କ୍ଷେତ୍ରରେ ବାରଣ କରୁଥିବାରୁ ସେମାନେ ସାର୍ଥକଙ୍କ ସନ୍ଧାନ ପାଇଁ କରୁଥିବା ଉଦ୍ୟମ ପ୍ରଭାବିତ ହେବା ଆଶଙ୍କା ପ୍ରକାଶ କରିଛନ୍ତି। ଅବଶ୍ୟ ଭାରତ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ମିଳିଛି। କିନ୍ତୁ ସେମାନଙ୍କ ଦାବି ଅନୁଯାୟୀ, ଡଗ୍ ଓ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଅଦ୍ୟାବଧି ଆରମ୍ଭ ହୋଇପାରିନଥିବା ସାର୍ଥକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସିଙ୍ଗାପୁରରେ ଭାରତୀୟ ହାଇକମିଶନରଙ୍କୁ ସାର୍ଥକଙ୍କ ମା’ ଓ ମାମୁ ଭେଟିବେ ବୋଲି ଜଣାପଡ଼ିଛି। ମାମଲାରେ ହାଇକମିଶନର୍‌ଙ୍କ ସହ ଆଲୋଚନା ପରେ ହିଁ ସାର୍ଥକଙ୍କ ସର୍ଚ୍ଚ ଅପରେସନ କେଉଁ ଦିଗକୁ ଯିବ, ତାହା ସ୍ପଷ୍ଟ ହେବ। ତେବେ ସାର୍ଥକଙ୍କୁ ହତ୍ୟା କରାଯାଇଥିବା ସେମାନେ ସନ୍ଦେହ କରୁଛନ୍ତି।

# ଗଞ୍ଜାମରେ ୮୮% ଧାନ କିଣାସରିଛି

### ୧.୨୧ ଲକ୍ଷ ଚାଷୀଙ୍କୁ ମିଳିଛି ୧୦୫୫ କୋଟି

**ବ୍ରହ୍ମପୁର,୧୬।୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ରାଜ୍ୟର ସବୁଠାରୁ ବଡ଼ କୃଷିପ୍ରଧାନ ଜିଲ୍ଲାମାନଙ୍କ ମଧ୍ୟରୁ ଅନ୍ୟତମ। ଏଠାରୁ ପ୍ରତିବର୍ଷ ଲକ୍ଷାଧିକ ଚାଷୀଙ୍କ ଠାରୁ ବିପୁଳ ପରିମାଣରେ ଧାନ କ୍ରୟ କରାଯାଇଥାଏ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଗଞ୍ଜାମ ଜିଲ୍ଲା ପ୍ରଶାସନ, ଉପଖଣ୍ଡ ପ୍ରଶାସନ ଓ ବ୍ଲକ ପ୍ରଶାସନମାନଙ୍କ ପକ୍ଷରୁ ମଣ୍ଡିଗୁଡିକର ସୁପରିଚାଳନା, ସୁବିଧାରେ ପଞ୍ଜିକରଣ, ଧାନ କ୍ରୟ ପ୍ରକ୍ରିୟା ଆଗେଇ ଚାଲିଛି। ତେଣୁ, ଚାଷୀଙ୍କ ମଧ୍ୟରେ ମୋଟାମୋଟି ଭାବରେ ଆନନ୍ଦ ପରିଲିକ୍ଷିତ ହେଉଛି। ଏହି ଏକ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆର୍ଥିକ ପ୍ରାବଧାନ ଜିଲ୍ଲାର ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା ସହ ଅନ୍ନଦାତାଙ୍କୁ ଆର୍ଥିକ ସ୍ଥିରତା ପ୍ରଦାନ କରିପାରିଛି। ସୁଚିନ୍ତିତ ପରିକଳ୍ପନା, ନିରନ୍ତର ନିରୀକ୍ଷଣ, ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ତ୍ୱରିତ



ତାସହ ତ୍ୱରିତ ଓ ସମୟୋଚିତ ଭାବେ ଚାଷୀମାନଙ୍କ ଖାତାକୁ ଆର୍ଥିକ ପ୍ରାବଧାନ ପହଞ୍ଚାଇବାକୁ ବିଭିନ୍ନ ସମୟୋପଯୋଗୀ ବ୍ୟବସ୍ଥା କରାଯାଇଛି।

ଗଞ୍ଜାମ ଜିଲ୍ଲା ଚଳିତ ଧାନ କ୍ରୟ ଋତୁରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜିଲ୍ଲାରେ ମୋଟ ୫୪,୪୬,୨୦୧ କ୍ୱିଣ୍ଟାଲ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୪୭,୯୮,୫୮୮ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇ ପ୍ରାୟ ୮୮ ପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇପାରିଛି ବୋଲି ଜିଲ୍ଲାପାଳ କିର୍ତ୍ତୀ ଓ୍ୱାସନ କହିଛନ୍ତି। ୧,୨୧,୮୧୬ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଟି ମାଧ୍ୟମରେ ୧୦୫୫ କୋଟିରୁ ଅଧିକ ଟଙ୍କା ପହଂଚିସାରିଛି। ବିଗତ ବର୍ଷ ଗୁଡିକ ତୁଳନାରେ ଅଧିକ କ୍ଷିପ୍ର ଗତିରେ ଏ ବର୍ଷ କାର୍ଯ୍ୟାନୁଷ୍ଠାନ ଏବଂ ସମନ୍ୱୟମୂଳକ ପଦକ୍ଷେପ ଫଳରେ ଏହି ଆଖିଦୃଶିଆ ସଫଳତା ମିଳିପାରିଛି ବୋଲି ସେ କହିଛନ୍ତି। ଜିଲ୍ଲାପାଳଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଧାନ କ୍ରୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେଇଥିବା ଆଜିର ସମୀକ୍ଷା ବୈଠକରୁ ଜଣାପଡିଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ମଣ୍ଡି ପର୍ଯ୍ୟବେକ୍ଷଣ ଏବଂ ପ୍ୟାକ୍ସ ଓ ସମ୍ବନ୍ଧିତ ସଂସ୍ଥାମାନଙ୍କ ସହ ସମନ୍ୱୟ ମାଧ୍ୟମରେ ବିଭିନ୍ନ ବାଧାବିଘ୍ନକୁ ଦୂର କରାଯାଇଆସିଛି ଯାହା ଫଳରେ ୮୮ ପ୍ରତିଶତ ଧାନ କ୍ରୟ ହୋଇସାରିଛି। ଆଉ ବଳକା ଧାନ ଖୁବଶୀଘ୍ର କ୍ରୟ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ୨୮କୁ ବଢ଼ିଲା ଇଗ୍ନୋ ନାମଲେଖା ଅବଧି

**ଭୁବନେଶ୍ୱର, ୧୬।୨ (ସଂଚାର ବ୍ୟୁରୋ) :** ବିଭିନ୍ନ ବର୍ଗର ଲୋକଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରି ଇଗ୍ନୋ କର୍ତ୍ତୃପକ୍ଷ ଜାନୁଆରି ୨୦୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ଅବଧିକୁ ଏବଂ ପୁନଃପଞ୍ଜିକରଣ ସମୟାବଧିକୁ ମଧ ଚଳିତମାସ ୨୮ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୁନଃପଞ୍ଜିକରଣ ପାଇଁ ଅତିରିକ୍ତ୨୦୦ ଟଙ୍କା ବିଳମ୍ବଶୁଳ୍କ ଦେବାକୁ ହେବ ବୋଲି କୁହାଯାଇଛି। ଆଗ୍ରହୀ ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ଇଗ୍ନୋର ୱେବସାଇଟ www. ignou.ac.inକୁ ଅନୁସରଣ କରିପାରିବେ। ଆବେଦନ କରିବା ଲିଙ୍କ ହେଲା https:// ignouadmission.samarth.edu.in ।

## ଗୀତା ପଟ୍ଟନାୟକଙ୍କ ଶେଷକୃତ୍ୟ ସମ୍ପନ୍ନ



**କଟକ,୧୬।୨(ସଂଚାର ବ୍ୟୁରୋ):** ପ୍ରସିଦ୍ଧ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କର ଆଜି ସତୀଚଉରାଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗତକାଲି କଟକର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଥିଲା। ୫ ଦିନ ତଳେ ସେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇ ଆଇସିୟୁରେ ଥିଲେ। କଟକସ୍ଥିତ ତାଙ୍କ ବାସଭବନରେ ଅନ୍ତିମ ଦର୍ଶନ କରିଥିଲେ ଅନେକ ଶୁଭେଚ୍ଛୁ ଓ ସିନେ ତାରକା। ସମ୍ପର୍କୀୟ ଭାଇ ପ୍ରସନ୍ନ ପାତ୍ର ମୁଖାଗ୍ନି ଦେଇଥିଲେ।

## ପ୍ରକାଶ ପାଇଲା ଜେଇଇ ମେନ ରେଜଲ୍ଟ

## ଭବେଶ ଓଡ଼ିଶା ଟପ୍ପର

**ଭୁବନେଶ୍ୱର,୧୬।୨(ସଂଚାର ବ୍ୟୁରୋ):** ଆଜି ଜେଇନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ଜେଇଇ ମେନ୍ ୨୦୨୬ର ସେସନ୍-୧ ଫଳାଫଳ ପ୍ରକାଶ କରାଯାଇଛି। ଏଥର ପ୍ରାୟ ୧୩.୦୪ ଲକ୍ଷ ପରୀକ୍ଷାର୍ଥୀ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିବାବେଳେ ୧୨ ଜଣ ଛାତ୍ର ୧୦୦ ପ୍ରତିଶତ ମାର୍କ ରଖିଛନ୍ତି। ଆଉ ସେହି ୧୨ ଜଣଙ୍କ ମଧ୍ୟରେ ଷଷ୍ଠ ସ୍ଥାନରେ ଅଛନ୍ତି ଓଡ଼ିଶାର ଭବେଶ ପାତ୍ର। ଜେଇଇ ମେନ ସେସନ-୧ରେ ୧୩.୫୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ




ମଧ୍ୟରୁ ୧୩.୦୪ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରେ ୮ ଲକ୍ଷ ୫୫ ହଜାର ୮୫ ଜଣ ପୁରୁଷ ଓ ୪ ଲକ୍ଷ ୪୯ ହଜାର ୫୬୮ ଜଣ ମହିଳା ଥିଲେ। ସେହିପରି ସାଧାରଣ ବର୍ଗରେ ୨ ଲକ୍ଷ ୯୫ ହଜାର ୭୮ ଜଣ ପୁରୁଷ ପରୀକ୍ଷା ଦେଇଥିବା ବେଳେ ୧ ଲକ୍ଷ ୫୭ ହଜାର ୭୪୭ ଜଣ ମହିଳା ଅଂଶଗ୍ରହଣ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ସର୍ବାଧିକ ରାଜସ୍ଥାନର। ତେବେ ସବୁଠାରୁ ବଡ଼ କଥା ହେଉଛି ଯେ ଚଳିତ ଥର ତାଲିକାରେ ଜଣେ ବି ଝିଅ ନାହାନ୍ତି। ଅର୍ଥାତ୍ ପୁରୁଷମାନଙ୍କ ଦବ୍‌ଦବା ରହିଛି। ଅନ୍ୟପକ୍ଷରେ ମହିଳା ଟପ୍ପରଙ୍କ ମଧ୍ୟରେ ହରିୟାଣାର ଆଶି ଗ୍ରେୱାଲ ୯୯.୯୯ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନରେ ଅଛନ୍ତି।

# ମଧୁକାନ୍ତକୁ ୭ଦିନିଆ ରିମାଣ୍ଡରେ ନେବ ପୁଲିସ



**କଟକ,୧୬।୨(ସଂଚାର ବ୍ୟୁରୋ):** ଚୌଦ୍ୱାର ସର୍କଲ୍ ଜେଲରୁ ଫେରାର ହେବାର ୧୩୪ ଦିନ ପରେ ପୁଣି ଗିରଫ ବିହାରୀ ଅପରାଧୀ ମଧୁକାନ୍ତ କୁମାର ରାଣାକୁ ଚୌଦ୍ୱାର ଥାନା ପୁଲିସ ରିମାଣ୍ଡରେ ନେବ। ୭ ଦିନ ରିମାଣ୍ଡରେ ନେବାକୁ କୋର୍ଟ ଅପିଲ କରାଯାଇଛି। ଜେଲରୁ ମଧୁକାନ୍ତ କିଭଳି ଫେରାର ହେଲା, ଏଥିରେ ତାକୁ କିଏ ସହଯୋଗ କରିଥିଲେ, ଫେରାର ପରେ ସେ କାହାକୁ ଯୋଗାଯୋଗ କରିଥିଲା ଏସବୁ ପ୍ରସଙ୍ଗରେ ପୁଲିସ ତନାଘନା କରିବ।

ଅନ୍ୟପଟେ ଜେଲ୍‌ର ସୁରକ୍ଷା ବ୍ୟବସ୍ଥା କିଭଳି ଅଛି ତାହା ଜାଣିବା ପାଇଁ ପ୍ରତି ସପ୍ତାହରେ ଚୌଦ୍ୱାର ଥାନା ଅଧିକାରୀ ଓ ଜୋନ୍ ଏସିପି ଜେଲ ଯିବାକୁ ନିଷ୍ପତ୍ତି ହୋଇଛି। ଗତ ୧୩ ତାରିଖ ସନ୍ଧ୍ୟାରେ ମଧୁକାନ୍ତ ରାଣାକୁ ବୃନ୍ଦାବନରୁ ଗିରଫ କରିବା ପରେ ଭୁବନେଶ୍ୱର ଅଣାଯାଇଥିଲା। ଏହାପରେ ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ ରଖି ପଚରାଉଚରା ମଧ କରାଯାଇଥିଲା। ଏହି ସମୟରେ ସେ ଜେଲରୁ ଫେରାର ହେବା ଓ ଲୁଚି ରହିବା ବିଷୟ କହିଛି। ମାତ୍ର ସମୟ ଅଭାବରୁ ବହୁ ବିଷୟରେ ପୁଲିସ ପଚରାଉଚରା କରିପାରିନି। ତେଣୁ ମଧୁକାନ୍ତଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଗାଳିବା ପାଇଁ ଚୌଦ୍ୱାର ପୁଲିସ ରିମାଣ୍ଡରେ ଆଣିବାକୁ ନିଷ୍ପତ୍ତି ନେଇଛି।

ଜେଲ୍ ଭିତରେ ମଧୁକାନ୍ତ ଓ ରାଜା କେମିତି ଖସିବା ପାଇଁ ପ୍ଲାନ କରିଥିଲେ, ସେଥିରେ କିଏ ସହଯୋଗ କରିଥିଲେ, ସେମାନଙ୍କୁ ହତିଆର କିଏ ଦେଇଥିଲା ସେସବୁ ମଧୁକାନ୍ତକୁ ପଚରାଉଚରା କରାଯିବ। ସେହିପରି ଜେଲରୁ ବାହାରିବା ପରେ ଗତ ୧୩୪ ଦିନ କେଉଁ ରାଜ୍ୟରେ ଥିଲେ, କିଏ ତାଙ୍କୁ ସାହାଯ୍ୟ କରୁଥିଲା, ଟଙ୍କା କେଉଁଠାରୁ ପାଇଥିଲେ ତାହା ମଧ ଜେରା କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସହଯୋଗୀ ରାଜା ସାହାଣି ଏବେ କେଉଁଠି ଅଛି, ଫେରାର୍ ହେବା ପରେ ରାଜାର କେଉଁ ଗ୍ୟାଙ୍ଗ ସଦସ୍ୟ ସହଯୋଗ କରିଥିଲେ, ଲୁଚି ବୁଲିବା ପାଇଁ ରାଜା କ’ଣସବୁ ପ୍ଲାନ୍ କରିଥିଲା, ଶେଷ ଥର ରାଜା ସହିତ କେବେ ଯୋଗାଯୋଗ ହୋଇଥିଲା, ରାଜା କାହାଠାରୁ ଏବେ ସହଯୋଗ ପାଉଛି, ସେସବୁ ତଥ୍ୟ ମଧୁକାନ୍ତଠାରୁ ଆଦାୟ କରିବ ତଦନ୍ତକାରୀ ଟିମ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ପାଇକାରୀ ମୁଦ୍ରାସ୍ଫୀତି ୧.୮୧%କୁ ବୃଦ୍ଧି




ନୂଆଦିଲ୍ଲୀ, ୧୬।୨: ଦେଶରେ ପାଇକାରୀ ମୁଦ୍ରାସ୍ଫୀତି କ୍ରମାଗତ ତୃତୀୟ ମାସ ପାଇଁ ବୃଦ୍ଧି ଘଟି ଜାନୁଆରିରେ ୧.୮୧ ପ୍ରତିଶତ ଛୁଇଁଛି। ମୁଖ୍ୟତଃ ଖାଦ୍ୟ, ଅଣଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀର ଦରବୃଦ୍ଧି କାରଣରୁ ଏପରି ହୋଇଛି ବୋଲି ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାଯାଇଛି। ଦେଶର ପାଇକାରୀ ମୁଦ୍ରାସ୍ଫୀତି ୨୦୨୫ ଡିସେମ୍ବରରେ ୦.୮୩ ପ୍ରତିଶତ ଏବଂ ନଭେମ୍ବରରେ ବିୟୁକ୍ତ ୦.୧୩ ପ୍ରତିଶତ ରହିଥିଲା। କିନ୍ତୁ ଗତବର୍ଷ ଜାନୁଆରିରେ ପାଇକାରୀ ମୁଦ୍ରାସ୍ଫୀତି ୨.୫୧ ପ୍ରତିଶତରେ ରହିଥିଲା। ଖାଦ୍ୟ ସାମଗ୍ରୀର ପାଇକାରୀ ମୁଦ୍ରାସ୍ଫୀତି ଚଳିତବର୍ଷ ଜାନୁଆରିରେ ୧.୫୫ ପ୍ରତିଶତକୁ ବୃଦ୍ଧି ଘଟିଛି, ଡିସେମ୍ବରରେ ଏହା ୦.୪୩ ପ୍ରତିଶତ ସଂକୁଚିତ ହୋଇଥିଲା। ସେହିଭଳି ଜାନୁଆରିରେ ପନିପରିବା ମୁଦ୍ରାସ୍ଫୀତି ୬.୭୮ ପ୍ରତିଶତକୁ ବୃଦ୍ଧି ପାଇଛି, ଡିସେମ୍ବରରେ ଏହା ୩.୫୦ ପ୍ରତିଶତ ରହିଥିଲା। ବିନିର୍ମାଣ ସାମଗ୍ରୀର ମୁଦ୍ରାସ୍ଫୀତି ଗତ ଡିସେମ୍ବରରେ ୧.୮୨ ପ୍ରତିଶତ ଥିବାବେଳେ ଜାନୁଆରିରେ ୨.୮୬ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ସପ୍ତାହରେ କେନ୍ଦ୍ର ସରକାର ନୂଆ ସିରିଜ୍‌ର ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ପ୍ରକାଶ କରିଥିଲେ। ସେଥିରେ ଜାନୁଆରି ମାସର ଖୁଚୁରା ମୁଦ୍ରାସ୍ଫୀତି ୨.୭୨ ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶରେ ଦରଦାମ ନିୟନ୍ତ୍ରଣରେ ଥିବାରୁ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅତୀତରେ ରେପୋ ହାରରେ ୧.୨୫ ପ୍ରତିଶତ ହ୍ରାସ ଘୋଷଣା କରିସାରିଛି। ତେବେ ନିକଟରେ ଘୋଷଣା ହୋଇଥିବା ମୁଦ୍ରା ନୀତି ସମୀକ୍ଷାରେ ରେପୋ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖାଯାଇଛି।




# ଭାରତ ଚାଟ୍‌ଜିପିଟିର ଦ୍ୱିତୀୟ ବଡ଼ ବଜାର

ନୂଆଦିଲ୍ଲୀ, ୧୬।୧: କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ଭାରତ ଏବେ ଦ୍ରୁତଗତିରେ ଗ୍ରହଣ କରୁଛି। ଆମେରିକାଭିତ୍ତିକ ଏଆଇ କମ୍ପାନି ଓପନଏଆଇ ପାଇଁ ଭାରତ ଏକ ବଡ଼ ବଜାରରେ ପରିଣତ ହୋଇଛି। ଓପନଏଆଇର ପ୍ରତିଷ୍ଠାତା ସାମ୍ ଅଲ୍ଟମ୍ୟାନ୍‌ଙ୍କ ସୂଚନା ଅନୁଯାୟୀ ତାଙ୍କ କମ୍ପାନିର ଚାଟ୍‌ବଟ୍ ଚାଟ୍‌ଜିପିଟି ପାଇଁ ଭାରତ ବର୍ତ୍ତମାନ ଆମେରିକା ପରେ ଦ୍ୱିତୀୟ ବୃହତ୍ ବଜାର। ଭାରତରେ ପ୍ରତି ସପ୍ତାହରେ ୧୦ କୋଟି ସକ୍ରିୟ ଚାଟ୍‌ଜିପିଟି ବ୍ୟବହାରକାରୀ ଅଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ଯୋଗଦେବାକୁ ଭାରତ ଆସିଥିବା ସାମ୍ ଅଲ୍ଟମ୍ୟାନ ଟାଇମ୍ସ ଅଫ୍ ଇଣ୍ଡିଆରେ ଏ ନେଇ ଏକ ନିବନ୍ଧ ଲେଖିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ବିଶ୍ୱରେ ଛାତ୍ରଛାତ୍ରୀମାନଙ୍କ ଚାଟ୍‌ଜିପିଟି ବ୍ୟବହାରକୁ ଦେଖିଲେ ଭାରତ ଶୀର୍ଷରେ ରହିଛି। ଏଥିସହିତ ନୂଆ ବୈଜ୍ଞାନିକ ଗବେଷଣା ଓ ସହବନ୍ଧନ ପାଇଁ ଉଦ୍ଦିଷ୍ଟ ଓପନଏଆଇର ନୂଆ ଟୁଲ୍ 'ପ୍ରିଜମ୍'ର ବ୍ୟବହାର ମଧ୍ୟ ଭାରତରେ ବଢ଼ିବାରେ ଲାଗିଛି। ଏ କ୍ଷେତ୍ରରେ ଭାରତ ଏବେ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ଆଗାମୀ ଦିନରେ ଓପନଏଆଇ ଭାରତ ସରକାରଙ୍କ ସହିତ ଅଧିକ ଆଲୋଚନା କରିବ। ଭାରତରେ ଅଧିକ ଲୋକଙ୍କ ପାଖରେ ଏଆଇ ପହଞ୍ଚାଇବା ନେଇ ନୂଆ ସହଭାଗିତା ସଂପର୍କରେ ଘୋଷଣା କରିବ। ଅନ୍ୟପକ୍ଷରେ ବେଙ୍ଗାଲୁରୁଭିତ୍ତିକ ଷ୍ଟାର୍ଟଅପ୍ ସଂସ୍ଥା ସର୍ବମ୍ ଏଆଇ ଓପନଏଆଇର ଚାଟ୍‌ଜିପିଟି ଏବଂ ଗୁଗଲ୍ ଜେମିନିର ଏକ ପ୍ରତିଯୋଗୀ ଭାବେ ଉଭା ହୋଇଛି। ୨୦୨୩ ମସିହାରେ ବିବେକ ରାଘବନ ଏବଂ ପ୍ରତ୍ୟୁଷ କୁମାରଙ୍କ ଦ୍ୱାରା ସ୍ଥାପିତ ଏହି କମ୍ପାନି ଏହାର ନୂଆ ଉଦ୍ଭାବନ ସର୍ବମ ଭିଜନ ଏବଂ ବୁଲବୁଲ୍ ଭି୩ ପାଇଁ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି।

## ଜମ୍ମୁ ଓ କାଶ୍ମୀରର କୃଷି ଓ ପାରମ୍ପରିକ ଉତ୍ପାଦନକୁ ପ୍ରୋତ୍ସାହନ

# ୭ ଉତ୍ପାଦକୁ ମିଳିଲା ଜିଆଇ ଟ୍ୟାଗ୍



ଶ୍ରୀନଗର ୧୬।୨: ଜମ୍ମୁ ଓ କାଶ୍ମୀରର କୃଷି ଓ ପାରମ୍ପରିକ ଉତ୍ପାଦନକୁ ପ୍ରୋତ୍ସାହନ ଦେଇ କେନ୍ଦ୍ର ଶାସିତ ପ୍ରଦେଶର ୭ ଉତ୍ପାଦଙ୍କୁ ଭୌଗଳିକ ସଂକେତ (ଜିଆଇ) ଟ୍ୟାଗ୍ ପ୍ରଦାନ କରାଯାଇଛି। ଏହା ଛଡା ଆହୁରି ୨୦ ଉତ୍ପାଦ ବର୍ତ୍ତମାନ ପଞ୍ଜିକରଣ ପ୍ରକ୍ରିୟାରେ ରହିଛି। ଅଧିକାରୀମାନେ ରବିବାର କହିଛନ୍ତି ଯେ ଜିଆଇ ଟ୍ୟାଗ୍ ମିଳିବାରୁ ଏହି ଉତ୍ପାଦଗୁଡ଼ିକୁ ଆଇନଗତ ସୁରକ୍ଷା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ସ୍ୱତନ୍ତ୍ର ପରିଚୟ ମିଳିବ।

ଜିଆଇ ମାନ୍ୟତା ପ୍ରାପ୍ତ କରିଥିବା ଉତ୍ପାଦଙ୍କ ମଧ୍ୟରେ ରାମବନ ମହୁ, ଭଦ୍ରବାହ ରାଜମା, ଉଦ୍ଧମପୁର-ରାମନଗରର କଲାଦୀ, ଜମ୍ମୁର ବାସୁମତୀ ଚାଉଳ, ରାମବନର ଡାଳିମ୍ବ ଦାନା, ମୁସକବୁଦଜୀ ଚାଉଳ ଓ କାଶ୍ମୀର କେସର ରହିଛି। ଅଧିକାରୀଙ୍କ ଅନୁସାରେ ଏହି ଉତ୍ପାଦ ଗୁଡିକର ସ୍ୱତନ୍ତ୍ର କ୍ୱାଲିଟି, ପାରମ୍ପରିକ ଉତ୍ପାଦନ ପଦ୍ଧତୀ ଓ ଭୌଗଳିକ ସ୍ୱତନ୍ତ୍ରତାକୁ ନଜରରେ ରଖି ଏହି ମାନ୍ୟତା ପ୍ରଦାନ କରାଯାଇଛି।

ଅଧିକାରୀମାନେ କହିଛନ୍ତି ଯେ ଜିଆଇ ଟ୍ୟାଗ୍ ଯୋଗୁ କ୍ଷେତ୍ରର ବିଶେଷ ଉତ୍ପାଦକୁ ନକଲ ଓ ଦୁରୁପଯୋଗ କରିବାର ଆଶଙ୍କାରୁ ରକ୍ଷା କରାଯାଇ ପାରିବ। ଏହା ସହିତ ଏହି ଦ୍ରବ୍ୟ ଗୁଡିକର ବ୍ରାଣ୍ଡିଂ ମଜଭୁତ ହେବା ସହ ରପ୍ତାନୀ କ୍ଷମତା ମଧ୍ୟ ବୃଦ୍ଧି ହେବ। ୭ ଉତ୍ପାଦ ବ୍ୟତୀତ ପାଖାପାଖି ଅନ୍ୟ ୨୦ଟି ଫସଲ ଓ ପାରମ୍ପରିକ ସାମଗ୍ରୀ ଭୌଗଳିକ ପଞ୍ଜିକରଣ ନିମନ୍ତେ ପ୍ରକ୍ରିୟାରେ ଅଛନ୍ତି। ଏହା ସ୍ଥାନୀୟ କିସମର ସଂରକ୍ଷଣ ଓ ଚାଷୀଙ୍କ ଆୟ ବଢାଇବା ଦିଗରେ କରାଯାଉଥିବା ପ୍ରୟାସକୁ ଦର୍ଶାଉଛି।

ଅଧିକାରୀମାନେ କହିଛନ୍ତି ଯେ ଜିଆଇ ଟ୍ୟାଗ୍ ପ୍ରାପ୍ତ କରିବା କୃଷି ଓ ସମ୍ପର୍କିତ କ୍ଷେତ୍ରରେ ବୌଦ୍ଧିକ ସମ୍ପଦର ଅଧିକାରକୁ ମଜଭୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ। ଏହା ଦ୍ୱାରା ମୂଲ୍ୟ ବର୍ଦ୍ଧନ, ବ୍ରାଣ୍ଡ ପରିଚୟ ଓ ବୈଶ୍ୱିକ ପ୍ରତିଯୋଗୀତାରେ ବୃଦ୍ଧି ହେବ। ଜିଆଇ ଟ୍ୟାଗ୍ ଏକ ବୌଦ୍ଧିକ ସମ୍ପଦ (ଆଇପିଆର) ଅଧିକାର, ଯାହା ବସ୍ତୁର ଭୌଗଳିକ ସଂକେତ ଅଧିନିୟମ ୧୯୯୯ ମାଧ୍ୟମରେ ପ୍ରଦାନ କରାଯାଏ। ଏହା ସେହି ଉତ୍ପାଦକୁ ଚିହ୍ନଟ କରିଥାଏ ଯାହା କୌଣସି ସ୍ୱତନ୍ତ୍ର ଅଞ୍ଚଳରେ ଅମଳ ହୁଏ ଓ ନିଜର କ୍ୱାଲିଟି, ପ୍ରତିଷ୍ଠା ଓ ସ୍ୱତନ୍ତ୍ର ଗୁଣ କାରଣରୁ ଅଲଗା ପରିଚୟ ହାସଲ କରିଥାଏ।

# ଏବର୍ଷ ୪ ନୂଆ ଏସ୍‌ୟୁଭି ଆଣିବ ଏମ୍‌ଜି ମୋଟର



ନୂଆଦିଲ୍ଲୀ, ୧୬।୨: ଜେଏସ୍‌ଡବ୍ଲୁ ଏମ୍‌ଜି ମୋଟର ଇଣ୍ଡିଆ ୨୦୨୬ ମସିହାରେ ୪ଟି ନୂଆ ଏସ୍‌ୟୁଭି (ସ୍ପୋର୍ଟସ ୟୁଟିଲିଟି ଭେଇକିଲ୍) ଆଣିବ। ସେଥିରେ ଗୋଟିଏ ପ୍ଲଗ୍-ଇନ୍ ହାଇବ୍ରିଡ୍ ଏସ୍‌ୟୁଭି ରହିବ। ୪ଟି ମଧ୍ୟରୁ ପ୍ରଥମେ କମ୍ପାନି ଏହାର ବହୁ ପ୍ରତୀକ୍ଷିତ ପ୍ରିମିୟମ ଏସ୍‌ୟୁଭି ମାଜେଷ୍ଟର୍ ଆଣିବ। ଆସନ୍ତା ଏପ୍ରିଲରୁ ମେ ମାସ ମଧ୍ୟରେ ଏହା ବଜାରକୁ ଆସିବା ଯୋଜନା ରହିଛି। ଏହି ଗାଡ଼ି ଟୟୋଟା ଫର୍ଚ୍ୟୁନର୍ ଭଳି ମଡେଲ ସହିତ ପ୍ରତିଯୋଗିତା କରିବ ବୋଲି ଅନୁମାନ କରାଯାଉଛି। ୪ଟି ନୂଆ ମଡେଲ ମଧ୍ୟରୁ ୩ଟି କମ୍ପାନିର ନିୟମିତ ଏମ୍‌ଜି ଚ୍ୟାନେଲ୍ ଜରିଆରେ ବିକ୍ରି ହେବ। ଅନ୍ୟଟି ପ୍ରିମିୟମ 'ଏମ୍‌ଜି ସିଲେକ୍ଟ' ଚ୍ୟାନେଲ ଜରିଆରେ ବିକ୍ରି କରାଯିବ।

କମ୍ପାନି ଆସନ୍ତା ୫ ବର୍ଷ ମଧ୍ୟରେ ଭାରତରେ ଏହାର ବାର୍ଷିକ କାର୍ ବିକ୍ରି ସଂଖ୍ୟାକୁ ପ୍ରାୟ ୩ ଲକ୍ଷ ୟୁନିଟ୍‌ରେ ପହଞ୍ଚାଇବା ଲକ୍ଷ୍ୟ ରଖିଛି। କାରଖାନା ସଂପ୍ରସାରଣ ବାବଦରେ ୪୦୦୦ରୁ ୫୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ହେବ ବୋଲି କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଅନୁରାଗ ମେହରୋତ୍ରା କହିଛନ୍ତି। କମ୍ପାନିର ହଲୋଲ୍‌ସ୍ଥିତ ପ୍ଲାଣ୍ଟରୁ ସଂପ୍ରତି ବାର୍ଷିକ ୧.୨ ଲକ୍ଷ ୟୁନିଟ୍ କାର ଉତ୍ପାଦନ ହେଉଛି। ଉତ୍ପାଦନ କ୍ଷମତା ୩ ଲକ୍ଷ ୟୁନିଟ୍‌କୁ ବୃଦ୍ଧି କରିବା ଲାଗି ସାଧାରଣତଃ ୧୮ ମାସ ସମୟ ଲାଗିପାରେ। ସଂପ୍ରସାରଣ ବାବଦରେ ଆବଶ୍ୟକ ପାଣ୍ଠି କମ୍ପାନି ଉଭୟ ଆଭ୍ୟନ୍ତରୀଣ ସୂତ୍ର ସମେତ ବାହ୍ୟ ସୂତ୍ରରୁ ସଂଗ୍ରହ କରିବ ବୋଲି ସେ କହିଛନ୍ତି। ଚଳିତବର୍ଷ ଦେଶରେ ପାସେଞ୍ଜର ଯାନ ବିକ୍ରି ଭଲ ରହିବ। ବିକ୍ରିରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହେବା ଆଶା କରାଯାଉଛି। ସେହିଭଳି ଇଭି ବିକ୍ରି ମଧ୍ୟ ଭଲ ରହିବ। ୨୦୨୫ରେ ମୋଟ ଗାଡ଼ିରେ ଇଭି ସଂଖ୍ୟା ୪.୫ ପ୍ରତିଶତ ରହିଥିବାବେଳେ ୨୦୨୬ରେ ଏହା ୭ରୁ ୮ ପ୍ରତିଶତରେ ପହଞ୍ଚିବା ଆଶା ରହିଥିବା ଶ୍ରୀ ମେହରୋତ୍ରା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜେଏସ୍‌ଡବ୍ଲୁ ଏମ୍‌ଜି ମୋଟର ଇଣ୍ଡିଆ ଚୀନର ଏସ୍‌ଏଆଇସି ଏବଂ ଭାରତର ଜେଏସ୍‌ଡବ୍ଲୁ ମଧ୍ୟରେ ଏକ ଯୌଥ ଉଦ୍ୟୋଗ।

# ଗୁଗଲ୍, ମାଇକ୍ରୋସଫ୍ଟ ସହ କାମ କରିବ ରିଲାଏନ୍ସ ଇଣ୍ଡଷ୍ଟ୍ରି

## ମୁକେଶ ଅମ୍ବାନୀଙ୍କ ବଡ଼ ଡିଲ୍



ନୂଆଦିଲ୍ଲୀ, ୧୬।୨: ଗୁଗଲ, ମାଇକ୍ରୋସଫ୍ଟ, ନୋକିଆ ଏବଂ ବିଶ୍ୱର ଅନ୍ୟ ପ୍ରମୁଖ ଟେକ୍ କମ୍ପାନିଙ୍କ ସହ ମିଶି କାମ କରିବ ରିଲାଏନ୍ସ ଇଣ୍ଡଷ୍ଟ୍ରି। କାରଣ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀର ଟ୍ରଷ୍ଟେଡ ଟେକ୍ ଆଲାଏନ୍ସ (ଟିଟିଏ) ସହ ଯୋଡ଼ି ହେଲେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓର ନେତୃତ୍ୱ ନେଉଥିବା ଭାରତର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ। ଏହାକୁ କମ୍ପାନି ପାଇଁ ଏକ ବଡ଼ ରଣନୈତିକ ସହଭାଗିତା ଭାବରେ ଦେଖାଯାଉଛି।

ସୂଚନାଥାଉକି, ଟିଟିଏରେ ୧୦ଟି ଦେଶର ୧୫ଟି କମ୍ପାନି ରହିଛନ୍ତି। ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ଲାଉଡ୍ ଭିତ୍ତିଭୂମି, ସେମିକଣ୍ଡକ୍ଟର, ସଫ୍ଟୱେୟାର ଏବଂ ଏଆଇ ଆଦି କ୍ଷେତ୍ରରେ ସମାନ ନୀତି ଆଧାରରେ ବିଶ୍ୱସ୍ତ ପ୍ରଯୁକ୍ତିବିଦ୍ୟା ଦିଗରେ କାମ କରିବା। ଏମିତିରେ ଏହି ସଂଗଠନ ସହ ଯୋଡ଼ି ହେବାର ଅର୍ଥ ଜିଓକୁ ଏବେ ପାରଦର୍ଶିତା, ସୁରକ୍ଷା ଏବଂ ଡାଟା ସଂରକ୍ଷଣ ବଜାୟ ରଖିବା ପାଇଁ ବିଶ୍ୱସ୍ତରୀୟ କମ୍ପାନିଙ୍କ ସହଯୋଗ ମିଳିବ। ଯାହାଦ୍ୱାରା ବିଶ୍ୱାସ ବଢ଼ିବ ଏବଂ ପ୍ରଯୁକ୍ତିର ଲାଭ ସାରା ବିଶ୍ୱର ଲୋକଙ୍କ ପାଖରେ ପହଞ୍ଚିପାରିବ। ଟ୍ରଷ୍ଟେଡ୍ ଟେକ୍ ଆଲାଏନ୍ସରେ ଆନ୍ଥ୍ରୋପିକ, ଏଡବ୍ଲ୍ୟୁଏସ, କାସାଭା ଟେକ୍ନୋଲୋଜିଜ୍, କୋହେର, ଏରିକ୍ସନ୍, ଗୁଗଲ୍ କ୍ଲାଉଡ୍, ହାନୱା, ଜିଓ ପ୍ଲାଟଫର୍ମ, ମାଇକ୍ରୋସଫ୍ଟ, ନୋକିଆ, ଏନସ୍କେଲ, ଏନଟିଟି, ରାପିଡସ୍, ସାବ୍ ଏବଂ ଏସଏପି। ଏହି ସଂଗଠନର ଉଦ୍ଦେଶ୍ୟ ଅନୁଯାୟୀ ଏହି କମ୍ପାନିମାନେ, ଟେକ୍ନୋଲୋଜିର ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳନା ସୁନିଶ୍ଚିତ କରିଥାନ୍ତି, ତାହା ଯେଉଁଠାରେ ବି ତିଆରି ହେଉଥାଉ କିମ୍ବା ନିର୍ମିତ ହେଉଥାଉ। ସୁରକ୍ଷିତ ଭାବରେ ପ୍ରଯୁକ୍ତିବିଦ୍ୟା ନିର୍ମାଣ କରିବା ଏବଂ ଏହାର ଜୀବନଚକ୍ରରେ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳନା କରିବା ଏବଂ ଯୋଗାଣକାରୀଙ୍କ ସହିତ ଚୁକ୍ତିଭିତ୍ତିକ ଭାବରେ ବାଧ୍ୟତାମୂଳକ ସୁରକ୍ଷା ଏବଂ ଗୁଣବତ୍ତା ନିଶ୍ଚିତତା ବ୍ୟବହାର କରିବା ଆବଶ୍ୟକ କରେ। ସେମାନେ ସେମାନଙ୍କର ଯୋଗାଣକାରୀଙ୍କୁ ଦୃଢ଼ ବିଶ୍ୱ ସୁରକ୍ଷା ମାନଦଣ୍ଡରେ ରଖିବେ ଏବଂ ଏକ ଖୋଲା, ସହଯୋଗପୂର୍ଣ୍ଣ ଏବଂ ନବସୃଜନକୁ ଉତ୍ସାହିତ କରୁଥିବା ଡିଜିଟାଲ୍ ପରିବେଶକୁ ସମର୍ଥନ କରିବେ। ଟିଟିଏ ଏକ ବିଶ୍ୱସ୍ତ, ଆନ୍ତଃପରିଚାଳିତ, ଏବଂ ମୁକ୍ତ ପ୍ରଯୁକ୍ତିବିଦ୍ୟା ଆଗକୁ ବଢ଼ାଇବା ଏବଂ ସାର୍ବଭୌମତ୍ୱ, ସ୍ଥିରତା ଏବଂ ପ୍ରତିଯୋଗିତାମୂଳକତାକୁ ସୁଦୃଢ଼ କରିବା ପାଇଁ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରୟାସକୁ ସମର୍ଥନ କରୁଥିବା ସହଭାଗୀ ପଦ୍ଧତିଗୁଡ଼ିକୁ ଆକାର ଦେବା ପାଇଁ ସମର୍ପିତ ବିଶ୍ୱବ୍ୟାପୀ ପ୍ରଦାନକାରୀଙ୍କ ସମ୍ପ୍ରଦାୟକୁ ବୃଦ୍ଧି କରିବା ଜାରି ରଖିବ।

# ସପ୍ତାହର ପ୍ରଥମ କାରବାର ଦିନରେ କମିଲା ସୁନା, ରୁପା

ନୂଆଦିଲ୍ଲୀ, ୧୬।୨: ଫେବ୍ରୁଆରୀ ୧୬ରେ ରୁପା ଦାମରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଇଣ୍ଡିଆନ ବୁଲିୟନ ଆଣ୍ଡ୍ ଜ୍ୱେଲର୍ସ ଆସୋସିଏନ (ଆଇବିଜେଏ) ଅନୁସାରେ, ୧ କେଜି ରୁପା ଦାମ୍ ୨,୯୪୯ ଟଙ୍କା ଖସି ୨,୩୯,୪୮୪ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ ଶୁକ୍ରବାର କେଜିଏ ରୁପା ଦାମ ୨,୪୨,୪୩୩ ଟଙ୍କା ରହିଥିଲା। ସେହିଭଳି ସୋମବାର ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନା ଦାମ୍ ୧,୩୧୫ ଟଙ୍କା ବଢ଼ି ୧,୫୪,୦୮୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ ଶୁକ୍ରବାର ଏହା ୧,୫୨,୭୬୫ ଟଙ୍କା ପ୍ରତି ୧୦ ଗ୍ରାମ ଥିଲା। ଭୁବନେଶ୍ୱରରେ ସୋମବାର ୧ କେଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୫, ୬୪୪ ଟଙ୍କା ରହିଥିବାବେଳେ, ୧ କେଜି ୨୨ କ୍ୟାରେଟ ସୁନା ମୂଲ୍ୟ ୧୪, ୩୪୦ ଟଙ୍କା ରହିଛି। ସେହିଭଳି ରୁପା କେଜି ମୂଲ୍ୟ ୨, ୬୫, ୦୦୦ ଟଙ୍କା ରହିଛି। ସରଫା ବଜାରରେ ଜାନୁଆରୀ ୨୯ରେ ସୁନା ୧, ୭୬, ୧୨୧ ଟଙ୍କା ଏବଂ ରୁପା ୩,୮୫,୯୩୩ ଟଙ୍କାର ଅଲଟାଇମ ହାଇ ଛୁଇଁଥିଲା। ସେବେଠାରୁ ଏପର୍ଯ୍ୟନ୍ତ ସୁନା ୨୨, ୦୪୧ ଏବଂ ରୁପା ୧,୪୬, ୪୪୯ ଟଙ୍କା ହୋଇଛି। ଅବଶ୍ୟ ଗତ ତିନି କାର୍ଯ୍ୟଦିବସରେ ସୁନା ୩,୨୪୨ ଟଙ୍କା ଏବଂ ରୁପା ୨୬, ୯୬୫ ଟଙ୍କା ଶସ୍ତା ହୋଇଛି। ସୁନା- ରୁପା ଦାମ୍‌ରେ ହୋଇପାରେ ହ୍ରାସ। ବିଶେଷଜ୍ଞ କହିବା ଅନୁସାରେ, ଚଳିତ ସପ୍ତାହରେ ସୁନା- ରୁପା ଦାମରେ ଆହୁରି ହ୍ରାସ ଦେଖିବାକୁ ମିଳିପାରେ।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

ସଂଚାର THE SANCHAR

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କୁଇଜ ପ୍ରତିଯୋଗିତା




**ବୋରିଗୁମ୍ମା/ଜୟପୁର,(ସଂଚାର ବ୍ୟୁର):** ଆଜି ସ୍ଥାନୀୟ ଜୟପୁର ପୌର ଉଚ୍ଚ ବିଦ୍ୟାଳୟ ଚନ୍ଦନ ବାଡ଼ ଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ରୂପରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଓମ୍ ପ୍ରକାଶ ମିଶ୍ର, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ କେ . ଗୋପାଳ, ସୋମନାଥ ଗାଦାବା, ତଥା ସ୍ଥାନୀୟ ପ୍ରଧାନ ଶିକ୍ଷୟତ୍ରୀ ଲିପିକା ପାତ୍ର, ସମ୍ମାନିତ ଅତିଥି ରୂପରେ ଯୋଗ ଦେଇ ଥିଲେ। ସମସ୍ତ ସାଧନ ସଂଯୋଜକ, ତଥା ଶିକ୍ଷକ / ଶିକ୍ଷୟତ୍ରୀ, ତଥା କାର୍ଯ୍ୟାଳୟ କର୍ମଚାରୀ ମାନଙ୍କ ସହଯୋଗ ରେ କାର୍ଯ୍ୟକ୍ରମ ଟି ସଫଳ ହୋଇ ଥିଲା। ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ। ସମସ୍ତ ଙ୍କୁ ପ୍ରତିଭାଗି ପ୍ରମାଣପତ୍ର, ତଥା କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଭଳି କାର୍ଯ୍ୟକ୍ରମ ଦ୍ୱାରା ସମସ୍ତେ ସମସାମୟିକ ସାଧାରଣ ଜ୍ଞାନ ପ୍ରତି ଦୃଷ୍ଟି ଆକର୍ଷଣ ହେବ ବୋଲି କାର୍ଯ୍ୟକ୍ରମ ର ସଭାପତି ଶ୍ରୀ ଚନ୍ଦନ କୁମାର ନାୟକ କହିଛନ୍ତି।

## ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରର ସୁଯୋଗ ନେବାକୁ ହିତାଧିକାରୀଙ୍କୁ ଜିଲ୍ଲା ପ୍ରଶାସନର ପରାମର୍ଶ

**ବାରିପଦା,୧୬।୨(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଦ୍ୱାରା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ ହେବାକୁ ଯାଉଛି। ଏଥିରେ ଫେବୃଆରୀ ୧୮ ତାରିଖରେ ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ, କୁସୁମୀ ବ୍ଲକରେ ନିମନ୍ତେ ଫେବୃଆରୀ ୨୪ ତାରିଖ ବାଦାମପାହାଡ ୟୁ.ଜି.ଏମ.ଇ. ବିଦ୍ୟାଳୟ ପରିସରରେ ଓ ଫେବୃଆରୀ ୨୬ ତାରିଖ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ। ତେଣୁ ହିତାଧିକାରୀ ମାନେ ଉକ୍ତ ଶିବିରର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି। ପ୍ରକାଶ ଥାଉକି, ଭୀମ ଭୋଇ ସାମର୍ଥ୍ୟ ଶିବିର ହେଉଛି ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଶକ୍ତିକରଣ ଶିବିର ବା କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ଭିନ୍ନକ୍ଷମ ଥିବା ବ୍ୟକ୍ତିମାନଙ୍କୁ ସେବା ପ୍ରଦାନ କରିବା। ଏହି ଶିବିର ଗୁଡ଼ିକରେ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମ ମାନଙ୍କ ମୂଲ୍ୟାଙ୍କନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବସ୍ ପାସ୍ ଭଳି ସୁବିଧା ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥାଏ। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ଦସ୍ତାବିଜ (ଡକ୍ୟୁମେଣ୍ଟ) ଏବଂ ସୂଚନା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା।

## ଓଡ଼ିଆ ଭାଷା ସାହିତ୍ୟର ଜାତୀୟ ଆଲୋଚନା ଚକ୍ର




**ଦିଗପହଣ୍ଡି,୧୬।୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ଗ୍ରାମସ୍ଥିତ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ସୋମବାର ଏକ ଦିବସୀୟ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ଼. ସନ୍ତୋଷ କୁମାର ପାଢ଼ୀଙ୍କ ପୌରାହିତ୍ୟରେ ଆୟୋଜିତ ଉଦଘାଟନୀ ଅଧିବେଶନରେ 'ସମକାଳୀନ ଓଡ଼ିଆ ସାହିତ୍ୟରେ ଜୀବନଚିତ୍ର' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼. ସୁରେନ୍ଦ୍ରନାଥ ପାଣିଗ୍ରାହୀ, ମୁଖ୍ୟ ଆଲୋଚକ ଭାବେ ଆନ୍ଧ୍ରପ୍ରଦେଶ ସୀତମପେଟା ସରକାରୀ ସ୍ନାତକ କଲେଜ ଅଧକ୍ଷ ଡ଼. ସୁଶାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଡ଼. ହରିକୃଷ୍ଣ ନାୟକ, ଅଧାପକ ତଥା ନାଟ୍ୟକାର ଗୋପାଳ ମହାରଣା, ଆଇନଜୀବୀ ତଥା ସାହିତ୍ୟିକ କୁରେଶୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ସିଲୁ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧାପକ ସୀମାଞ୍ଚଳ ପ୍ରଧାନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଡ଼. ସୁରେନ୍ଦ୍ରନାଥ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

**ଜୟପୁର,୧୬।୨(ସଂଚାର ବ୍ୟୁରୋ):** କୋରାପୁଟ ସ୍ଥିତ ସଦଭାବନା ସଭାଗୃହ ପରିସରରେ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗୋଷ୍ଠୀଗତ ଭାବେ ୪ଟି ଏବଂ ବ୍ୟକ୍ତିଗତ ଭାବେ ୨୮ଟି ମୋଟ ୩୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ତଥା ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ୬ଟି ଅଭିଯୋଗର ତୁରନ୍ତ ସମାଧାନ କରିବା ସହ ଅନ୍ୟ ଅଭିଯୋଗ ଗୁଡିକୁ ଯଥା ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ ଓ ଜନଶୁଣାଣି ଶିବିରର ଶେଷରେ ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୋଟ୍ ୧ କୋଟି ୭୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

## ଶିଖର ସେତୁ ବର୍ଷେ ପୂରିନି, ପୁଣି ରଙ୍ଗ ହେବ



**ନାଉଗାଁ,୧୬।୨(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ରାଜ୍ୟ ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳେ କିଛି ଦୃଶ୍ୟ ସାଧାରଣରେ ଚର୍ଚ୍ଚା ପାଲଟିବାରେ ଲାଗିଛି। ପୂର୍ତ୍ତ ବିଭାଗ ଅଧିନରେ ଥିବା ଅନେକ କାମ ଅନେକ ସ୍ଥାନରେ ନିମ୍ନ ମାନର କରାଯାଇ ଅର୍ଥ ହରିଲୁଟ୍ ହେବାର ଘଟଣା ଦେଖିବାକୁ ମିଳୁଥିବା ବେଳେ ସମାନ ଭାବରେ ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତର ଶିଖର ଘାଟ ସେତୁର ରଙ୍ଗ କାର୍ଯ୍ୟକୁ ନେଇ ସାଧାରଣରେ ଅନେକ କଥା ଶୁଣିବାକୁ ମିଳୁଛି। ସୂଚନା ମୁତାବକ ଉକ୍ତ ସେତୁ ୨୦୨୫ ମସିହା ଫେବୃୟାରି ମାସ ୪ ଲକ୍ଷ ଟଙ୍କା ବିନିମୟରେ ରଙ୍ଗ କରାଯାଇଥଲା। ନଭେମ୍ବର ମାସରେ ଏହାର ବିଲ୍ କରାଯାଇଥିଲା। ସରକାରୀ ନିୟମାନୁଯାୟୀ ଥରେ ରଙ୍ଗ କରାଯାଇ ଆଉଥରେ ରଙ୍ଗ କରାଯିବା ପାଇଁ ୩ ବର୍ଷ ସମୟ ରଖାଯାଇଥିବା ବେଳେ ୧ ବର୍ଷ ନପୁରୁଣୁ ପୁଣି ଥରେ ରଙ୍ଗ ହେବାର କଥା ସୁଣିବାକୁ ମିଳିଛି। ଏପଟେ ରଙ୍ଗ କାମ ନିମ୍ନ ମାନର କରି ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀ ମିଳିମିଶି ଅର୍ଥ ହରିଲୁଟ୍ କରିବାର ଯୋଜନା କରିଥିବା କଥା ସାଧାରଣରେ ବେଶ୍ ଚର୍ଚ୍ଚା ଧରିଛି। ପୂର୍ତ୍ତ ବିଭାଗର ପ୍ରତେକ କାର୍ଯ୍ୟକୁ ନୂତନ ଭାବେ ଜଗତସଂହପୁର ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ନାମ ରେ ଅନେକ ଅଭିଯୋଗ ଶୁଣିବାକୁ ମିଳୁଛି।

## କ୍ରିମି ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ଗଞ୍ଜାମ,୧୬।୧(ସଂଚାର ବ୍ୟୁରୋ):** ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଚିର ନିରୋଗ ପାଇଁ କ୍ରିମି ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ପିଲାମାନେ ବାହାରେ ଝାଡ଼ା ଫେରିଲେ, ତଳୁ ଗୋଟାଇ ଖାଇଲେ, ନଖ, ହାତ ସଫା ନକରି ଖାଇଲେ, ଅଧିକ ମିଠା ଆମିଷ ଖାଇଲେ କ୍ରିମି ରୋଗ ହୁଏ। ଏହିସବୁ କାରଣକୁ ଛାଡି ହଳଦୀ, ନିମ୍ବ, ଜୁଆଣି ଓ ସପୁରୀପତ୍ର ରସ ଯେକୌଣସି ଗୋଟିଏ ଦ୍ରବ୍ୟ କିଛିଦିନ ଖାଇଲେ ଭଲ ହୋଇଯାଏ। କ୍ରିମି ଯୋଗୁଁ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଉଦରଶୂଳ ରକ୍ତହୀନତା, ଶ୍ୱେତପ୍ରଦର, ହୃଦ୍ ରୋଗ ମଧ ହୋଇପାରେ। ସମସ୍ତେ ପ୍ରତି ସପ୍ତାହରେ ଥରେ ଦୁଇଥର ନିମ୍ବ କିମ୍ବା ହଳଦୀ ଖାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ।

# ଲାଭ, ଲୋଭ, ଆଶା ଦେଖାଇ ଶ୍ରମିକ ଚାଲାଣ

## କର୍ଣ୍ଣାଟକରୁ ୯ ଶିଶୁ ସମେତ ୩୪ ଶ୍ରମିକ ଉଦ୍ଧାର



**କଳାହାଣ୍ଡି,୧୬।୨(ସଂଚାର ବ୍ୟୁରୋ):** ଶ୍ରମ ବାହିନୀର ଅଭିଯୋଗ ଓ ହସ୍ତକ୍ଷେପ ପରେ କର୍ଣାଟକର ବାଗାଲକୋଟ ଜିଲ୍ଲାର ଇଲକାଲ ତହସିଲ ଅନ୍ତର୍ଗତ ସଂକଲାପୁର ଗ୍ରାମ ନିକଟରେ ଥିବା ଏକ ଇଟାଭାଟିରୁ ୩୪ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି ପ୍ରଶାସନ। ସେମାନଙ୍କ ମଧ୍ୟରୁ ୯ ଜଣ ଶିଶୁ ଶ୍ରମିକ ରହିଥିବା ଜଣାପଡ଼ିଛି। ସମସ୍ତେ ସୁରକ୍ଷିତ ଭାବେ ଓଡ଼ିଶାର ନିଜସ୍ୱ ଜନ୍ମସ୍ଥାନକୁ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚାଯାଇଛି। ସୂଚନାନୁଯାୟୀ, କର୍ଣାଟକକୁ ଦାଦନ ଖଟିବାକୁ ଯାଇ କିଛି ଶ୍ରମିକ ଫସି ରହିଥିବା ନେଇ ଶ୍ରମ ବାହିନୀ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ତହସିଲଦାର ଅମରେଶ ପମ୍ମାରଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରମ ବିଭାଗର ସହଯୋଗରେ କର୍ଣାଟକର ବାଗାଲକୋଟ ଜିଲ୍ଲାର ଇଲକାଲ ତହସିଲ ଅନ୍ତର୍ଗତ ସଂକଲାପୁର ଗ୍ରାମ ନିକଟରେ ଥିବା ଏକ ଇଟାଭାଟିରେ ଛାପାମାରି ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଚଢ଼ଉ ସମୟରେ ନଅ ଜଣ ଡ୍ରପଆଉଟ୍ ଶିଶୁ ମଧ ଶ୍ରମ କରୁଥିବା ଅବସ୍ଥାରେ ମିଳିଥିଲେ। ସୂଚନାରୁ ପ୍ରକାଶ ଯେ, ମଧ୍ୟସ୍ଥିମାନେ ଚାକିରିର ପ୍ରଲୋଭନ ପ୍ରତିଶ୍ରୁତି ଦେଇ ଏହି ଶ୍ରମିକମାନଙ୍କୁ ପ୍ରାୟ ତିନି ମାସ ପୂର୍ବରୁ ସେଠାକୁ ନେଇଯାଇଥିଲେ। ଶ୍ରମିକମାନେ କମ୍ ଦରମା ଓ ଅପବ୍ୟବହାରର ଅଭିଯୋଗ କରିଛନ୍ତି। ଇଟାଭାଟି ମାଲିକମାନଙ୍କ ବିରୋଧରେ ସମ୍ବନ୍ଧିତ ଶ୍ରମ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିବା ବେଳେ ମାନବ ଚାଲାଣ ସମ୍ଭାବନାକୁ ନଜରରେ ରଖି ତଦନ୍ତ ଚାଲିଥିବା ସୂଚନା ମିଳିଛି। ପୁନର୍ବାସନ ପ୍ରକ୍ରିୟା ସମୟରେ ଶ୍ରମ ବାହିନୀର ଅଧକ୍ଷ ଝାସକେତନ ବାଗ ଟିଟିଲାଗଡ଼ ରେଳଷ୍ଟେସନରେ ଉପସ୍ଥିତ ରହି କଳାହାଣ୍ଡି ଶ୍ରମ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ହେଉଥିବା ପୃଷ୍ଠାଚାର, ଦଳିଲପତ୍ର ପ୍ରସ୍ତୁତି ଓ ପୁନର୍ବାସନ କାର୍ଯ୍ୟରେ ଶ୍ରମିକମାନଙ୍କୁ ସହଯୋଗ କରିଥିଲେ। ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କ ମଧ୍ୟରୁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ୧୬, ବଲାଙ୍ଗୀର ଜିଲ୍ଲାର ସିନ୍ଦେକେଲାର ୭, ନୂଆପଡ଼ା ଜିଲ୍ଲାର ବୋଡେନ ଅଞ୍ଚଳର ୧୧ ଜଣ ରହିଥିବା ଜଣାପଡ଼ିଛି।

## ଉମାଦେଇ ବ୍ରହ୍ମପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

**ବାଲିଅନ୍ତା,୧୬।୨(ସଂଚାର ବ୍ୟୁରୋ):** ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅଭିଯୋଗ ଶୁଣାଣି ଜନିତ " ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ସକାଳ ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣିରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରମଳତା ନାୟକ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୧୫ ଗୋଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୮ ଗୋଟି, ପାନୀୟ ଜଳ ବିଭାଗ ସମ୍ବନ୍ଧୀୟ ୪ ଗୋଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୩ ଗୋଟି ଅଭିଯୋଗ ହସ୍ତଗତ ହୋଇଅଛି।

### ଉତ୍ତମ ରୋଗୀ ସେବା, ଉତ୍କର୍ଷ ଚିକିତ୍ସା ଯୋଗାଇ ଦେବା ପାଇଁ ସୋଆ ବଦ୍ଧପରିକର: ସୋଆ ଉପସଭାପତି

## ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ କ୍ୟାମ୍ପସ୍-୩ର ବାର୍ଷିକ ଉତ୍ସବ



**ବ୍ରହ୍ମପୁର,୧୬।୨(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଥିବା ବେଳେ ଏହା ଉତମ ଓ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନେଇ ସମସ୍ତ ପ୍ରୟାସ ଜାରି ରଖିଛି ବୋଲି କହିଛନ୍ତି ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ଶନିବାର ଶିତଳାପଲ୍ଲୀସ୍ଥିତ ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ କ୍ୟାମ୍ପସ-୩ର ଦ୍ୱିତୀୟ ବାର୍ଷିକ ଉତ୍ସବ "ଲୁମିନା ୨୦୨୬"ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଛନ୍ତି ଯେ ଏହି ହସ୍ପିଟାଲ୍ ଖୁବ୍ କମ୍ ସମୟ ମଧ୍ୟରେ ଲୋକମାନଙ୍କୁ ଉତମ ଚିକିତ୍ସା ଓ ଉତ୍କର୍ଷ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ନିଜକୁ ପ୍ରତିପାଦିତ କରିପାରିଛି। ହସ୍ପିଟାଲ୍ର ଏନ୍ଏବିଏଚ୍ ସ୍ୱୀକୃତି ହାସଲ ଏହାର ପ୍ରମାଣ। ଶ୍ରୀମତି ଦାସ କହିଥିଲେ ଯେ ଶିତଳାପଲ୍ଲୀ ସମ ହସ୍ପିଟାଲ ଦକ୍ଷିଣ ଓଡ଼ିଶାବାସୀଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ବେଶ ସଫଳ ହୋଇଛି। ସମସ୍ତ ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ଉତ୍ସର୍ଗୀକୃତ ସେବା ଏବଂ କଠିନ ପରିଶ୍ରମ ଆଜି ହସ୍ପିଟାଲ୍କୁ ଏହି ସ୍ଥାନରେ ପହଞ୍ଚାଇପାରିଛି ବୋଲି ସେ କହିଥିଲେ। ଏହି ମଲ୍ଟି ସୁପରସ୍ପେଶିଆଲିଟି ହସ୍ପିଟାଲ ୨୦୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଆଗାମୀ ଦିନରେ ଆଉ ୫୦୦ ଶଯ୍ୟା ବୃଦ୍ଧି ହେବାର ଯୋଜନା ରହିଛି ଯାହାକି ଦକ୍ଷିଣ ଓଡ଼ିଶାର ରୋଗୀମାନଙ୍କ ନିମନ୍ତେ ଅତ୍ୟନ୍ତ ସହାୟକ ହେବ ବୋଲି ଶ୍ରୀମତି ଦାସ କହିଥିଲେ। ଏହି ଅବସରରେ ଶ୍ରୀମତି ଦାସ ହୃଦରୋଗ ଚିକିତ୍ସା ନିମନ୍ତେ ଅତ୍ୟାଧୁନିକ କ୍ୟାଥଲ୍ୟାବ୍ ଓ ସିଟିଭିଏସ୍ ଓଟି ଉଦ୍ଘାଟନ କରିଥିଲେ। ଏଭଳି ସେବା ଦ୍ୱାରା ବିଶ୍ୱସ୍ତରୀୟ ହୃଦରୋଗ ଚିକିତ୍ସା ଯୋଗାଇ ଦେବା ଆମର ସଂକଳ୍ପ ବୋଲି ସେ କହିଥିଲେ। ଏହି ଅବସରରେ ହସ୍ପିଟାଲର ସମସ୍ତ କର୍ମକର୍ତା, ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ।

## ଅମୃତ ବିହାରରେ ଅମୃତ ମହୋତ୍ସବ ପାଳିତ



**ନୀଳଗିରି,୧୬।୨(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକଧୋବାଶିଳା ଗ୍ରାମ ପଞ୍ଚାୟତ ସାରୁପାଳସ୍ଥିତ ଅମୃତ ବିହାରପରିସରରେ, ଅଖିଳଭାରତ ଅମୃତବାଣୀସେବାପ୍ରତିଷ୍ଠାନପକ୍ଷରୁ, ଚତୁର୍ଦ୍ଦିବସୀୟ ଅମୃତ ମୋହତ୍ସବ ପାଳିତ ହୋଇଯାଇଛି। ଉକ୍ତ ମୋହତ୍ସବ ପାଳନ ଅବସରରେ ଅମୃତେ ଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ନିଃଶୁଳ୍କ ବ୍ରତୋତାନୟନ ବିଶ୍ୱ ଶାନ୍ତି ଯଜ୍ଞ ଏବଂ ଶିବରାତ୍ରୀ ଜାଗର ବହୁ ଆଡମ୍ବରରେପାଳିତହୋଇଯାଇଛି। ଉକ୍ତ ଉତ୍ସବ ଉଦଘାଟନଅବସରରେ ପରମହଂସ ଶ୍ରୀମଦ ସ୍ୱାମୀ ବ୍ରହ୍ମକ୍ଷନନ୍ଦ ସ୍ୱରସତି (ଭୁବନେଶ୍ୱର ନିଗମ ନୀଳ୍କତରୁ ଆଶ୍ରମ ର ପ୍ରତିଷ୍ଠାତା) ଅଧକ୍ଷ, ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗି, ମୁଖ୍ୟବକ୍ତା ଭାବେ ଡାକ୍ତରଗୌତମମହାରଣା, ସାରସ୍ୱତ ବକ୍ତା ଭାବରେ ବିନୋଦ ବିହାରୀ ପଣ୍ଡା, ହରେକୃଷ୍ଣ ଗିରି, ଅଶୋକ କୁମାର ରଣା, ନରେନ୍ଦ୍ର ବାରିକ, ଜୟପ୍ରକାଶ ଶାସ୍ତ୍ରୀ, ରବିନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ସଂସ୍କୃତ ଭାଷା, ତାଳପତ୍ର ପୋଥି, ଏବଂ ସନାତନ ଧର୍ମର ସୁରକ୍ଷା ନିମନ୍ତେ ସମସ୍ତେ ଏକ ଓ ବଦ୍ଧପରିକର ହେବାକୁମାର୍ଗଦର୍ଶନକରିଥିଲେ। ପଣ୍ଡିତ ଗୋପାଳ ଚନ୍ଦ୍ର ବେଦ ଜ୍ୟୋତିର୍ବିଜ୍ଞାନ ବିଦ୍ୟାପୀଠରେ ସଭାପତି ସୁରୁମା ମିଶ୍ର, ସଭାପତିତ୍ୱ କରିଥିବା ବେଳେ ଅମୃତବାଣୀ ସେବା ପ୍ରତିଷ୍ଠାନ ର ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି, ଡ଼ କୁମାର ଚନ୍ଦ୍ର ମିଶ୍ର, ସଭା ସଂଚାଳନ ବେଦ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ତପନ କୁମାର ପଣ୍ଡା, ସ୍ୱାଗତ ଭାଷଣ ଏବଂ ଅମୃତ ବାଣୀ ଗୁରୁକୁଳ ର ପ୍ରଧାନ ଆଚାର୍ଯ୍ୟ ମନରାଣୀ ପାଲିତ ଧନ୍ୟବାଦ ଦେଇଥିଲେ। ଏବଂ ପ୍ରତିଷ୍ଠା କାର୍ଯ୍ୟରେ ସନ୍ଧ୍ୟାରାଣୀ ମିଶ୍ର, ଲମ୍ବୋଧର ମିଶ୍ର, ଯୋଗଦେବ ପଣ୍ଡା, ସତ୍ୟନାରାୟଣଷଡ଼ଙ୍ଗି, ସମସ୍ତ ଗୁରୁଜୀ ଗୁରୁମା ଏବଂ କର୍ମଚାରୀ ସହଯୋଗ କରିଥିଲେ, ପୂର୍ଣ୍ଣାହୁତୀ ରେ ସାଂସଦ ଶ୍ରୀ ଷଡ଼ଙ୍ଗି, ଶ୍ରୀ ଅମୃତଶ୍ୱର ମନ୍ଦିର ଉଜ୍ଜଳ ଆଲୋକ ବ୍ୟବସ୍ଥା ଏବଂ ପଣ୍ଡିତ ଗୋପାଳ ଚନ୍ଦ୍ର ମିଶ୍ର ଙ୍କ ପୂର୍ଣ୍ଣାବୟାବ ମୂର୍ତ୍ତି କୁ ଲୋକାର୍ପିତ କରିଥିଲେ, ସାଂସଦ ପ୍ରତିନିଧି ଚନ୍ଦ୍ର ବିନ୍ଦୁ ଦାସ ଯଂଙ୍କରେ ସଂକଳ୍ପ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର



**ବୈଶିଙ୍ଗା,୧୬।୨(ସଂଚାର ବ୍ୟୁରୋ):** ମହା ଶିବରାତ୍ରିର ଆନନ୍ଦ ମହାକାଳ ସାଜିଲା। ରବିବାର ମହା ଶିବରାତ୍ରି ପାଇଁ ମାଣତ୍ରୀ ସ୍ଥିତ ବାବା କଖାରୁଆ ବୈଦ୍ୟନାଥ ଙ୍କ ପୀଠ ଚଳ ଚଞ୍ଚଳ ରହିଥିଲା।ଜାଗର ଯାତ୍ରାରେ ଦୀପ ଜାଳିବା ପାଇଁ ଜିଲ୍ଲା ବାହାରୁ ମଧ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। କିନ୍ତୁ ଏହି ଜାଗର ଯାତ୍ରା ଯେ କାଳ ସାଜିବ ସେ କଥା କିଏ ବା ଜାଣିଥିଲା।ଆଜି ସକାଳେ ମାଣତ୍ରୀ ରୁ ଫେରିବା ସମୟରେ ବୈଜଙ୍ଗୀ ନିକଟସ୍ଥ କେନ୍ଦୁଆ ଏକ୍ସିସ ବ୍ୟାଙ୍କ ନିକଟରେ ଦୁର୍ଘଟଣା ଘଟିବା ଯୋଗୁଁ ଗୁରୁତର ଭାବେ ବୈଶିଙ୍ଗା ଡାକ୍ତରଖାନା ରେ ଚିକିତ୍ସିତ ହେଉଥିଲେ। ଘଟଣାରୁ ପ୍ରକାଶ ରଘୁପୁର ପଞ୍ଚାୟତର ରଘୁ ପୁର ଗ୍ରାମ ର ସାନା ସିଂ ର ପୁତ୍ର ଗୌରମୋହନ ସିଂ (୩୧) ଏବଂ ନୂଆସାହି ଗ୍ରାମର ମକରା ସିଂ ର ପୁଅ ଶିବ ସିଂ (୩୦) ନିଜର ଅପାଚି ବାଇକ୍ ନଂ ଓଡି ୧୧ ଜେଡ୍ ୬୩୨୩ ରେ ଘରକୁ ଫେରୁଥିବା ବେଳେ ବୈଶିଙ୍ଗା ନିକଟରେ ମାଣତ୍ରୀ ଯାଉଥିବା ଶ୍ରୀକଣ୍ଠପୁର ଗ୍ରାମର ୰ରମେଶ ଚନ୍ଦ୍ର ବେହେରା ଙ୍କ ପୁତ୍ର ବିଜୟ କୁମାର ବେହେରା ନିଜ ବାଇକ ଓ ଆର ୦୧ ଏଲ ୭୨୫୬ ନମ୍ବର ବିଶିଷ୍ଟ ହିରୋ ପେସନ୍ ସହିତ ଧକ୍କା ହୋଇଥିଲା। ବିଜୟ ବେହେରା ଆସୁ ଥିବା ବାଇକ କୁ ଦେଖି ଭୟରେ ବାଇକ ଛାଡି ତଳକୁ ଛିଟିକି ପଡ଼ିଥିଲେ। ମାତ୍ର ନିଶାସକ୍ତ ବାଇକ ଆରୋହୀ ଦୁଇଜଣ ପେସନ ଗାଡିକୁ ଧକ୍କା ଦେଇ ରାସ୍ତାରେ କଚାଡି ହୋଇ ପଡ଼ିଥିଲେ। ସଙ୍ଗେ ସଙ୍ଗେ ବୈଶିଙ୍ଗା ହସ୍ପିଟାଲକୁ ଆଣି ଚିକିତ୍ସା କରିବା ପରେ ଗୁରୁତର ଭାରେ ବାଲେଶ୍ୱର ପଠାଇ ଦେଇଥିଲେ। ମାତ୍ର ବାଲେଶ୍ୱର ପହଞ୍ଚିବା ପରେ ଗୌରମୋହନର ମୃତ୍ୟୁ ହୋଇଥିବାର ଜଣାଯାଇଛି। ବୈଶିଙ୍ଗା ପୁଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି।

## 'ଦେଶ ପାଇଁ ମଧ୍ୟସ୍ଥତା ୨.୦' ପ୍ରସ୍ତୁତି ବୈଠକ

**ନୂଆପଡ଼ା,୧୬।୧(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ନ୍ୟାୟାଳୟ ପରିସର ମଧ୍ୟରେ ଥିବା ଜିଲ୍ଲା ଓକିଲ ସଂଘ ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହେବାକୁ ଯାଉଥିବା 'ଦେଶ ପାଇଁ ମଧ୍ୟସ୍ଥତା ୨.୦' କାର୍ଯ୍ୟକ୍ରମକୁ ସଫଳ ରୂପେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଆଜି ଏକ ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଜିଲ୍ଲା କୋର୍ଟର ନିବନ୍ଧକ ସୌଭାଗ୍ୟ ରଞ୍ଜନ ପ୍ରଧାନ, ଜିଲ୍ଲା ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକର, ଉପ-ସଭାପତି ପ୍ରକାଶ ସ୍ୱାଇଁ, ସଚିବ ପ୍ୟାରିଲାଲ ଦେୱାଙ୍ଗନ୍, ବରିଷ୍ଠ ଆଇନଜୀବିଗଣ ପ୍ରମୁଖ ଉପସ୍ଥିତ ହୋଇ ମଧ୍ୟସ୍ଥତା ମାଧ୍ୟମରେ କିପରି ଅଧିକରୁ ଅଧିକ ମାମଲାର ସମାଧାନ ହୋଇ ପାରିବ ତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ ପ୍ୟାନେଲ ଓକିଲ, ଅଧିକାର ମିତ୍ରଗଣ ଏବଂ ଗଣମାଧ୍ୟମ ପ୍ରତିନିଧିମାନଂକୁ ମଧ୍ୟସ୍ଥତା କାର୍ଯ୍ୟକ୍ରମର ବୃହତ୍ ପ୍ରଚାର କରିବା ପାଇଁ ଅନୁରୋଧ କରିଥିଲେ।

## ଦଳିତ ପରିବାରକୁ ସହାୟତା ପାଇଁ ଦଳିତ ବିକାଶ ପରିଷଦର ଦାବି



**ବାଲିକୁଦା,୧୬।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ସଂଗ୍ରାମପୁର ପଞ୍ଚାୟତ ରେ ଛେଳି ବାଡିରୁ ଗଛ ଖାଇବାକୁ କେନ୍ଦ୍ର କରି ଦଳିତ ପରିବାରର ମୁରବୀ କୁ ନିର୍ମମ ଭାବେ ବାଡେଇ ବାଡେଇ ଜୀବନରୁ ମାରିଦେବା ଘଟଣା ଉକ୍ତ ଅଞ୍ଚଳ ରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦଳିତ ପରିବାର ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ମୁରବୀ ଶୂନ୍ୟ ହେବାରୁ ଖାଇବା ପିଇବା ଏବଂ ଶୁଦ୍ଧିକ୍ରିୟା କରିବାରୁ ବଞ୍ଚିତ ହେଉଛନ୍ତି। ଜଗତସିଂହପୁର ଜିଲ୍ଲା ପ୍ରଶାସନ ଦଳିତ ବର୍ଗର ପରିବାର କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଜିଲ୍ଲା ଦଳିତ ବିକାଶ ପରିଷଦ ସଭାପତି ଶଙ୍କର ଦାସ ଜିଲ୍ଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠ ରେ ଦାବିପତ୍ର ପ୍ରଦାନ କରିଛନ୍ତି। ଖବର ନେବାରେ ଜଣାପଡ଼ିଛି ସଂଗ୍ରାମପୁର ଗ୍ରାମର ନାରଣ ଭୋଇ ଙ୍କ ପୁଅ କାଳନ୍ଦୀ ଭୋଇ ଶନିବାର ଦିନ ଛେଳି ପଡ଼ିସା ଘର ବାଡ଼ିରୁ ଫସଲ ଖାଇବାରୁ କାଳନ୍ଦୀ ସହିତ ପଡ଼ିସା ଘର ର ପାଟିତୁଣ୍ଡ ହୋଇଥିଲା। ସନ୍ଧ୍ୟା ରେ କାଳନ୍ଦୀ ଛକରୁ ଘରକୁ ଫେରୁଥିବା ସମୟ ରେ ପଡ଼ିସା ଘର ଦୁଇଜଣ କାଳନ୍ଦୀକୁ ନିର୍ଘୁମ ମାଡ଼ ମାରିଥିଲେ। ସେଠାରେ କାଳନ୍ଦୀ ମୃତ୍ୟୁ ବରଣ କରିଥିଲା। ଏ ସଂକ୍ରାନ୍ତ ରେ ବାଲିକୁଦା ଥାନାରେ କାଳନ୍ଦୀ ଙ୍କ ପରିବାର ତରଫରୁ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ କାଳନ୍ଦୀ ର ପରିବାର ଆର୍ଥିକ ସ୍ୱଚ୍ଛଳ ନଥିବାରୁ, କାଳନ୍ଦୀ ର ପୁଅ ୨ଜଣ, ଝିଅ ଛଅ ଜଣ ସମେତ ଅକର୍ମନ୍ୟ ବାପା ଏବଂ ମା ଖାଇବା ପିଇବା ଏବଂ ବଂଚିବ ପାଇଁ ରାହା ଖୋଜୁଥିବା ବେଳେ ଜିଲ୍ଲା ଦଳିତ ବିକାଶ ପରିଷଦ ସଭାପତି ଶଙ୍କର ଦାସ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ରେ କାଳନ୍ଦୀ ର ପରିବାର କୁ ଭରଣ ପୋଷଣ ଏବଂ ଶୁଦ୍ଧିକ୍ରିୟା ନିମନ୍ତେ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

## ତିନି ଦିନ ହେଲା ଅନ୍ଧାରରେ ନୂଆଗୁଡ଼ା



**ମାଲକାନଗିରି,୧୬।୧(ସଂଚାର ବ୍ୟୁରୋ):** ଟ୍ରାନ୍ସଫର୍ମର ପୋଡି ଯିବାର ୩ ଦିନ ବିତିଯିବା ପରେ ବି ବିଦ୍ୟୁତ ସଂଯୋଗ ଦିଗରେ ଦୃଷ୍ଟି ଦେଉନି ସେବା ପ୍ରଦାନକାରୀ ସଂସ୍ଥା। ଅନ୍ୟପଟେ ଏଭଳି ସମୟରେ ବିଦ୍ୟୁତ ସଂଯୋଗ ପରିବର୍ତ୍ତେ ପୁରୁଣା ବକେୟା ବିଲ ପୈଠ କରିବାକୁ କହୁଛନ୍ତି ବିଦ୍ୟୁତ ସେବା ପ୍ରଦାନକାରୀ ସଂସ୍ଥା। ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଏମଭି ୭୯ ଗ୍ରାମକୁ ଲାଗି ରହିଥିବା ନୂଆଗୁଡା ଗ୍ରାମରେ। ସୂଚନା ଅନୁଯାୟୀ, ଗତ ଗୁରୁବାର ଦିନ ନୂଆଗୁଡା ଗ୍ରାମରେ ଥିବା ଟ୍ରାନ୍ସଫର୍ମରଟି ଅଚାନକ ସଟସର୍କିଟ ଯୋଗୁଁ ପୋଡି ଯାଇଥିଲା। ଏହାପରେ ଗ୍ରାମବାସୀ ବିଦ୍ୟୁତ ସରବରାହ ସଂସ୍ଥାକୁ ଅବଗତ କରାଇଥିଲେ। ତେବେ ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଟ୍ରାନ୍ସଫର୍ମର ଯୋଗାଇ ଦେବା ପରିବର୍ତ୍ତେ କିଛିବର୍ଷ ପୁରୁଣା ବକେୟା ଟଙ୍କା ପୈଠ କରିବା ପରେ ଟ୍ରାନ୍ସଫର୍ମର ମରାମତି କରାଯିବ ବୋଲି କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗକୁ ପରୀକ୍ଷା ରହିଥିବାରୁ ପିଲାମାନେ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ମହମବତୀରେ ଚାଲିଛି ପାଠ ପଢ଼ା। ଏଥିସହ ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା ବନ୍ଦ ରହିବା ସହ ମୋବାଇଲ ଚାର୍ଜ କରାଯାଇ ପାରୁନଥିବାରୁ ଗତ ତିନିଦିନ ଧରି ନୂଆଗୁଡା ବାହ୍ୟ ଜଗତ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି। ପ୍ରକାଶ ଥାଉକି, ୪୦ରୁ ଉର୍ଦ୍ଧ୍ୱ ପରିବାର ବିଶିଷ୍ଟ ନୂଆଗୁଡା ଗ୍ରାମରେ ପ୍ରାୟ ଦୁଇଶହ ଲୋକ ବସବାସ କରୁଥିବା ବେଳେ ଗତ ତିନି ଦିନ ଧରି ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟୁତ୍ ସେବା ପ୍ରଦାନ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

## କାଳିମେଳା ଦୈନିକ ବଜାରରେ ଶୌଚାଳୟ ନିର୍ମାଣ ଦାବି

**ମାଲକାନଗିରି,୧୬।୧(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଳିମେଳା ମୁଖ୍ୟ ଦୈନିକ ବଜାରରେ ଶୌଚାଳୟ ନିର୍ମାଣ ଦାବୀ। ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା କାଳିମେଳା ବ୍ଲକ ର ମୁଖ୍ୟ ଦୈନିକ ବଜାରରେ ନାହିଁ ଶୌଚାଳୟ ବ୍ୟବସ୍ଥା। ଏହି ଦୈନିକ ବଜାରରେ ପ୍ରତିଦିନ ଶତାଧିକ ଲୋକଙ୍କ ଗହଳି ଲାଗୁଥିବା ବେଳେ ଏଠାରେ ଶୌଚାଳୟ ନ ଥିବାରୁ ଅନେକ ସମୟରେ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ ନଥିବାରୁ ରାସ୍ତା କଡ଼ରେ ପରିସ୍ରା କରୁଛନ୍ତି ଲୋକେ। ସରକାରୀ କାନ୍ଥ ବାଡ଼ରେ ଲେଖା ଯାଉଛି ଏଠାରେ ପରିସ୍ରା କରିବା ମନା। ହେଲେ କେଉଁଠି ପରିସ୍ରା କରିବେ ସେ ବ୍ୟବସ୍ଥା ପ୍ରତି କାହାରି ନଜର ନାହିଁ ବୋଲି କୁହାଯାଉଛି। ସେପଟେ ସହର ସ୍ୱଚ୍ଛ ରହିବ, ଲୋକେ ଶୌଚାଳୟ ସୁବିଧା ପାଇବେ। ସେହି ଲକ୍ଷ୍ୟରେ କାଳିମେଳା ପ୍ରଶାସନ ତରଫରୁ ବଜାରର ମୁଖ୍ୟ ରାସ୍ତା କଡ଼ରେ କରାଯାଇଥିଲା ଶୌଚାଳୟ ନିର୍ମାଣ। ତାହା ଭଙ୍ଗାରୁଜା ଅବସ୍ଥାରେ ବର୍ଷ ବର୍ଷ ଧରି ପଡ଼ିରହିଥିବା ବେଳେ ବଜାରକୁ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା ମାନଙ୍କ ଅସୁବିଧା କହିଲେ ନସରେ।

ବର୍ତ୍ତମାନ ସମୟରେ କାଳିମେଳାର ବିକାଶ ଦ୍ରୁତ ଗତିରେ ହେଉଥିବା ବେଳେ ଆଗକୁ ଦୈନିକ ବଜାର ସମେତ ସହରର ପ୍ରତି ରାସ୍ତା କଡ଼ରେ ଶୌଚାଳୟ ନିର୍ମାଣ କରାଯିବା ଆବଶ୍ୟକ ବୋଲି ସାଧାରଣରେ ଦାବୀ ହେଉଛି।



# ଲୋ ବ୍ଲଡପ୍ରେସର ଥିଲେ ମିଶ୍ରି ଖାଆନ୍ତୁ

ମିଶ୍ରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଏବଂ ଆମିନୋ ଏସିଡ ରହିଛି। ଯଦି ଆପଣଙ୍କର ଲଗାତର କାଶ ହେଉଛି କିମ୍ବା ତଣ୍ଟି ଦରଜ ହେଉଛି ତେବେ ତେଜପତ୍ର ଏବଂ ଅଦା ମିଶ୍ରତ ପାଣିରେ କିଛି ମିଶ୍ରି ପକାଇ ତାହାକୁ ଫୁଟାଇ ପିଅନ୍ତୁ। ଆମ ଶରୀରରେ ହିମୋଗ୍ଲୋବିନ ସ୍ତର ସନ୍ତୁଳିତ ରହିବା ନିହାତି ଜରୁରୀ। ନିୟମିତ ମିଶ୍ରି ଖାଇଲେ ଏହି ସ୍ତର କେତେକାଂଶରେ ଠିକ୍ ରହିଥାଏ। ମିଶ୍ରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ହଜମ ପ୍ରକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ଏହା ସହିତ କିଛି ପାନମଧୁରୀ ମିଶାଇ ଖାଇପାରନ୍ତି। ଆପଣଙ୍କର ଲୋ ବ୍ଲଡପ୍ରେସର ସମସ୍ୟା ଅଛି କି ? ଯଦି ହଁ, ତେବେ ନିୟମିତ ମିଶ୍ରି ଖାଇଲେ ତାହା ଏହାକୁ ନିୟନ୍ତ୍ରଣରେ ରଖିଥାଏ। ଚାପର ବଶବର୍ତ୍ତୀ ହୋଇଥିଲେ କିମ୍ବା ଥକା ଲାଗୁଥିଲେ ଏଥିରୁ ମୁକୁଳିବା ପାଇଁ ମିଶ୍ରି କେତେକାଂଶରେ ସାହାଯ୍ୟ କରିଥାଏ। ଏଥିଲାଗି ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ମିଶ୍ରି ମିଶାଇ ତାହାକୁ ପିଅନ୍ତୁ। ଏହା ମଧ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆଉ ଏକ ଖାସ୍ କଥା ହେଲା ନିୟମିତ ମିଶ୍ରି ଖାଇବା ଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟା କେତେକାଂଶରେ କମ୍ ରହିଥାଏ।



# ଲିଭର୍‌କୁ ସୁରକ୍ଷିତ ରଖେ ଭୃସଙ୍ଗପତ୍ର

ଭୃସଙ୍ଗପତ୍ର ସ୍ୱାସ୍ଥ୍ୟ ପାଇଁ ଲାଭକାରୀ। ପ୍ରତିଦିନ ସକାଳେ ଅଧାକପ୍ ଭୃସଙ୍ଗପତ୍ର ରସ ପିଇଲେ ଲିଭର ବିଭିନ୍ନ ସଂକ୍ରମଣରୁ ଦୂରେଇ ରୁହେ। ଏହାର କାର୍ଯ୍ୟକୁ ଭୃସଙ୍ଗପତ୍ର ରସ ସ୍ୱାଭାବିକ କରେ। ଭୃସଙ୍ଗପତ୍ର ରସ ନିୟମିତ ପିଇଲେ ମଧୁମେହରୁ ମୁକ୍ତି ମିଳେ। ଏହା ରକ୍ତର କୋଲେଷ୍ଟରଲସ୍ତରକୁ ନିୟନ୍ତ୍ରିତ କରିଥାଏ। ଏଥିରେ ଭିଟାମିନ ବି୧, ବି୩, ବି୯ ଏବଂ ସି ରହିଥାଏ। ଏହା ସହିତ ଏଥିରେ ଆଇରନ, କ୍ୟାଲସିୟମ ଏବଂ ଫସଫରସ ରହିଛି। ପ୍ରତିଦିନ ଭୃସଙ୍ଗପତ୍ର ଚୋବାଇବା ଖାଇଲେ ଦ୍ୱାରା ମେଦବହୁଳତାରୁ ମିଳେ ମୁକ୍ତି। ଏକ ଚାମଚ ମହୁରେ ଭୃସଙ୍ଗପତ୍ର ରସ ମିଶାଇ ପିଇଲେ କଫ ବାହାରି ଯାଇଥାଏ। ଏହାକୁ ନିୟମିତ ପିଇଲେ ହାର୍ଟ ଆଟାକ୍ ଆଶଙ୍କା କମିଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।



# ହାର୍ଟ ଷ୍ଟ୍ରୋକରୁ ଦୂରେଇ ରହିବାକୁ ଚାହୁଁଛନ୍ତି କି ?

ଖାଦ୍ୟପେୟରେ ଅନିୟମିତତାଯୋଗୁ କେତେକଙ୍କଠାରେ ହାର୍ଟ ଆଟାକ୍ ସମସ୍ୟା ଦେଖାଦେଇଥାଏ। ତେବେ ସପ୍ତାହରେ ୨-୩ଥର ଡାଳିମ୍ବ ଜୁସ୍ ପିଇଲେ ଏହା ରକ୍ତ ସଞ୍ଚାଳନକୁ ସ୍ୱାଭାବିକ କରିଥାଏ। ଏହା କୋଲେଷ୍ଟ୍ରଲସ୍ତରକୁ କମାଇଥାଏ। ଡାଳିମ୍ବ ରସ ପିଇବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ହୁଏ। ଫଳରେ ହାର୍ଟ ଷ୍ଟ୍ରୋକ ହେବାର ଆଶଙ୍କା ମଧ କମ୍ ହୁଏ। ଡାଳିମ୍ବ ଜୁସ୍‌ରେ ଭିଟାମିନ-ଏ, ସି, ଇ, ଫୋଲିକ ଏସିଡ୍ ଓ ଆଣ୍ଟି ଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ରହିଥାଏ। ରକ୍ତରେ ଆଇରନ କମ ଥିଲେ ନିୟମିତ ଡାଳିମ୍ବ ରସ ପିଇଲେ ସୁଫଳ ମିଳେ।



# ପାଚନ ଶକ୍ତି କମ୍ ଥିଲେ ପିଜୁଳି କମ୍ ଖାଆନ୍ତୁ



ପିଜୁଳି କେବଳ ଏକ ଫଳ ନୁହେଁ ବରଂ ଏକ ସୁପରଫୁଡ୍, ଯାହା ଅନେକ ସ୍ୱାସ୍ଥ୍ୟ ଉପକାରିତାରେ ପରିପୂର୍ଣ୍ଣ। ଏଥିରେ ଭିଟାମିନ୍ 'ସି', ଡାଏଟାରୀ ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଏବଂ ଏଥିରେ ପୋଟାସିୟମ, ଭିଟାମିନ୍ 'ଏ' ଏବଂ ଅତ୍ୟାବଶ୍ୟକ ମିନେରାଲସ ମଧ ଥାଏ ଯାହା ହୃଦୟ ସ୍ୱାସ୍ଥ୍ୟ, ଗ୍ଲୋଇଂ ସ୍କିନ୍ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ।

ଏଥିସହ ଅନେକ ଲୋକ ପାଚନ ଶକ୍ତି ଉନ୍ନତ କରିବା, ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା, ହୃଦୟ ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ଚର୍ମକୁ ଉନ୍ନତ କରିବା ପାଇଁ ଏହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରନ୍ତି। ଖାଦ୍ୟ ବିଶେଷଜ୍ଞମାନେ ଏହାକୁ ଏକ ସୁସ୍ଥ ଫଳ ମଧ ବିବେଚନା କରନ୍ତି। କିନ୍ତୁ ମିଳିଥିବା କିଛି ରିପୋର୍ଟ ଅନୁସାରେ ଏହା କିଛି ସମସ୍ୟା ମଧ ସୃଷ୍ଟି କରିଥାଏ।

ପିଜୁଳିରେ ଫାଇବର ପରିମାଣ ଅଧିକ, କିନ୍ତୁ ଏହାର ମଞ୍ଜି ଅନେକ ଲୋକଙ୍କ ପାଇଁ ହଜମ କରିବା କଷ୍ଟକର ହୋଇପାରେ। ଯେଉଁମାନେ ପ୍ରାୟତଃ ଗ୍ୟାସ୍, ଏସିଡିଟି, ପେଟ ଫୁଲିବା କିମ୍ବା ଇରିଟେବ୍ଲେ ବାଓଏଲ୍ ସିଣ୍ଡ୍ରୋମରେ ପୀଡିତ, ସେମାନଙ୍କ ପାଇଁ ଅଧିକ ଫାଇବର ପରିମାଣ ଅନ୍ତନଳୀକୁ ଖାରପ କରିପାରେ। ଏହି ଲୋକମାନେ ପିଜୁଳି ଖାଇବା ପରେ ପେଟ ଯନ୍ତ୍ରଣା, ଡାଇରିଆ କିମ୍ବା ଭାରୀ ଅନୁଭବ କରିପାରନ୍ତି। ତେଣୁ, ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ଯେଉଁମାନଙ୍କର ଖରାପ ପାଚନ ଶକ୍ତି ସେମାନେ ଏହାକୁ କମ୍ ମାତ୍ରାରେ ସେବନ କରନ୍ତୁ ଏବଂ କଞ୍ଚା ପିଜୁଳି ଖାଇବାରୁ ଦୂରେଇ ରୁହନ୍ତୁ।

ପିଜୁଳିରେ ପ୍ରାକୃତିକ ଚିନି ଥାଏ, ଯାହା ଅନୁପଯୁକ୍ତ ଭାବରେ ସେବନ କଲେ ରକ୍ତ ଶର୍କରା ବୃଦ୍ଧି କରିପାରେ। ଟାଇପ୍ ୨ ମଧୁମେହ ଥିବା ଲୋକମାନେ ପାଚିଲା ପିଜୁଳି କିମ୍ବା ଏହାର ରସ ଖାଇବା ଦ୍ୱାରା ସୁଗାର ବୃଦ୍ଧି ପାଇବାର ଆଶଙ୍କା ଥାଇପାରେ। ଖାଲି ପେଟରେ ପିଜୁଳି ଖାଇବା ଦ୍ୱାରା ଦ୍ରୁତ ଗ୍ଲୁକୋଜ୍ ଶୋଷଣ ହୋଇପାରେ। ତେଣୁ, ମଧୁମେହ ରୋଗୀମାନେ ସୀମିତ ପରିମାଣରେ ପିଜୁଳି ଖାଇବା ଉଚିତ।

କିଛି ଲୋକଙ୍କ କ୍ଷେତ୍ରରେ, ପିଜୁଳି ଖାଇବା ଦ୍ୱାରା କୁଣ୍ଡାଇ ହେବା, ଫୋଡି ଫୋଡି ହେବା କିମ୍ବା ଏକଜିମା ବଢ଼ିପାରେ। ଏହା ବିଶ୍ୱାସ କରାଯାଏ ଯେ, ପିଜୁଳି ଶରୀରର ଆଭ୍ୟନ୍ତରୀଣ ଉତ୍ତାପ ବୃଦ୍ଧି କରିପାରେ।

ପିଜୁଳିକୁ ଏକ ଥଣ୍ଡା ଜାତୀୟ ଫଳ ବୋଲି କୁହାଯାଏ। ଏହାର ଅର୍ଥ ହେଉଛି ଯେଉଁ ଲୋକମାନେ ଥଣ୍ଡା, କାଶ, ସାଇନସ୍ ସମସ୍ୟା କିମ୍ବା ଗଳା ଯନ୍ତ୍ରଣାର ଶିକାର ହୁଅନ୍ତି ସେମାନେ ସେମାନେ ଏହାକୁ ଖାଇବା ଦ୍‌ବାରା କଫ ହୋଇପାରେ। ତେଣୁ ଏହି ରୋଗୀମାନେ ଅଧିକ ମାତ୍ରାରେ ଖାଆନ୍ତୁ ନାହିଁ ପିଜୁଳି।

# ସୂର୍ଯ୍ୟୋଦୟ ସହ ବ୍ୟାୟାମ କରିବା ବେଶୀ ଲାଭଦାୟକ

ସକାଳେ ସୂର୍ଯ୍ୟ ଉଦୟ ସହ ବ୍ୟାୟାମ କରିବା ବେଶ୍ ଲାଭଦାୟକ। ପୁରୁଣାକାଳିଆ ବୟସ୍କ ଲୋକମାନେ ପ୍ରାୟତଃ ସୂର୍ଯ୍ୟୋଦୟ ସହ ହିଁ ବ୍ୟାୟାମ କରିଥାନ୍ତି। ଏମ୍ପିପିଆଇର ଅଧ୍ୟୟନ ପାଇଁ ଅଧିକ ଓଜନ ଥିବା ବୟସ୍କ ଲୋକମାନଙ୍କୁ ସକାଳେ ଓ ସଂଧ୍ୟାରେ ବ୍ୟାୟାମ କରିବାକୁ ୨ ଭାଗରେ ବଣ୍ଟା ଯାଇଥିଲା। ଉଭୟ ଗ୍ରୁପର ଲୋକମାନେ ବ୍ୟାୟାମ କରିବା ଦ୍ୱାରା ଶକ୍ତି ବଢ଼ିଥିଲା। କିନ୍ତୁ ସକାଳେ ବ୍ୟାୟାମ କରୁଥିବା ଲୋକଙ୍କଠାରେ ଅଧିକ ଶକ୍ତି ଆସୁଥିବାର ଦେଖାଯାଇଥିଲା। ଏହି ଗବେଷଣାରୁ ଜଣାପଡିଛି ଯେ ସଂଧ୍ୟା ଅପେକ୍ଷା ସକାଳେ ବ୍ୟାୟାମ କରୁଥିବା ଲୋକଙ୍କଠାରେ ଶକ୍ତି ଅଧିକ ଆସିଥାଏ ଅର୍ଥାତ୍ ସକାଳେ ବ୍ୟାୟାମ କରିବା ଦ୍ୱାରା ଅନେକ ଫାଇଦା ହୋଇଥାଏ। ଯେପରିକି-

**ଓଜନ କମିବା:** ସକାଳେ ବ୍ୟାୟାମ କରିବା ଦ୍ୱାରା ମେଟାବଲିଜିମ୍ ବଢ଼ିବା ସହ ଅଧିକ କ୍ୟାଲୋରୀ ବର୍ଣ୍ଣ ହୋଇଥାଏ। ଏହି ସମୟରେ ବ୍ରିକ୍ସ ୱାର୍କ, ଜଗିଂ, ସ୍କିପିଂ ପରି ବ୍ୟାୟାମ କରିବା ଦ୍ୱାରା ଓଜନ କମିବାରେ ସହଯୋଗ ମିଳିଥାଏ। ଏହି ବ୍ୟାୟାମ କରିବା ପରେ ଏକ ଗ୍ଲାସ୍ ହାଲ୍କା ଉଷୁମ ପାଣି ପିଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

**ଷ୍ଟ୍ରେସ୍ କମ୍ ହୁଏ:** ସକାଳ ସୂର୍ଯ୍ୟ ଆସିବା ସହ ବ୍ୟାୟାମ କରିବା ଦ୍ୱାରା ସକାରାତ୍ମକତା ସହ ଦିନର ଆରମ୍ଭ ହୋଇଥାଏ। ଏହାଦ୍ୱାରା ଭାବନାତ୍ମକ ସନ୍ତୁଳନ ରହିବା ସହ ଚିନ୍ତା କମିଥାଏ। ଚିନ୍ତା କମ୍ କରିବା ପାଇଁ ସକାଳେ ଭ୍ରାମରୀ ପ୍ରାଣାୟାମ, ଅନୁଲୋମ-ବିଲୋମ ବ୍ରିକ୍ସ ୱାର୍କ ଓ ତାଡାସନ ଆଦି କରିପାରିବେ।

**ହୃଦଘାତରୁ ସୁରକ୍ଷା ମିଳେ:** ସକାଳ ସୂର୍ଯ୍ୟକିରଣ ଆସିବା ସହ ବ୍ୟାୟାମ କରିବା ଦ୍ୱାରା ରକ୍ତ ସଞ୍ଚାଳନ ତୀବ୍ର ହେବା ସହ ରକ୍ତଚାପ ନିୟନ୍ତ୍ରିତ ରହିଥାଏ। ଫଳରେ ହୃଦ୍ଘାତର ଆଶଙ୍କା କମ୍ ରହିଥାଏ।

**ନିଦର ଗୁଣବତ୍ତା ବଢିଥାଏ:** ସକାଳେ ବ୍ୟାୟାମ କରିବା ଦ୍ୱାରା ଶରୀରର ବାୟୋଲୋଜିକାଲ୍ କ୍ଲକ୍ ଠିକ୍ ରହିଥାଏ। ଶୀଘ୍ର ଉଠି କାମ କରିବା ଦ୍ୱାରା ଠିକ୍ ସମୟରେ କାମ ସରିଥାଏ। ଫଳରେ ଏହାର ସକାରାତ୍ମକ ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ ରାତିରେ ଭଲ ନିଦ ହେବା ସହ ଅନିଦ୍ରାଜନିତ ସମସ୍ୟା ଦୂର ହୁଏ।

**ଫୋକସ୍ ବଢେ:** ସକାଳୁ ବ୍ୟାୟାମ କରିବା ଦ୍ୱାରା ଶରୀରକୁ ଅମ୍ଳଜାନ ସପ୍ଲାଇ ବଢିଥାଏ। ଫଳରେ ବ୍ୟକ୍ତିର ଫୋକସ୍ ବଢିଥାଏ। ଫୋକସ୍ ବଢିବା ପାଇଁ ବୃକ୍ଷାସନ ଓ କପାଳଭାତି କରିପାରିବେ।





# ଅଧିକ ପ୍ରୋଟିନ୍ ଗ୍ରହଣ କରୁଛନ୍ତି କି ?

ପ୍ରୋଟିନ୍ ଆମ ଶରୀର ପାଇଁ ଏକ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥ। ଏହା ମାଂସପେଶୀକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତଥାପି, ଆଜିକାଲି ଲୋକମାନେ ସେମାନଙ୍କ ଖାଦ୍ୟରେ ଅତ୍ୟଧିକ ପରିମାଣର ପ୍ରୋଟିନ୍ ଗ୍ରହଣ କରୁଛନ୍ତି କିମ୍ବା ଫିଟନେସ୍ ଏବଂ ଡାଏଟିଂ ପାଇଁ ପ୍ରୋଟିନ୍ ସପ୍ଲିମେଣ୍ଟ୍ ନେଉଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି।

**ଜଳୀୟ ଅଂଶ କମିବା:** ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ବୃକକ୍ ଉପରେ ଚାପ ପକାଇଥାଏ। ପ୍ରୋଟିନ୍ ଛାଣିବା ପାଇଁ ସେମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ, ଯାହା ଦ୍‌ବାରା ଜଳୀୟ ଅଂଶ କମିଯାଇପାରେ।

**ପେଟ ସମସ୍ୟା:** ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ କଲେ କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟା ହୋଇପାରେ। ପ୍ରୋଟିନ୍ ହଜମ ହେବା ପାଇଁ ସମୟ ଲାଗେ ଏବଂ ଫାଇବର ଅଭାବରୁ ଏହି ସମସ୍ୟା ବଢ଼ିଯାଏ।

**ଓଜନ ବୃଦ୍ଧି:** ଅନେକ ଲୋକ ଭାବନ୍ତି ଯେ, ଅଧିକ ପ୍ରୋଟିନ୍ ଖାଇବା ଦ୍ୱାରା ଓଜନ ହ୍ରାସ ପାଇବ, କିନ୍ତୁ ବାସ୍ତବତା ଏହା ହୋଇନଥାଏ। ପ୍ରୋଟିନ୍ ଗ୍ରହଣରୁ ଅତିରିକ୍ତ କ୍ୟାଲୋରି, ଚର୍ବି ଭାବରେ ସଞ୍ଚିତ ହୁଏ । ଯାହା ଫଳରେ ଓଜନ ବୃଦ୍ଧି ପାଏ।

**ପାଟି ଦୁର୍ଗନ୍ଧ:** ଯେତେବେଳେ ଶରୀର କାର୍ବୋହାଇଡ୍ରେଟ୍ ଅଭାବରୁ କେବଳ ପ୍ରୋଟିନ୍ ଉପରେ ନିର୍ଭର କରେ, ସେତେବେଳେ କିଟୋନ୍ ନାମକ ପଦାର୍ଥ ଉତ୍ପାଦନ ହୁଏ। ଏହା ହିଁ ପାଟି ଦୁର୍ଗନ୍ଧର କାରଣ।

**ଥକ୍କାପଣ ଏବଂ ଦୁର୍ବଳତା:** ଲଗାତାର ଥକ୍କାପଣ କିମ୍ବା ଶକ୍ତିର ଅଭାବ ମଧ ଅତ୍ୟଧିକ ଖାଇବାର ଏକ ଲକ୍ଷଣ ହୋଇପାରେ । କାର୍ବୋହାଇଡ୍ରେଟର ଅଭାବ ଶରୀରକୁ ତୁରନ୍ତ ଶକ୍ତି ପାଇବାରୁ ବାଧା ଦେଇପାରେ।

**ଚର୍ମରେ ଫୋଟକା ଏବଂ ବ୍ରଣ:** ବିଶେଷକରି କ୍ଷୀର ଏବଂ ସପ୍ଲିମେଣ୍ଟରୁ ଅତ୍ୟଧିକ ପ୍ରୋଟିନ୍ ଶରୀରରେ ହରମୋନ୍ ଅସନ୍ତୁଳନ ସୃଷ୍ଟି କରିପାରେ। ଏହା ଚର୍ମରେ ଦେଖିବାକୁ ମିଳିପାରେ। ଯାହା ଫଳରେ ଫୋଟକା ଏବଂ ବ୍ରଣ ହୋଇପାରେ।

**ବୃକକ୍ ପ୍ରଭାବ:** ବୃକକ୍ ସବୁଠାରୁ ଅଧିକ ବିପଦରେ ଥାଏ। ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ବୃକକ୍ ପାଇଁ ଛାଣିବା କଷ୍ଟକର କରିପାରେ ଏବଂ ଦୀର୍ଘକାଳୀନ ବୃକକ୍ କ୍ଷତିର ଆଶଙ୍କା ବଢ଼ାଇପାରେ।

# ୧୫୦ ବର୍ଷ ହେଲା ଭୂମିହୀନ ପରିବାରକୁ ମିଳୁନି ପଟ୍ଟା

**ଖଲ୍ଲିକୋଟ,୧୬।୨(ସଂଚାର ବ୍ୟୁରୋ):** ୧୫୦ ବର୍ଷ ଧରି ଗୋଟିଏ ଜାଗାରେ ବସବାସ କରୁଥିଲେ ମଧ ଆଜି ଯାଏ ପଟ୍ଟା ମିଳିପାରିନାହିଁ। ବାରମ୍ବାର ଗୁହାରି କରିଛନ୍ତି ପରେ କିନ୍ତୁ ନା ପ୍ରଶାସନ ଦୁଃଖ ବୁଝୁଛି ନା ନେତାଙ୍କ ଆଖିରେ ପଡୁଛି। ବର୍ଷ ବର୍ଷ ହେଲାଣି ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଦୁଃଖ କଷ୍ଟରେ ଜୀବନ ବିତାଉଛନ୍ତି ୨୦ ପରିବାର । ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ୧ନଂ ୱାର୍ଡର ଚିକିଲି ବାଉରୀ ସାହି। ୧୫୦ ବର୍ଷ ତଳେ ସାହି ବାସିନ୍ଦାଙ୍କୁ



ଖଲ୍ଲିକୋଟର ତତ୍କାଳୀନ ରାଜା ରହିବା ପାଇଁ ଜାଗା ଦେଇଥିଲେ। ସେବେଠୁ ଏହିଠାରେ ଘର କରି ରହି ଆସୁଛନ୍ତି ୨୦ ପରିବାର। କିନ୍ତୁ ଆଜି ପର୍ଯ୍ୟନ୍ତ ଜାଗାର ପଟ୍ଟା ମିଳିପାରୁନି। ତହସିଲଦାର, ଜିଲ୍ଲାପାଳ, ପୂର୍ବତନ ଓ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅଭିଯୋଗ ହୋଇଛି। କିନ୍ତୁ ସ୍ଥିତି ବଦଳିନି। ସରକାର ସହରାଞ୍ଚଳ ଭୂମିହୀନଙ୍କ ପାଇଁ କରିଥିବା ଜାଗା ମିସନ ବି ଏଠାରେ ଦିଗହରା ! ସେଥିରେ ବି ସାମିଲ ହୋଇପାରିନାହାଁନ୍ତି ସାହି ବାସିନ୍ଦା। ପଟ୍ଟା ନହେବା କାରଣରୁ ଛାତ୍ରଛାତ୍ରୀଙ୍କର ଜାତିଗତ ଓ ବାସସ୍ଥାନ ପ୍ରମାଣପତ୍ର ହୋଇପାରୁନି। ଏଠାରେ ବସବାସ କରୁଥିବା ଲୋକେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ୨୦୨୦ରେ ରାଜ୍ୟ ସରକାର ୨୦ ପରିବାରଙ୍କୁ ପଟ୍ଟା ପାଇବା ପାଇଁ ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସେମାନେ ରହୁଥିବା ଜାଗାର ପଟ୍ଟା ନହେଲେ ଅନ୍ୟତ୍ର ଜାଗା ଦେବା ନେଇ ପ୍ରମାଣ ପତ୍ରରେ ଉଲ୍ଲେଖ ଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ନା ପଟ୍ଟା ମିଳିଛି ନା ଅନ୍ୟ କେଉଁଠି ଜାଗା। ଅନ୍ୟପଟେ ବିଧାୟକ କହୁଛନ୍ତି, 'ଗୃହ ଉନ୍ନୟନ ବିଭାଗ ସହ ଆଲୋଚନା ସରିଛି, ଖୁବ୍‌ଶୀଘ୍ର ପଟ୍ଟା ପ୍ରଦାନ କରାଯିବ। ଆଉ କେହି ରହିବେନି ଭୂମିହୀନ। ସମସ୍ତଙ୍କୁ ଜମି ପଟ୍ଟା ପ୍ରଦାନ କରାଯିବ। ଏସବୁ କେବଳ ବଡ଼ ବଡ଼ ଭାଷଣ। ବାବଙ୍କ ମୁହଁ ଫୁଟାଣିର ବାସ୍ତବିକତା ଆପଣ ନିଜ ଆଖିରେ ଦେଖିଲେ। ଏବେ ୨୦ ପରିବାରକୁ କେବେ ପଟ୍ଟା ମିଳିବ ତାକୁ ହିଁ ଅପେକ୍ଷା ।

## ଶ୍ରୀ ଶ୍ରୀ ପାତାଳେଶ୍ୱର ମନ୍ଦିରରେ ଜାଗର ଯାତ୍ରା ରାତି ୧୨ଟାରେ ଉଠିଲା ମହାଦୀପ



**କଳାହାଣ୍ଡି,୧୬।୨(ସଂଚାର ବ୍ୟୁରୋ):** ସର୍ବଧର୍ମ ସମନ୍ୱୟରପୀଠ-ଭୀମ ଖୋଜ ପଡ଼ାର ଆରାଧ୍ୟା ଦେବୀ ମା'ଭୈରବୀ ଚଣ୍ଡୀ, ଗାୟତ୍ରୀ ଚଣ୍ଡୀ, ସପ୍ତ ସତୀ ଚଣ୍ଡୀ ମନ୍ଦିର ବାବା ଶ୍ରୀ ଶ୍ରୀ ପାତାଳେଶ୍ୱର ଦେବଙ୍କ ମନ୍ଦିରରେ ଜାଗର ଯାତ୍ରା ପ୍ରତିବର୍ଷ ପରି ଚଳିତବର୍ଷ ମହାସମାରୋହରେ ପାଳନ ହୋଇ ଯାଇଛି।ପୁରାଣ ବର୍ଣ୍ଣିତ ପଞ୍ଚୁ ପାଣ୍ଡବ ଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ଦିରର ଆରାଧ ପାତାଳ ଲିଙ୍ଗ ଗୃହସ୍ଥମାନଙ୍କ ଉପାସନା ନିମିତ୍ତ ଉପଯୁକ୍ତ ବୋଲି ବର୍ଣ୍ଣନା କରାଯାଇଛି। ଏହି ଲିଙ୍ଗ ଉପାସନା ଦ୍ୱାରା ମନୁଷ୍ୟକୁ ଭୁକ୍ତି ମୁକ୍ତି ମିଳେ ବୋଲି ବିଶ୍ୱାସ କରାଯାଏ।ଏହି ଲିଙ୍ଗର ଉପାସନା ଇନ୍ଦ୍ରାଦି ଦେବତାମାନେ କରିଥିବାର ବର୍ଣ୍ଣନା ରହିଛି।ଏହି ଲିଙ୍ଗକୁ ନିମ୍ନୋକ୍ତ ପ୍ରକାରେ ଧାନ କଲେ ଅଦ୍ଭୁତ ଫଳ ପ୍ରାପ୍ତ ହୁଏ ବୋଲି ମଧ ଅନ୍ୟତ୍ର ବର୍ଣ୍ଣିତ। ଓଁ ପ୍ରମତ୍ତ ଶକ୍ତି ସଂଯୁକ୍ତ ବାଣାସ୍ୟଚ ମହାପ୍ରଭମ୍, କାମବାଣାନ୍ୱିତ ଦେବସଂସାର ଦହନକ୍ଷମ ଶଙ୍କରା ଦି ରସୋଲ୍ଲାସଂ ବାଣାସ୍ୟ ପରମେଶ୍ରମ୍, ଏବଂ ଧାତ୍ମା ଲିଙ୍ଗ ଯଜାମି ପରମଶିବମ। ଏହି ବିଶ୍ୱାସକୁ ଆଧାରକରି ପ୍ରତିବର୍ଷ ଜାଗର ସମୟରେ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ।ଧର୍ମଗଡ଼ ହରିପ୍ରକାଶ ଅଗ୍ରୱାଲ ପରିବାର ଅନୁଦାନ ଦ୍ୱାରା ନିର୍ମିତ ଏହି ମନ୍ଦିର ପ୍ରସିଦ୍ଧ ଶୈବ ଶିବପୀଠ ମା'ଭୈରବୀ ଚଣ୍ଡୀ, ଗାୟତ୍ରୀ ଚଣ୍ଡୀ, ସପ୍ତଚଣ୍ଡୀ ଙ୍କ ପିତ୍ରାଳୟ ଭାବରେ ମଧ ଲୋକାଦୃତ। ଏଠାରେ ମା'ଙ୍କ ଚଳନ୍ତି ପ୍ରତି ମା 'ଭୈରବୀ ଚଣ୍ଡୀ ଅବସ୍ଥାନ କରୁଥିବାରୁ ଶ୍ରଦ୍ଧାଳୁମାନେ ଏଠାରେ ଜାଗର ଉପାସନା ସହିତ ଅହୋରାତ୍ର ଦୀପ ପ୍ରଜ୍ୱୋଳନ କରିବା ଦ୍ୱାରା ଶିବ ଓ ଶକ୍ତି ଉଭୟଙ୍କ ଆଶୀର୍ବାଦ ମିଳିବା ସହିତ ଭକ୍ତର ସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ଅଛି।

## ଫଳକ ଲଗାଇ ଅପେକ୍ଷା କଲେ, ଆସିଲେନି ବିଧାୟକ ଓ ସାଂସଦ



**ବୈଶିଙ୍ଗା,୧୬।୨(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଦହିକୋଟୀ ଗ୍ରାମରେ ଥିବା ବାବାତ୍ରି କୁଟେଶ୍ୱର ମନ୍ଦିରର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ ଲକ୍ଷ ବ୍ୟୟ ଅଟକଳ ହୋଇ ମହା ଶିବରାତ୍ରି ପୂର୍ବରୁ କାର୍ଯ୍ୟ ସରିଯାଇଥିଲା। ଗ୍ରାମର ଯୁବକ ମାନେ ବେଶ ଆନନ୍ଦରେ ମନ୍ଦିର କାର୍ଯ୍ୟ କରିଥିଲେ ଓ ଏହି ଉନ୍ନୟନ କାର୍ଯ୍ୟର ଉଦଘାଟନ ନିମନ୍ତେ ବାଲେଶ୍ୱର ସାଂସଦ ଓ ବଡ଼ସାହି ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇ ସେ ଦୁଇ ଜଣକ ନାମଫଳକ ଲଗାଇଥିଲେ। ମାତ୍ର ଗ୍ରାମର ଯୁବକ ମାନେ ସାଂସଦ ଓ ବିଧାୟକଙ୍କ ସହ ଯୋଗାଯୋଗ ପୂର୍ବକ ଅପେକ୍ଷା କରିଥିଲେ। ମାତ୍ର ନିର୍ଦ୍ଧାରିତ ସମୟର ଅନେକ ସମୟ ଅପେକ୍ଷା କରିଥିଲେ ମଧ ସେମାନେ ନଆସିବାରୁ ୩୫ ନଂ ଜୋନ ମଣ୍ଡଳ ସଭାପତି ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଫଳରେ ଆୟୋଜକଙ୍କ ମୁହଁ ଫିକା ପଡ଼ିଯାଇଥିଲା ଓ ସେମାନେ ସେଠାରୁ ପଳାଇଯାଇଥିବାର ଦେଖାଯାଇଥିଲା। ସାଂସଦ ଓ ବିଧାୟକ ନିକଟକୁ ଆସି ଏଠାକୁ ନଆସିବାରୁ ଏହା ଚର୍ଚ୍ଚାର ବିଷୟ ପାଲଟିଛି।

## ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

# ୭୭ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୧୬।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ପଞ୍ଚାୟତ ସମିତି ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ଼ . ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ଶ୍ରୀ ନାରାୟଣ ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୭୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୬୦ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର, ଶ୍ରୀ ରାଜୀବ କୁମାର ହାଁସଦା ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ବୀରମହାରାଜପୁର, ଡ ସୁରେନ୍ଦ୍ର କୁମାର ମେହେର ତଥା, ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ଉସମେତ ଅତିରିକ୍ତ ତହସିଲଦାର, ବୀରମହାରାଜପୁର, ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

## ବିଦ୍ୟାଳୟଠାରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୬।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସ୍ଥିତ ଶୁଖା ଉଚ୍ଚ ମାଧମିକ ବିଦ୍ୟାଳୟଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକକ୍ଷୀତିସ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ, ଗୋଷ୍ଟି ସମ୍ବଳ ଶିକ୍ଷକ ସୀତାରାମ ପଧାନ ଓ ମନୋଜ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା। ଏଥିରେ ଶୁଖା, ଇଚ୍ଛାପୁର ଓ ସର୍ଗୁଲ କ୍ଲଷ୍ଟରର ୧୮୫ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା, ୮୩ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ କରିବା ପାଇଁ ଚିହ୍ନଟ କରାଯାଇଥିଲା ଏବଂ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ଚକ୍ଷୁ ଡାକ୍ତରମାନେ କହିଥିଲେ। ଏଥିରେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ସୁଧାଂଶୁ ଶେଖର ସାହୁ, ସଚିନ୍ କୁମାର ମହାନ୍ତି, ଦିନେଶ ସା ଓ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ସହିତ ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭୁବନେଶ୍ୱରରେ ହେବ ଲଙ୍କାପୋଡ଼ି ମହୋତ୍ସବ



**ସୁବର୍ଣ୍ଣପୁର,୧୬।୨(ସଂଚାର ବ୍ୟୁରୋ):** କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନ୍‌ଟାକର ସୋନପୁର ଶାଖା ତରଫରୁ ସ୍ଥାନୀୟ ସର୍କିଟ ହାଉସରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଇନଟାକ ସୋନପୁର ଶାଖାର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଇନଟାକ ସେଣ୍ଟ୍ରାଲ କାଉନସିଲ ସଦସ୍ୟ ଶ୍ରୀଯୁକ୍ତ ଅନୀଲ ଧୀରଙ୍କ ସହ ବିଶିଷ୍ଟ ଐତିହାସିକ ଡ. ଲଲାଟେନ୍ଦୁ ଦାଶ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବୈଠକରେ ଇନଟାକର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋଚନା ହୋଇଥିଲା। ଶ୍ରୀଯୁକ୍ତ ଅନୀଲ ଧୀର ସୁବର୍ଣ୍ଣପୁରର ପ୍ରସିଦ୍ଧ ଓ ଅନନ୍ୟ ଲଙ୍କାପୋଡ଼ି ଉତ୍ସବକୁ ଚଳିତ ବର୍ଷ ଭୁବନେଶ୍ୱରରେ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ଉପସ୍ଥିତ ସମସ୍ତ ସଦସ୍ୟ ସ୍ୱାଗତ କରିଥିଲେ ଏବଂ ଏହାକୁ ଭବ୍ୟ ଆୟୋଜନ ସହ ରାଜଧାନୀରେ କରିବାକୁ ସମସ୍ତେ ଆଗ୍ରହ ପ୍ରକାଶ କରିଥିଲେ। ଏହା ସହ ସୁବର୍ଣ୍ଣପୁର ଶାଖା ପାଇଁ ନୂତନ ସଦସ୍ୟ ଗ୍ରହଣ କରିବାକୁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବୈଠକରେ ଇନଟାକର ଆଜୀବନ ସଦସ୍ୟ ଗଦାଧର ବାରିକ, ସୌରଭ ରଂଜନ ଖମାରୀ, ବିଭୂତି ଭୂଷଣ ଓତା, ଦେବକୀ ନନ୍ଦନ ମିଶ୍ର ପ୍ରମୂଖ ଉପସ୍ଥିତ ଥିଲେ। ଇନଟାକ ସୋନପୁର ଶାଖାର ସହ ଆବାହକ ବନମାଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିକୁଟେଶ୍ୱର ମହାଦେବଙ୍କ ଜାଗର ଯାତ୍ରାରେ ଅନ୍ନଛତ୍ର



**ବୈଶିଙ୍ଗା,୧୬।୨(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଗ୍ରାମରେ ଅବସ୍ଥାପିତ ବାବା ତ୍ରିକୁଟେଶ୍ୱର ମହାଦେବଙ୍କ ୩ ଦିନିଆ ଜାଗର ମେଳାର ସୋମବାର ଦ୍ୱିତୀୟ ଦିବସରେ ବାବାଙ୍କ ପୀଠରେ ଅନ୍ନଛତ୍ର ବ୍ୟବସ୍ଥା ପୂର୍ବବର୍ଷ ମାନଙ୍କ ଭଳି ହୋଇଥିଲା। ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ମିଶ୍ରଙ୍କ ସଂଯୋଜନା ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଯୁବକ ମାନଙ୍କ ସହଯୋଗରେ ମନ୍ଦିର ନିକଟରେ ଏହି ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା। ଦହିକୋଟୀ ବ୍ରାହ୍ମଣ ସାହି, ମହାନ୍ତ ସାହି ଓ ଭୂମିଜସାହି ବ୍ୟତିତ ଆଖପାଖ ୫ ଖଣ୍ଡ ଗ୍ରାମର ପୁରୁଷ, ମହିଳା ଓ ଯୁବକ ଯୁବତୀଙ୍କ ଭିଡ଼ ଲାଗିରହିଥିଲା। ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ଅନ୍ନଛତ୍ରରେ ସାମିଲ ହୋଇଥିଲେ। ଏହି ଅବସରରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସଞ୍ଜୟ ମିଶ୍ର, ସୀତାନାଥ ବେହେରା, ମଧୁସୂଦନ ମହାନ୍ତି, ଲିପୁନ ତ୍ରିପାଠୀ, ଅନୁପ କୁମାର ଓତା, ଭବାନୀ ଶଙ୍କର ମହାନ୍ତ, ଶିବଶଙ୍କର ମହାନ୍ତ, ରୂପରଞ୍ଜନ ମହାନ୍ତ, ଅନୁପମ ମିଶ୍ର, ଅଙ୍କିତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଏଭଳି ସାମୁହିକ କାର୍ଯ୍ୟ କାର୍ଯ୍ୟ କୁ ପୂର୍ବତନ ବିଧାୟକ ଶ୍ରୀ ପାତ୍ର ଉଚ୍ଚ ପ୍ରଶଂସା କରିବା ସହ ସୌରଭ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ।

● ଅଲ୍ ଇଣ୍ଡିଆ ରମଧୁନ କପ୍ ଫୁଟବଲ୍‌ର ଉଦଘାଟନୀ

## ଟ୍ରାଇ ବ୍ରେକରରେ କଲିକତା ୩-୨ ଗୋଲ୍‌ରେ ବିଜୟୀ

**ସୁବର୍ଣ୍ଣପୁର,୧୬।୨(ସଂଚାର ବ୍ୟୁରୋ):** ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ୧୭ ତମ ସର୍ବ ଭାରତୀୟ ରାମଧୂନ୍ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। କନ୍ଧମାଳ ଏଫ୍ ସି ଦଳ ଓ କଲିକତା ବେଙ୍ଗଲି ଏକାଡେମୀ ଦଳ ମଧରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ମୁଖ୍ୟ ଅତିଥି ଭାବେ, ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆୟୋଜକ ଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ତାମସି ତାମସ୍ମିତା ନାଏକ, ଉପ ଅଧକ୍ଷା ମଲ୍ଲିକା ଦାନୀ, ସମାଜ ସେବୀ ଶ୍ରୀବସ୍ତ ମଲ୍ଲିକ, ପୌର ପରିଷଦ ପ୍ରାକ୍ତନ ଅଧକ୍ଷା କଇରୁ ସ୍ୱାଇଁ, ଶ୍ରମିକ ନେତା ଗୋବିନ୍ଦ ମହାରଣା, କ୍ରିଡ଼ା ସଂଘ କାର୍ଯ୍ୟ କାରିଣୀ ସଦସ୍ୟ ଆଦିତ୍ୟ କିଶୋର ଦାନୀ, ଜିତେନ୍ଦ୍ର ସାହୁ, କଲିକତା ଦଳ ର ଫ୍ରାଞ୍ଚାଇଜ୍ ପ୍ଲାବନ ମହାପାତ୍ର, କନ୍ଧମାଳ ଦଳ ର ଫ୍ରାଞ୍ଚାଇଜ୍ ନିଶାନ୍ତ ମହାନ୍ତି ଯୋଗ ଦେଇ ଖେଳାଳୀ ଆୟୋଜକ ଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ମୁଖ୍ୟ ରେଫରି ଭାବେ ସଞ୍ଜୀବ ସାହୁ, ସହଯୋଗୀ ରେଫରୀ ଭାବେ ଜିତୁ ପାତ୍ର, ସଞ୍ଜନ ସାହୁ, ଭୁକୁଲୁ ବକ୍ସି, ବିଦ୍ୟାଧର ମିଶ୍ର, ଓ ଫୋର୍ଥ ରେଫରି ଭାବେ ସୁଶାନ୍ତ ବାଗ ସହଯୋଗ୍ କରିଥିଲେ। ଅତିଥି ଓ ଭେଟରାନ କ୍ରିଡାବିତ୍ ମାନଙ୍କ ସହିତ ଦର୍ଶକ ଖେଳ କୁ ଉପଭୋଗ କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଖେଳ ର ଶେଷ ଯାଏ ଉଭୟ ଦଳ ୧-୧ ଗୋଲ୍ ସ୍କୋର କରି ଖେଳ ବରାବର ହୋଇଥିଲା ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼,୧୬।୨(ସଂଚାର ବ୍ୟୁରୋ):** ରାଜଗାଙ୍ଗପୁର ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌର ଯୋଗ ଦେଇ ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୯୪ ଗୋଟି ଅଭିଯୋଗ ମଧ୍ୟରୁ ୪୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା



ବେଳେ ୪୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୬ ଗୋଟି ଅଭିଯୋଗ ଗୁଡ଼ିକର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୩ ଗୋଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀ, ସଦର ଉପ ଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା, ପିଏଆଇଟିଡିଏ ଧିରେନ୍ଦ୍ର ସେଠୀ ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ଠିକାଦାର ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

**ବାଲିଆପାଳ,୧୬।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବ ଯୋଗୁଁ ରାଜ୍ୟ, ଜିଲ୍ଲା, ବ୍ଲକରେ ଥିବା ଠିକାଦାର ସଂଘ ପକ୍ଷରୁ ଫେବୃଆରୀ ୨୦ ତାରିଖ ରେ ହେବାକୁ ଥିବା ଭୁବନେଶ୍ୱର ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ସୋମବାର ବାଲିଆପାଳ ଜୋନ ଠିକାଦାର ସଂଘ ପକ୍ଷରୁ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଆନ୍ଦୋଳନକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଚନା ଅନୁସାରେ ବିଜେଡି ସରକାର ଥିବା ସମୟରେ ୨୦୧୯ ମସିହାରେ ରୟାଲଟିର ସଂସୋଧନ ପାଇଁ ଠିକାଦାର ସଂଘ ପକ୍ଷରୁ ରାଜ୍ୟ ବ୍ୟାପୀ ୧୦ ଦଫା



ଦାବି ନେଇ ଆନ୍ଦୋଳନ ତୀବ୍ର କରାଯାଇଥିଲା। ତନ୍ମଧ୍ୟରୁ ସରକାର ଗୋଟିଏ ଦାବି ଦୀର୍ଘ ଦିନ ପରେ ପୂରଣ କରିଥିବା ବେଳେ ଅନ୍ୟ ଦାବି ଗୁଡିକ ଭୃକ୍ଷେପ କରିନଥିଲେ। ବିଜେପି ସରକାର ଆସିବା ପରେ ୩/୧/୨୦୨୬ ରେ ନଟିଫିକେସନ ଜରିଆରେ ୧୪.୯୯ ପରସେଣ୍ଟ ରହିଥିବା ଧାର୍ଯ୍ୟ କୁ ସରକାର ଉଚ୍ଛେଦ କରିଛନ୍ତି। ଯାହା ଫଳରେ ଠିକାଦାର ମାନେ ବହୁ ଲସରେ କାମ ପାଇବେ।ଏହା ଫଳରେ କାର୍ଯ୍ୟର ଗୁଣାତ୍ମକ ମାନ କମିବା ସହିତ ନିମ୍ନ ମାନର ହେବ ଏଥିରେ ସନ୍ଦେହ ନାହିଁ। ସରକାର ଜାରି କରିଥିବା ନୋଟିଫିକେସ କୁ ଉଚ୍ଛେଦ କରନ୍ତୁ ଏବଂ ସର୍ବନିମ୍ନ ଲେସ କୁ ଧାର୍ଯ୍ୟ କରାଯିବା ସହିତ ଅନ୍ୟ ଦାବି ଗୁଡିକ ପୂରଣ ପାଇଁ ସରକାର ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

**ଚମ୍ପୁଆ,୧୬।୨(ସଂଚାର ବ୍ୟୁରୋ):** ଚମ୍ପୁଆ ନିକଟବର୍ତ୍ତି ଝାଡ଼ଖଣ୍ଡ ଜଗନ୍ନାଥପୁର ଥାନା ଅନ୍ତର୍ଗତ ସିଆଲଯୋଡା ଠାରେ ବାଇକ ଦୁର୍ଘଟଣାରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣା ପଡ଼ିଛି। ମୃତକ ଜଣକ ହେଲେ ଚମ୍ପୁଆ ଧଳାଡିହର ପ୍ରଶାନ୍ତ ଗିରି ଓ ଗୁରୁତର ଆହତ ଜଣକ ହେଲେ ଚମ୍ପୁଆ ଏଲଆଇସି କୋଲୋନୀର ରଜତ ରଜକ। ଦୁହେଁ ଗତକାଲି ବାଇକ ଯୋଗେ ନିକଟସ୍ଥ ରାମତୀର୍ଥ ଶିବମନ୍ଦିରକୁ ଜାଗର ଜାଳିବାକୁ ଯାଇ ରାତିରେ ଆଉ ଫେରିନଥିଲେ। ଆଜି ସକାଳୁ ସିଆଲଯୋଡା ନିକଟରେ ରାସ୍ତା କଡ଼ରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଖବର ଦେବା ପରେ ତାଙ୍କୁ ଚମ୍ପୁଆ ଡାକ୍ତରଖାନା ଅଣାଯାଇଥିଲା।

## ବାବା ମଧୁବନ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବାଲିପାଟଣା,୧୬।୨(ସଂଚାର ବ୍ୟୁରୋ):** ବାବା ମଧୁବନ ଙ୍କ ପୀଠରେ ଆଜି ୫ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଅଛି।ଗୁରୁବାର ଅଙ୍କୁରାଧୀବାସ, ଶୁକ୍ରବାର କଳସ ଯାତ୍ରା ଓ ଅଗ୍ନିସ୍ଥାପନ, ଶନିବାର ନାମ ଯଜ୍ଞ ଓ ରବିବାର ଦିନ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହୋଇଥିଲା।ପୂର୍ଣ୍ଣାହୂତି ରେ ୧୫ହଜାର ରୁ ଅଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।ଶେଷ ଦିନ ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା ମଧ କରାଯାଇଥିଲା। ଯଜ୍ଞରେ ଭକ୍ତମାନେ ଯୋଗଦେଇ ଠାକୁର ଙ୍କ ଅପାର କରୁଣା ଲାଭ କରିଥିଲେ। ଏହି ଯଜ୍ଞରେ ମଠର ମଦନ ସାହୁ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିବା ବେଳେ ତରଡପଡ଼ା ଗ୍ରାମବାସୀ ବୃଦ୍ଧ ଯଜ୍ଞ ରେ ସହଯୋଗ କରିଥିଲେ।

## ଦେବଗିରି ମଠରେ ମହାକାଳ ଯଜ୍ଞ



**ନର୍ଲା,୧୬।୨(ସଂଚାର ବ୍ୟୁରୋ):** ବୁଢ଼ୀପଦର ସ୍ଥିତ ଐତିହାସିକ ଦେବଗିରି ମଠରେ ମହାଶିବରାତ୍ରୀ ଅବସରରେ ମହାକାଳ ଯଜ୍ଞ, ଶନି ଦେବଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ଅନନ୍ତକାଳ ଭୋଗ ଦାନ ଗ୍ରହଣର ଶୁଭାରମ୍ଭ ହୋଇଯାଇଛି। ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀଙ୍କ ଅଧକ୍ଷତାରେ ଆୟୋଜିତ ଅନନ୍ତକାଳ ଭୋଗ ଦାନ ଗ୍ରହଣ କାର୍ଯ୍ୟକ୍ରମରେ ଅତିଥି ଭାବେ ନର୍ଲା ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ନର୍ଲା ଥାନା ଭାରପ୍ରାପ୍ତ ଅଧିକାରୀଣୀ ଏସ୍. ପ୍ରଧାନ, ଏସଏସଆଇ ଅବନୀ ରଞ୍ଜନ ଖୁରା, ନର୍ଲା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ପଧାନ, ରାକ୍ସି ସରପଞ୍ଚ ଯେମନ୍ତ ପୋଢ, ସମିତିସଭ୍ୟ ଚୁମନ ଭୋଇ, ସମାଜସେବୀ ପ୍ରଦ୍ୟୁମ୍ନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ସଞ୍ଜୟ ଧଙ୍ଗଡ଼ାମାଝୀ। ଯଜ୍ଞ କର୍ତ୍ତା ଭାବେ ବିଜୟ ଧଙ୍ଗଡ଼ାମାଝୀ ଓ ତାଙ୍କ ଧର୍ମପତ୍ନୀ ଚନ୍ଦ୍ରମାଁ ଧଙ୍ଗଡ଼ାମାଝୀ ଥିବାବେଳେ ସନ୍ତୋଷ ପାଢ଼ୀ ପୂଜକ ଦାଇତ୍ୱ ନିର୍ବାହ କରିଥିଲେ। ରାତି ୧୧.୪୫ ରେ ମହାଦୀପ ଉଠିଥିଲା। ଟ୍ରଷ୍ଟ ବୋର୍ଡ ସଦସ୍ୟ ବିଷ୍ଣୁ ଗଉଡ, ରଜନୀ ଗଉଡ, ପ୍ରଦୀପ ଧଙ୍ଗଡ଼ାମାଝୀ, ଦେବ ଗଉଡ, ଶତ୍ରୁଘ୍ନ ଧଙ୍ଗଡ଼ାମାଝୀ, ଭରତ ଧଙ୍ଗଡ଼ାମାଝୀ, ତପିବର ଦାସ, ଲୋକନାଥ ଗଉଡ, ସୁରେନ୍ଦ୍ର ମାଝୀଙ୍କ ସମେତ ପୂର୍ବା ଗଉଡ, ଧନେ ହେର୍ଣ୍ଣା, ଅଶୋକ ଧଙ୍ଗଡ଼ାମାଝୀ, ଆଦି ଗଉଡ, ମଠର ଗୋପାଳ ସେବକ ଟିକେ ଗଉଡ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦାୟକାଳୀନ ସଭା ଓ ଜ୍ଞାନ ସମୀକ୍ଷା ଆଲୋଚନାଚକ୍ର



**ନୀଳଗିରି,୧୬।୨(ସଂଚାର ବ୍ୟୁରୋ):** ନୀଳଗିରି ସହର ସ୍ଥିତ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଡିଭାଇନ ଏଜୁକେଶନାଲଆଣ୍ଡଚାରିଟେବୁଲଟ୍ରଷ୍ଟ ପକ୍ଷରୁ ଡିଭାଇନ ଟ୍ୟୁଟୋରିଆଲ ପ୍ରାଙ୍ଗଣରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ ମାନଙ୍କୁ ବିଦାୟକାଳୀନ ସଭା ଓ ଜ୍ଞାନ ସମୀକ୍ଷା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଖଣ୍ଡ ଥାନା ଅଧିକାରୀ ପ୍ରମୋଦ କୁମାରମଲ୍ଲିକଯୋଗଦେଇ ଶ୍ରୀ ଜଗନ୍ନାଥ ଓ ଶ୍ରୀସତ୍ୟସାଇବାବା ଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ଉତ୍ତୋରୋତ୍ତର ଉନ୍ନତି କାମନା କରିଥିଲେ। ଏକୋନିଷ୍ଠ ଉଦ୍ୟମ ହିଁ ଆଣିଦେଇଥାଏସଫଳତାର ଚାବିକାଠି। ଶିକ୍ଷାର ମୂଳ ତତ୍ତ୍ୱ ଏକ ଦୃଢ଼ ଘରର ମୂଳଦୁଆ ସହିତ ସମାନ, ଶିକ୍ଷା ହିଁ ଭବିଷ୍ୟତର ଏକ ବିରାଟ ଦୃଢ ପାଚେରୀ ତିଆରି କରି ପାରିବ, ଯାହା ନିଜକୁ ଓ ପରିବାରକୁ ସୁନ୍ଦର ସୁରକ୍ଷା ଦେଇ ପାରିବ। ଏହି ଶିକ୍ଷା ଅନୁଷ୍ଠାନର ମହକ ଅତି ଉନ୍ନତ। ସେଥି ନିମନ୍ତେ ପିଲାମାନେ ତାଙ୍କ ଅନୁଭୂତି ରେ ଶିକ୍ଷା ଅନୁଷ୍ଠାନକୁ ସର୍ବୋଚ୍ଚ ସ୍ଥାନ ଦେଇଛନ୍ତି। ତେଣୁ ନିଜର ପରିଭାଷା ରେ ଶିକ୍ଷା ଅନୁଷ୍ଠାନକୁ ପ୍ରଂଶସ କରିଥିଲେ। ସଂସ୍ଥାର ଅଧକ୍ଷ୍ୟ ସୁଶାନ୍ତ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁନିମନ୍ତ୍ରିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

## ପୂଜା ସାରି ଫେରିବା ବେଳକୁ ବାଇକ୍ ଚୋରି

**ନାଉଗାଁ,୧୬।୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ନନ୍ଦିଗ୍ରାମକୁ ଜାଗରଯାତ୍ରା ଦେଖିବା ପାଇଁ ଯାଇଥିବା ବେଳେ ଗାଡି ଚୋରି ଯାଇଥିବା ନେଇ ସୋମବାର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକାରୀ ହେଉଛନ୍ତି ଗୋଠଦା ଗ୍ରାମର ତ୍ରିଲୋଚନ ଗୋଚ୍ଛାୟତ। ତ୍ରିଲୋଚନଙ୍କ ଅଭିଯୋଗକ୍ରମେ ସେ ଓ ତାଙ୍କ ପରିବାର ନନ୍ଦିକେଶ୍ୱର ପୀଠକୁ ଜାଗର ଦେଖିବା ପାଇଁ ଯାଇଥିଲେ। ରାତ୍ରି ପ୍ରାୟ ସାଢେ ୧୦ଟା ସମୟରେ ମନ୍ଦିରରେ ପୂଜା ସାରି ଫେରିବା ବେଳେ ତାଙ୍କ ହିରୋହୁଣ୍ଡା ବାଇକ୍ ଟିକୁ ପାଇ ନଥିଲେ। ଗାଡିଟିକୁ ସେ ଗ୍ରାମର ପ୍ରବେଶ ପଥ ପାଣି ଟାଙ୍କି ପାଖରେ ରଖିଥିଲେ। ଗାଡିଟି ନ ପାଇବାରୁ ସେ ଗ୍ରାମ୍ୟ କମିଟି ଓ ସେଠାରେ ଥିବା ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ଥାନା ପକ୍ଷରୁ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

# କାର୍ଯ୍ୟକ୍ଷମ ହେଲା ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର

### ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ସହ ଅପରାଧିକ ଗତିବିଧି ଉପରେ ନଜର ରଖିବାରେ ହେବ ସହାୟକ

**ସୁନ୍ଦରଗଡ଼,୧୬।୨(ସଂଚାର ବ୍ୟୁରୋ):** ରାଉରକେଲା ୱାନ ପରିସରରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ତରଫରୁ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି। ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା ରାଉରକେଲା ସ୍ମାର୍ଟ ସିଟି ସିଇଓ ସୁଶ୍ରୀ ଦୀନା ଦସ୍ତଗୀର୍ ସୋମବାର ଏହି କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହି ବ୍ୟବସ୍ଥା ସହରରେ



ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ଶାନ୍ତି ଶୃଙ୍ଖଳା ରକ୍ଷା, ଅପରାଧିକ ଗତିବିଧି ଉପରେ ନଜର ରଖିବାରେ ବିଶେଷ ସହାୟକ ହେବ। ରାଉରକେଲା ସହରରେ ୧୩ଟି ସ୍ଥାନରେ ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ୍ ରହିଥିବା ବେଳେ ୪ଟି ସ୍ଥାନରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ସେଗୁଡିକ ହେଲା ଆମ୍ବାଗାନ୍, ଡିଏଭି ଛକ, ଟ୍ରାଫିକ୍ ଛକ, ଗଡ଼ିଆଟୋଲା। ଏହି ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ୍ କାର୍ଯ୍ୟକାରୀ ହେବା ଫଳରେ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ହେବା ସହ ଅତ୍ୟାଧୁନିକ ଭାବେ ଟ୍ରାଫିକ୍ ନିୟନ୍ତ୍ରଣ ସ୍ୱୟଂଚାଳିତ ଭାବରେ କରାଯାଇ ପାରିବ।